ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in ● e-paper.dumanikhabar.in

DUMANI TV

Follow us:

ବର୍ଷ-୬ ସଂଖ୍ୟା-୫୨ | ଗୁରୁବାର | ୧୫ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-52 | Thursday | 15 May 2025 | Bhubaneswar | Pages-8 | Rs. 2.00

# ୬ଟି ପ୍ରସ୍ତାବକୁ କ୍ୟାବିନେଟ ମୋହର

## ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ୧୧.୨୫% ଆସନ ସଂରକ୍ଷଣ ଲାଗୁ



**ଭୁବନେଶ୍ୱର, ୧୪।୫ (ଡିକେ ନ୍ୟୁଜ୍):** ରାଜ୍ୟ କ୍ୟାବିନେଟ୍ ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଶିକ୍ଷାନୁଷ୍ଠାନ ଗୁଡିକରେ ନୂଆ ସଂରକ୍ଷଣ ନିୟମ ଲାଗୁ କରିବା ନେଇ ପ୍ରସ୍ତାବ ଉପରେ କ୍ୟାବିନେଟର ମୋହର ବାଜିଥିବା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗକୁ ସଂରକ୍ଷଣ ମିଳିବ। ସେହିପରି ଅନୁସୂଚିତ ଜାତି ଓ ଜନଜାତି ପାଇଁ ପୂର୍ବରୁ ଯାହା ସଂରକ୍ଷଣ ବ୍ୟବସ୍ଥା ଥିଲା ତାହା ବଳବତର ରହିବ ବୋଲି ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ।ସେହିପରି ରାଜ୍ୟରେ ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାଲାଗୁ ହେବ। ଝିଅ ଜନ୍ମ ହେଲେ ମହିଳା ପୂର୍ବରୁ ୧୦ ହଜାର ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧୨ ହଜାର ଟଙ୍କା ପାଇବେ। ଅଙ୍ଗନବାଡି କର୍ମୀଙ୍କୁ ୨୫୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯିବ ଏବଂ ଅଙ୍ଗନବାଡି ସହାୟିକାଙ୍କୁ ୧୫୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାକୁ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ପ୍ରସ୍ତାବ ରାଜ୍ୟ କ୍ୟାବିନେଟ୍ ରେପାରିତ ହୋଇଛି। ବିଭିନ୍ନ ପଦବୀରେ ଥିବା ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ, ୨୦୨୨ ର ସଂଶୋଧନ କରାଯାଇଛି। ଏହି ସଂଶୋଧନ ଅନୁଯାୟୀ ଟ୍ରାଫିକ୍ ସବ୍-ଇନ୍ସପେକ୍ଟର ପଦବୀ ଏବଂ ଏକ୍ସାଇଜ୍ ସବ୍- ଇନ୍ସପେକ୍ଟର ପଦବୀ ଗୁଡିକ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ,୨୦୨୨ର ସିଡ୍ୟୁଲ -୧ ରେ ଅନ୍ତର୍ଭୁକ୍ତ କରାଯାଇଛି।ଏଥିରେ ଅଗ୍ନିଶମ ସେବା, ହୋମ ଗାର୍ଡ ଏବଂ ସିଭିଲ୍ ଡିଫେନ୍ସ,ଗୃହ (ସିଭିଲ୍ ଡିଫେନ୍ସ) ବିଭାଗର ମହାନିର୍ଦ୍ଦେଶକଙ୍କ ଅଧୀନରେ ଥିଫବା ନାଗରିକ ପ୍ରତିରକ୍ଷା ପ୍ରଶିକ୍ଷକ/ସିନିୟରଷ୍ଟୋର ଇନ୍ସପେକ୍ଟରପଦବୀ ମଧ୍ୟ ସିଡ୍ୟୁଲ -୧ ରେ ଅନ୍ତର୍ଭୂକ୍ତ କରାଯାଇଛି । ଏହାଦ୍ୱାରା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ଉପରୋକ୍ତ ପଦବୀଗୁଡ଼ିକୁ ମିଳିତ ନିଯୁକ୍ତି ପରୀକ୍ଷାରେ ପରିଚାଳନା କରିପାରିବେ। ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ, ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ୧୧.୨୫% ଆସନ ସଂରକ୍ଷଣ ଲାଗୁ କରାଯିବ। ଏହି ନୀତି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳନ କରାଯିବ। ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବିଭାଗ *ପୃଷ୍ଠା ୭ ଦେଖନ୍ତୁ...*

# ଦେଶର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ବି.ଆର୍ ଗଭାଇ



**ନୂଆଦିଲ୍ଲୀ, ୧୪।୫ (ହି.ସ):** ସୁପ୍ରିମକୋର୍ଟର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଇଛନ୍ତି ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇ। ଆଜି ରାଷ୍ଟ୍ରପତି ଭବନରେ ଆୟୋଜିତ ଶପଥ ଗ୍ରହଣ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଜଷ୍ଟିସ୍ ବି.ଆର୍ ଗଭାଇଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ଶପଥ ଗ୍ରହଣ ସମାରୋହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇଙ୍କ କାର୍ଯ୍ୟକାଳ ସୀମିତ ସମୟ ପାଇଁ ରହିବ। ୬ ମାସ ପରେ ନଭେମ୍ବରରେ ସେ ଅବସରଗ୍ରହଣ କରିବେ। ଜଷ୍ଟିସ କେଜି ବାଲାକୃଷ୍ଣଙ୍କ ପରେ ଦ୍ୱିତୀୟ ଦଳିତ ବିଚାରପତି ଭାବେ ସେ ଦେଶର ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେଇଛନ୍ତି। ମହରାଷ୍ଟ୍ର ଅମରାବତୀର ଜଷ୍ଟିସ ଗଭାଇ ୧୯୮୫ରେ ଓକିଲ ସଂଘରେ ସାମିଲ ହୋଇଥିଲେ। ସେ ଓକିଲ ତଥା ପୂର୍ବତନ ଆଡଭୋକେଟ ଜେନେରାଲ ଏବଂ ମହାରାଷ୍ଟ୍ର ହାଇକୋର୍ଟର ପୂର୍ବତନ ବିଚାରପତି ରାଜା ଭୋସଁଲେଙ୍କ ସହ କାମ କରିଥିଲେ। ପରେ ୧୯୮୭ରୁ ୧୯୯୦ ପର୍ଯ୍ୟନ୍ତ ସେ ସ୍ୱାଧୀନ ଭାବେ ଓକିଲାତି କରିଥିଲେ। ୧୯୯୨ ଅଗଷ୍ଟରେ ତାଙ୍କୁ ଅତିରିକ୍ତ ସରକାରୀ ଓକିଲ, ୨୦୦୩ରେ ହାଇକୋର୍ଟର ଅତିରିକ୍ତ ବିଚାରପତି ଏବଂ ୨୦୦୫ରେ ସ୍ଥାୟୀ ବିଚାରପତି ନିଯୁକ୍ତ କରା ଯାଇଥିଲା। ଜଷ୍ଟିସ ଗଭାଇ ୨୦୧୯ରେ ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇଥିଲେ। ସେ ସର୍ବୋଚ୍ଚ ନ୍ୟାୟାଳୟର ବିଭିନ୍ନ ଖଣ୍ଡପୀଠରେ ସାମିଲ ହୋଇ ଅନେକ ଐତିହାସିକ ରାୟ ଶୁଣାଇଛନ୍ତି।

## ଅପରେସନ୍ ସିନ୍ଦୁର'ର ସଫଳତା : ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ତ୍ରିରଙ୍ଗା ବାଇକ୍ ଯାତ୍ରା

# ଶତ୍ରୁର ପ୍ରତ୍ୟେକ ଆହ୍ୱାନର ଉଚିତ୍ ଜବାବ ଦେବା ପାଇଁ ଆମ ସେନାବାହିନୀ ସଂପୂର୍ଣ୍ଣ ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧୪।୫ (ଡିକେ ନ୍ୟୁଜ୍):** ଆତଙ୍କବାଦ ବିରୋଧୀ ଅଭିଯାନ, ଅପରେସନ୍ ସିନ୍ଦୁର'ର ସଫଳତା ପରେ ଆଜି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମ ଠାରେ ଏକ ତ୍ରିରଙ୍ଗା ବାଇକ୍ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି ବାଇକ୍ ଯାତ୍ରାକୁ ପତାକା ଦେଖାଇ ଉଦ୍ଘାଟନ କରିଥିଲେ। ଏହି ଯାତ୍ରା, ସକାଳ ୮ଟାରେ କଳିଙ୍ଗ ଷ୍ଟାଡିଅମ ଠାରୁ ଆରମ୍ଭ ହୋଇ ରାଜଭବନ ପର୍ଯ୍ୟନ୍ତ ହୋଇଥିବା ବେଳେ, ପୋଲିସ ବାହିନୀ, ସୁରକ୍ଷା ବାହିନୀ, ଲୋକପ୍ରତିନିଧି ଏବଂ ସାଧାରଣ ଜନତା ଏହି ରାଲିରେ, ନିଜ ସହିତ ତ୍ରିରଙ୍ଗା ପତାକା ଧରି ବାଇକ ଚଳାଇ ବନ୍ଦେ ମା ତରଂ ଧ୍ୱନି ଦେଇ ସହର ପରିକ୍ରମା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେଯେ, ଅପରେସନ୍ ସିନ୍ଦୁର'ର ସଫଳତା ପରେ ଆଜିର ଏହି ତ୍ରିରଙ୍ଗା ବାଇକ୍ ଯାତ୍ରା ଆତଙ୍କବାଦ ବିରୁଦ୍ଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ। ଜାତି, ଧର୍ମ ନିର୍ବିଶେଷରେ ସବୁ ଭାରତୀୟ ତ୍ରିରଙ୍ଗା ତଳେ, ଯେତେବେଳେ ଏକଜୁଟ୍ ହେବେ, ସେତେବେଳେ କୌଣସି ଶକ୍ତି ଆମ ବିରୁଦ୍ଧରେ ସଫଳ ହେବେ ନାହିଁ । ତ୍ରିରଙ୍ଗାର ତିନି ରଙ୍ଗ ଆମକୁ ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟର ଆଦର୍ଶରେ ଅନୁପ୍ରାଣୀତ କରିଥାଏ। ଆମ ଜାତୀୟ ପତାକା ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୁକସାକ୍ଷୀ । ଗତବର୍ଷ ଅଗଷ୍ଟ ୧୪ ତାରିଖରେ ମଧ୍ୟ ତ୍ରିରଙ୍ଗା ଯାତ୍ରାରେ ମୁଁ ଯୋଗ ଦେଇଥିଲି। ସମସ୍ତଙ୍କ ଭିତରେ ଥିବା ଅଭୂତପୂର୍ବ ଉତ୍ସାହକୁ ଦେଖି ମୁଁ ନିଜେ ମଧ୍ୟ ଖୁବ୍ ଉତ୍ସାହିତ ହୋଇଥିଲି। ଆଜି ମଧ୍ୟ ଠିକ୍ ସେହିଭଳି ପରିସ୍ଥିତି ଆସିଛି। ଅପରେସନ୍ ସିନ୍ଦୁର'ର ସଫଳତା ଆମର ମା'ମାନଙ୍କ ଓ ଭଉଣୀମାନଙ୍କ ସଂକଳ୍ପର ସଫଳତା। ଆମର ସେନାବାହିନୀର ବୀର ଜବାନମାନେ ସିନ୍ଦୁର'ର ମର୍ଯ୍ୟାଦା ରଖିଛନ୍ତି। ସେଥିପାଇଁ ମୁଁ ଆମ ଦେଶର ବୀର ଜବାନ ମାନଙ୍କୁ ପୁଣି ଥରେ ହୃଦୟରୁ *ପୃଷ୍ଠା ୭ ଦେଖନ୍ତୁ...*

## କେନ୍ଦ୍ର କ୍ୟାବିନେଟର ବଡ଼ ନିଷ୍ପତ୍ତି, ୟୁପିର ଜେୱାରରେ ଦେଶର ଷଷ୍ଠ ସେମିକଣ୍ଡକ୍ଟର ପ୍ଲାଣ୍ଟ ହେବେ ନିର୍ମାଣ

**ନୂଆଦିଲ୍ଲୀ, ୧୪।୫ (ହି.ସ):** କେନ୍ଦ୍ର ସରକାର ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଉତର ପ୍ରଦେଶରେ ଆଉ ଏକ 'ସେମିକଣ୍ଡକ୍ଟର ୟୁନିଟ୍' ପ୍ରତିଷ୍ଠାକୁ ଅନୁମୋଦନ କରିଛନ୍ତି। ଏହି ୟୁନିଟ୍ ପ୍ରତିଷ୍ଠା ହେବା ଦ୍ୱାରା ଦେଶରେ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଦେଶର ଷଷ୍ଠ ସେମିକଣ୍ଡକ୍ଟର ପ୍ଲାଂଟ ସ୍ଥାପନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏହି ୟୁନିଟ୍ ହେଉଛି ଏଚିସିଲ ଏବଂ ଫ୍ରାକ୍ସକାନ୍‌ର *ପୃଷ୍ଠା ୭ ଦେଖନ୍ତୁ...*

# ରାଷ୍ଟ୍ରପତିଙ୍କୁ ଭେଟି ଅପରେସନ ସିନ୍ଦୂର ସଂପର୍କରେ ସୂଚନା ଦେଲେ ସେନା ମୁଖ୍ୟ



**ନୂଆଦିଲ୍ଲୀ, ୧୪।୫ (ହି.ସ):** ସିଡିଏସଙ୍କ ସହିତ ତିନି ସେନା ମୁଖ୍ୟ ରାଷ୍ଟ୍ରପତିଙ୍କୁ ଭେଟି ତାଙ୍କୁ ଆତଙ୍କବାଦ ବିରୁଦ୍ଧରେ ଭାରତର ସଫଳ ଅପରେସନ ସିନ୍ଦୂର ସଂର୍ପକରେ ସୂଚନା ଦେଇଛନ୍ତି। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ) ଜେନେରାଲ୍ ଅନିଲ ଚୌହ୍ୱାନ, ସ୍ଥଳସେନା ପ୍ରମୁଖ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ପ୍ରମୁଖ ଏୟାର୍ ଚିଫ୍ ମାର୍ଶାଲ୍ ଏ.ପି. ସିଂହ ଓ ନୌସେନା ପ୍ରମୁଖ ଆଡମିରାଲ୍ ଦିନେଶ କେ. ତ୍ରିପାଠୀ ବୁଧବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ। ରାଷ୍ଟ୍ରପତି ଭାରତୀୟ ସଶସ୍ତ୍ର ବଳର କମାଣ୍ଡର-ଇନ୍-ଚିଫ୍ ଅଛନ୍ତି। ରାଷ୍ଟ୍ରପତି ଭବନ ଅନୁଯାୟୀ, ଏହି ସାକ୍ଷାତକାର ସମୟରେ ରାଷ୍ଟ୍ରପତି ଭାରତୀୟ ସଶସ୍ତ୍ର ବଳର ବୀରତା ଓ ସମର୍ପଣର ପ୍ରଶଂସା କରି କହିଛନ୍ତି ଯେ, ସେମାନଙ୍କର ପରାକ୍ରମ ଭାରତର ସଙ୍ଗଠିତ ଆତଙ୍କବାଦ ବିରୋଧୀ ପ୍ରତିକ୍ରିୟାକୁ ଏକ ଶ୍ରେଷ୍ଠ ସଫଳତାରେ ପରିଣତ କରିଛି।

## ବଢ଼ିଛି ଶ୍ରୀମନ୍ଦିର ସୁରକ୍ଷା: ବ୍ଲକିଂ ଓ ଚେକିଂ କଡ଼ାକଡ଼ି

**ପୁରୀ, ୧୪।୫ (ଡିକେ ନ୍ୟୁଜ୍):** ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ଓ ସମଗ୍ର ପୁରୀ ସହରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବୁଲେଟ ପ୍ରୁଫ ରକ୍ଷକ ଗାଡିକୁ ନିୟୋଜିତ କରାଯାଇଛି। ଯେ କୌଣସି ସମ୍ଭାବ୍ୟ ଆକ୍ରମଣର ମୁକାବିଲା କରିବା ପାଇଁ ଏହି ବୁଲେଟ ପ୍ରୁଫ ଗାଡ଼ିରେ ତାଲିମପ୍ରାପ୍ତ ସଶସ୍ତ୍ର କମାଣ୍ଡୋଙ୍କୁ ନିୟୋଜିତ କରାଯାଇଛି । ଉଭୟ ଦେଶ ଅସ୍ତ୍ରବିରତି ପାଇଁ ସହମତ ପରେ ସୀମାରେ ଗୁଳି ବିନିମୟ ବନ୍ଦ ରହିଥିଲେ ମଧ୍ୟ ଭାରତର ପ୍ରମୁଖ ସହର ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ ହାଇ ଆଲର୍ଟ ଜାରି କରାଯାଇଛି। ସେହି କ୍ରମରେ ପୁରୀ ସହରରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ବଢାଇ ଦିଆଯାଇଛି। ପୁରୀର ବିଭିନ୍ନ ସ୍ଥାନ ଓ ଶ୍ରୀମନ୍ଦିରର ପୋଲିସ ଛାଉଣୀରେ ପରିଣତ ହୋଇଛି। ପୁରୀ ଶ୍ରୀମନ୍ଦିରର ସୁରକ୍ଷା ଦାୟିତ୍ୱ ସ୍ୱତନ୍ତ୍ର ବାହିନୀକୁ ନ୍ୟସ୍ତ କରାଯାଇଛି। ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ପ୍ରାୟ ୨୪୦ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀଙ୍କୁ ଏଥିପାଇଁ ନିୟୋଜିତ କରାଯାଇଛି। ଶ୍ରୀମନ୍ଦିରର ଚାରି ଦ୍ୱାରରେ *ପୃଷ୍ଠା ୭ ଦେଖନ୍ତୁ...*




# ବ୍ରହ୍ମୋସର ସଫଳତାକୁ ନେଇ ସାରା ବିଶ୍ୱ ଚକ୍ତି




**ନୂଆଦିଲ୍ଲୀ, ୧୪।୫ (ହି.ସ):** ପାକିସ୍ତାନ ବିରୋଧରେ ଭାରତର ଅପରେସନ ସିନ୍ଦୂର ସମୟରେ ଭାରତୀୟ ସେନାର ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ସଫଳତା ବିଶ୍ୱର ବହୁ ଦେଶକୁ ଚକିତ କରିଦେଇଛି। ଏହି ଅପରେସନରେ ଭାରତୀୟ ସେନା ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଉପଯୋଗ କରି ପାକିସ୍ତାନର ସାଧାରଣ ଲୋକ କିମ୍ବା କୌଣସି ପ୍ରତିଷ୍ଠାନକୁ କ୍ଷତି ପହଞ୍ଚାଇବା ବିନା କେବଳ ଆତଙ୍କବାଦୀଙ୍କୁ ନିଶାଣ କରି ଯେଭଳି ସଫଳତା ହାସଲ କରିଛି ତାହା ବହୁ ଦେଶକୁ ସ୍ତବ୍ଧ କରିଦେଇଛି। ନିର୍ଭୁଲ ଏବଂ ପୂର୍ଣ୍ଣ ସଠିକତା ସହ ବ୍ରହ୍ମୋସ୍ ପାକିସ୍ତାନର ବହୁ ଆତଙ୍କବାଦୀ ଆଡ୍ଡାକୁ ଧୂଳିସାତ୍ କରିବା ସହିତ ଆକ୍ରମଣରେ ଶତାଧିକ ଆତଙ୍କବାଦୀଙ୍କୁ ନିପାତ କରିବା ଘଟଣା ଏହି କ୍ଷେପଣାସ୍ତ୍ର ପ୍ରତି ଚାହିଦା ବୃଦ୍ଧି କରିଛି। ରୁଷିଆ ସହଯୋଗରେ ଭାରତର ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ବିକାଶ କରିଥଲବା ବ୍ରହ୍ମୋସକୁ କ୍ଷେପଣାସ୍ତ୍ରେ ଜଳ, ସ୍ଥଳ ଏବଂ ଆକାଶ ମାର୍ଗରୁ ନିକ୍ଷେପ କରାଯାଇପାରିବା ସହିତ ଏହାର ସୁପରସୋନିକ ଗତି ଏବଂ ଲକ୍ଷ୍ୟସ୍ଥଳ ଭେଦ କରିବା କ୍ଷମତା ଅତୁଳନୀୟ ରହିଛି। ଯାହାକୁ ଭାରତୀୟ ସେନା ଅପରେସନ ସିନ୍ଦୁରରେ ପ୍ରମାଣିତ କରିଛି। ଏହାକୁ ଦୃଷ୍ଟିରେ ରଖି ଏବେ ଫିଲିଫାଇନ୍ସ ଠାରୁ ଆରମ୍ଭ କରି ଇଣ୍ଡୋନେସିଆ, *ପୃଷ୍ଠା ୭ ଦେଖନ୍ତୁ...*




# ଭାରତକୁ ବିଏସଏଫ୍ ଯବାନ ହସ୍ତାନ୍ତର କଲା ପାକିସ୍ତାନ




**ଚଣ୍ଡିଗଡ, ୧୪।୫ (ହି.ସ):** ପାକିସ୍ତାନ ପ୍ରାୟ ୨୧ ଦିନ ପରେ ବିଏସଏଫ ଯବାନଙ୍କୁ ଆଜି ଭାରତୀୟ ସେନାକୁ ହସ୍ତାନ୍ତର କରିଛି । ଅନେକ ଥର ଫ୍ଲାଗ ମିଟିଂ ପରେ ଆଜି ପାକିସ୍ତାନ ବିଏସଏଫ ଯବାନଙ୍କୁ ମୁକ୍ତ କରିବାକୁ ନିଷ୍ପତ୍ତି ନେଇଥିଲା। ପଶ୍ଚିମବଙ୍ଗର ଯବାନ ପୂରନମ କୁମାର ସା ଏପ୍ରିଲ ୨୩ରେ ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମା ନିକଟରେ ଗସ୍ତ କରୁଥିବାବେଳେ ଅଜାଣତରେ ସୀମା ଅତିକ୍ରମ କରିଥିଲେ। ଏହି ଘଟଣା ପଞ୍ଜାବର ଫିରୋଜପୁର ସେକ୍ଟର ନିକଟରେ ଘଟିଥିଲା। ସେ ବିଏସଏଫର ୭୩ତମ ବଟାଲିଅନରେ ନିଯୁକ୍ତ ଥିଲେ। ସୀମା ପାର କରିବା ମାତ୍ରେ ପାକିସ୍ତାନ ରେଞ୍ଜରମାନେ ତାଙ୍କୁ ଗିରଫ କରିଥିଲେ ଏବଂ ପଚରାଉଚରା ପାଇଁ ନିଜ ହେପାଜତକୁ ନେଇଥିଲେ। ଯବାନ ନିଖୋଜ ହେବା ପରେ ବିଏସଏଫ ପାକିସ୍ତାନ ରେଞ୍ଜରମାନଙ୍କ ସହ ସମ୍ପର୍କ କରିଥିଲା। ଏବଂ ଯବାନ ପାକିସ୍ତାନ ହେପାଜତରେ ଥିବା ସ୍ପଷ୍ଟ ହୋଇଥିଲା। ପୁରନମ କୁମାର ସାଙ୍କ ମୁକ୍ତି ପାଇଁ ଭାରତ ଓ ପାକିସ୍ତାନ ମଧ୍ୟରେ ଅନେକଥର ଫ୍ଲାଗ୍ ମିଟିଂ ହୋଇଛି। ଏକ ବୈଠକରେ ପାକିସ୍ତାନ ପକ୍ଷରୁ କୌଣସି ପ୍ରତିନିଧି ଉପସ୍ଥିତ ହୋଇନଥିଲେ। ଏହି ସମୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଯାଇଥିଲା ଏବଂ ପାକିସ୍ତାନ ପକ୍ଷରୁ ପ୍ରବଳ ଗୁଳିବର୍ଷଣ ହୋଇଥିଲା। ପରେ ଦୁଇ ଦେଶ ମଧ୍ୟରେ ସିଜ୍‌ଫାୟର୍ ହେବା ପରେ ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହୋଇଛି । ଅନେକ ବୈଠକ ଓ ଭାରତୀୟ ଅଧିକାରୀମାନଙ୍କ ହସ୍ତକ୍ଷେପ ପରେ ବୁଧବାର ସକାଳେ ଅମୃତସର ସ୍ଥିତ ଅଟାରୀର ଯୁଗ୍ମ ଚେକ୍ ପୋଷ୍ଟ ଜରିଆରେ ପୁରନମ କୁମାର ସାଙ୍କୁ ଭାରତକୁ ହସ୍ତାନ୍ତର କରାଯାଇଛି। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ଓ ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ସମ୍ପନ୍ନ ହୋଇଛି। ଅଧିକାରୀମାନେ କହିଛନ୍ତି ଯେ, ଦୁଇ ଦେଶର ସୀମା ଉପରେ ସୁରକ୍ଷା ଏଜେନ୍ସିମାନଙ୍କ ମଧ୍ୟରେ ଥିବା ସମନ୍ୱୟ ଦ୍ୱାରା ଏହି କାମ ସମ୍ଭବ ହୋଇପାରିଛି।



# ଭାରତରେ କୃଷି ଋଣ ୩୧.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବ: ନାବାର୍ଡ

**ନୂଆଦିଲ୍ଲୀ,(ହି.ସ):** ଆର୍ଥିକ ବର୍ଷ ୨୦୨୫-୨୬ରେ ଗ୍ରାମୀଣ ଋଣ ବ୍ୟବସ୍ଥାର ବୃଦ୍ଧିପ୍ରାପ୍ତ ଆନୁଷ୍ଠାନିକୀକରଣ ଯୋଗୁଁ ବାଣିଜ୍ୟିକ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ଦ୍ୱାରା କୃଷି କ୍ଷେତ୍ରକୁ ପ୍ରଦାନ କରାଯାଉଥିବା ଋଣ ୩୧.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିବ ବୋଲି ନାବାର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆର୍ଥିକ ବର୍ଷ ୨୦୨୪-୨୫ରେ ନାବାର୍ଡ ବାଣିଜ୍ୟିକ ବ୍ୟାଙ୍କ, ସହକାରୀ ସଂସ୍ଥା ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ୨୮.୯୮ ଲକ୍ଷ କୋଟି ଟଙ୍କାରୁ ଅଧିକ ଋଣ ବଣ୍ଟନ କରିଥିଲା। ଏହାର ପ୍ରାୟ ୬୦% ସ୍ୱଳ୍ପ ମିଆଦୀ ଫସଲ ଋଣ ଏବଂ ବାକି ଅଂଶ କୃଷି ଓ ସମ୍ପୃକ୍ତ କ୍ଷେତ୍ରରେ ବିନିଯୋଗ ଋଣ ପାଇଁ ବ୍ୟବହୃତ ହୋଇଥିଲା। ନାବାର୍ଡର ଉପ-ବ୍ୟବସ୍ଥାପନା ନିର୍ଦ୍ଦେଶକ ଅଜୟ କେ. ସୁଦ ଫାଇନାନସିଆଲ ଏକ୍ସପ୍ରେସ'କୁ କହିଛନ୍ତି, ଚଳିତ ଆର୍ଥିକ ବର୍ଷରେ ମୋଟ କୃଷି ଋଣ ପ୍ରବାହ ପ୍ରାୟ ୩୧.୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆମେ ଆଶା କରୁଛୁ। ସେ ଆହୁରି କହିଛନ୍ତି ଯେ କୃଷି ଓ ସମ୍ପୃକ୍ତ କ୍ଷେତ୍ରକୁ ଋଣ ପ୍ରବାହରେ ତୀବ୍ର ବୃଦ୍ଧି ସତ୍ତ୍ୱେ, ନାବାର୍ଡ ସମ୍ଭାବନା ଆଧାରିତ ଋଣ ଯୋଜନା (ପିଏଲପି) ପ୍ରସ୍ତୁତ କରି ଋଣ



ପ୍ରବାହରେ ଆଞ୍ଚଳିକ ଅସନ୍ତୁଳନକୁ ଦୂର କରିବାକୁ ଚେଷ୍ଟା କରୁଛି। ସୁଦ କହିଛନ୍ତି, ଆମେ ଉତ୍ତର-ପୂର୍ବ ଭାରତରେ ଋଣ ସଂସ୍କୃତି ଉନ୍ନତ କରିବା ଦିଗରେ ବ୍ୟାଙ୍କଗୁଡ଼ିକ ସହ କାର୍ଯ୍ୟ କରୁଛୁ। ଏଥିପାଇଁ ସାମାଜିକ ଗ୍ୟାରେଣ୍ଟି, ବିଶେଷ ପାଣ୍ଠି ଏବଂ ବୀମା ଉତ୍ପାଦ ଆକାରରେ ସହାୟତା ପ୍ରଦାନ କରାଯାଉଛି। ବର୍ତ୍ତମାନ ବ୍ୟାଙ୍କଗୁଡ଼ିକ ପ୍ରତି ଜିଲା ପାଇଁ ସମ୍ଭାବନା ଆଧାରିତ ଋଣ ଯୋଜନା ଅନୁସରଣ କରି ଫସଲ ଋଣ ଏବଂ କୃଷି ଓ ସମ୍ପୃକ୍ତ ଉଦ୍ୟୋଗ ପାଇଁ ମିଆଦୀ ଋଣ ଭଳି ଅଗ୍ରାଧିକାର କ୍ଷେତ୍ରରେ ଆନୁଷ୍ଠାନିକ ଋଣ ପ୍ରବାହକୁ ବୃଦ୍ଧି କରୁଛନ୍ତି। ସୁଦ ଆହୁରି କହିଛନ୍ତି ଯେ 'ଆକାଂକ୍ଷୀ ଜିଲ୍ଲା'ଗୁଡ଼ିକ ପାଇଁ ସ୍ୱତନ୍ତ୍ର ପୁନଃଅର୍ଥାୟନ ସୁବିଧା ପ୍ରଦାନ ନେଇ ଆଲୋଚନା ଚାଲିଛି, ଯେଉଁଠାରେ ସୁଧ ହାର କମ ହେବ। ଏହା ସହ ଖୁଚୁରା ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନେଇ ମଧ୍ୟ ଆଲୋଚନା ଚାଲିଛି। ୨୦୨୫ ଜାନୁଆରୀରେ ନାବାର୍ଡର ଅଧ୍ୟକ୍ଷ ଶାଜି କେଭି କହିଥିଲେ ଯେ କୃଷି ଋଣ ପ୍ରବାହ ବୃଦ୍ଧି ସହ ଅଣଆନୁଷ୍ଠାନିକ କ୍ଷେତ୍ରର ଅଂଶ ହ୍ରାସ ପାଉଛି। ସେ କହିଥିଲେ, ଗତ ୧୦ ବର୍ଷରେ କୃଷି ଋଣ ପ୍ରବାହର ହାରାହାରି ବାର୍ଷିକ ବୃଦ୍ଧି ୧୩% ରହିଛି, ଯାହା ଦୁଇ ଅଙ୍କରେ ରହିଛି। ସାଧାରଣତଃ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମୋଟ ଋଣ ପ୍ରବାହର ୭୫% ଯୋଗାଣ କରନ୍ତି, ଆଉ ବାକି ଅଂଶ ସହକାରୀ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ବଣ୍ଟନ ହୁଏ। ପରିବର୍ଦ୍ଧିତ ସୁଧ ଛାଡ଼ ଯୋଜନା (ଏମଆଇଏସଏସ) ଅଧୀନରେ କିସାନ କ୍ରେଡ଼ିଟ କାର୍ଡ (କେସିସି) ଧାରୀ ଚାଷୀମାନେ କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତା ପୂରଣ ପାଇଁ ବାର୍ଷିକ ୭% ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଥାନ୍ତି। ଏହି ଯୋଜନା ଅନୁସାରେ, ସମୟାନୁବର୍ତ୍ତୀ ପୁନଃପରିଶୋଧ ପାଇଁ ୩% ଅତିରିକ୍ତ ସୁଧ ଛାଡ଼ ମିଳେ, ଯାହା ଫଳସ୍ୱରୂପ ପ୍ରକୃତ ସୁଧ ହାରକୁ ୪%କୁ ହ୍ରାସ କରେ। ତେବେ, ୨୦୨୫-୨୬ ପାଇଁ ସରକାର ଘୋଷଣା କରିଛନ୍ତି ଯେ କୃଷି ଋଣ ସୀମାକୁ ବାର୍ଷିକ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉଛି। ଏମଆଇଏସଏସ ଅଧୀନରେ କେସିସି ଧାରୀ କ୍ଷୁଦ୍ର ଚାଷୀଙ୍କ ପାଇଁ ନେଗୋସିଏବଲ ଗୋଦାମ ରସିଦ (ଏନଡବ୍ଲୁଆର) ବିରୁଦ୍ଧରେ ଫସଲ ପରବର୍ତ୍ତୀ ଋଣ ମଧ୍ୟ ଅନ୍ତର୍ଭୁକ୍ତ। ବର୍ତ୍ତମାନ ୭୭.୧ ନିୟୁତ କାର୍ଯ୍ୟକ୍ଷମ କେସିସି ଧାରୀ ଅଛନ୍ତି। ଏହା ମଧ୍ୟରେ ମତ୍ସ୍ୟଚାଷ ପାଇଁ ୧.୨୪ ଲକ୍ଷ ଏବଂ ପଶୁପାଳନ କାର୍ଯ୍ୟ ପାଇଁ ୪୪.୪ ଲକ୍ଷ କେସିସି ଜାରି ହୋଇଛି। ଯଦି ଅଳ୍ପ ମିଆଦୀ ଋଣ ଫସଲ ଚାଷ ବ୍ୟତୀତ ଅନ୍ୟ ସମ୍ପୃକ୍ତ କାର୍ଯ୍ୟ ପାଇଁ ନିଆଯାଏ, ତେବେ ଋଣର ପରିମାଣ ୨ ଲକ୍ଷ ଟଙ୍କା ସୀମିତ ରହିଛି। ସମ୍ପ୍ରତି ନୀତି ଆୟୋଗର ସଦସ୍ୟ ରମେଶ ଚନ୍ଦ କହିଛନ୍ତି ଯେ ରାଜ୍ୟ ସରକାରମାନଙ୍କୁ ସେମାନଙ୍କର କୃଷି ଉତ୍ପାଦନ ଆଧାରରେ କୃଷି ଋଣ ବଣ୍ଟନ ପାଇଁ ଏକ ମାନଦଣ୍ଡ ନିର୍ଦ୍ଧାରଣ କରିବା ଆବଶ୍ୟକ। ଏହା ସୁନିଶ୍ଚିତ କରିବ ଯେ ସ୍ୱଳ୍ପ ମୂଲ୍ୟରେ ପ୍ରଦାନ କରାଯାଉଥିବା ଅଳ୍ପ ମିଆଦୀ ଫସଲ ଋଣ କେବଳ କିଛି ରାଜ୍ୟରେ କେନ୍ଦ୍ରୀଭୂତ ନ ହୁଏ କିମ୍ବା ଅଣ-କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ନ ହୁଏ।

## ନିବେଶକଙ୍କ ପାଇଁ ଖୁସି ଖବର ; ଉପରମୁହାଁ ହେଉଛି ଭାରତୀୟ ସେୟାର୍ ବଜାର




**ନୂଆଦିଲ୍ଲୀ,(ହି.ସ):** ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ପରେ ଭାରତୀୟ ଷ୍ଟକ୍ ବଜାରରେ ଏକ ପ୍ରକାରର ଉତ୍ସାହ ଦେଖିବାକୁ ମିଳିଛି। ଗତକିଛି ମାସ ହେବ ସେୟାର ବଜାର ତଳମୁହାଁ ରହି ଆସୁଥିବା ବେଳେ ନିକଟରେ ଭାରତ-ପାକ୍ ମଧ୍ୟରେ ଅସ୍ତ୍ରବିରତି ବୁଝାମଣା ହେବା ପରେ ଏହି ଟ୍ରେଣ୍ଡ୍ ବଦଳୁଥିବା ନଜର ଆସୁଛି। ଗତ କିଛି ଦିନ ଲଗାତର ଭାବେ ଉପରମୁହାଁ (ଗ୍ରୀନ୍ ଜୋନ୍)ରେ ରହୁଛି ଭାରତୀୟ ଷ୍ଟକ୍ ମାର୍କେଟ୍। ସପ୍ତାହର ତୃତୀୟ କାର୍ଯ୍ୟ ଦିବସ (ୱାର୍କିଂ ଡେ) ବୁଧବାର ଦିନର କଥା ଯଦି ଦେଖିବା ତ ମାର୍କେଟର ଓପେନିଂ ଗ୍ରୀନ୍ ଜୋନ୍ରୁ ହୋଇଛି। ଯାହାକି ଗତ କିଛି ମାସର ନିମ୍ନଗାମୀ ବଜାର ଟ୍ରେଣ୍ଡେ ବିରାମ ଲଗାଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ୩୦ ସେୟର୍ଯୁକ୍ତ ସେନସେକ୍ସ ଖୋଲିବା ପରେ ୪୦୦ ପଏଣ୍ଟରୁ ବି ଅଧିକ ଉପରକୁ ଯାଇଛି। ସେହିପରି ନେସ୍ନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୨୦ ପଏଣ୍ଟ୍ ଚିକରି କାର୍ଯ୍ୟବାହୀ ଆରମ୍ଭ କରିଛି। ସେହିପରି ଟାଟା ଷ୍ଟିଲ୍ର ସେୟାର୍ ଲଗାତାର ଭାବେ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି।

## ଖୁଚୁରା ମୁଦ୍ରାସ୍ଫୀତି ୨.୫୦%କୁ ହ୍ରାସ : ଓଡ଼ିଶା ପଞ୍ଚମ ଶସ୍ତା ବଜାର



**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଦରଦାମ୍ ମୁକାବିଲା କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଶେଷ କରି ଖୁଚୁରା ବଜାର ଦରକୁ ନିୟନ୍ତ୍ରଣ କରିବାରେ ଏହା ଯଥେଷ୍ଟ ଉନ୍ନତି ଆଣିପାରିଛି। ଏକଦା ଭାରତର ସବୁଠୁ ମହଙ୍ଗା ବଜାର ଥିବା ଓଡ଼ିଶା ଏବେ ଦେଶର ପଞ୍ଚମ ଶସ୍ତା ବଜାର ଭାବେ ଉଭା ହୋଇଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ବିଭାଗ ଜାରି କରିଥିବା ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଏହା କହୁଛି। ତେଲେଙ୍ଗାନା, ଦିଲ୍ଲୀ, ରାଜସ୍ଥାନ, ଝାଡ଼ଖଣ୍ଡ ପରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ସର୍ବନିମ୍ନ ସ୍ତରରେ ରହିଛି। ଚଳିତ ବର୍ଷର ଏପ୍ରିଲ୍ ମାସରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୨.୫୦ ପ୍ରତିଶତକୁ ହ୍ରାସ ପାଇଛି। ମାସକ ପୂର୍ବରୁ ତାହା ୩.୨୧ ପ୍ରତିଶତ ଥିଲା। ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଦରଦାମ୍ ସ୍ଥିତିରେ ସୁଧାର ଘଟିଛି। ଗ୍ରାମୀଣ ମୁଦ୍ରାସ୍ଫୀତି ହାର ୨.୫୭ ପ୍ରତିଶତକୁ ଓ ସହରାଞ୍ଚଳ ମୁଦ୍ରାସ୍ଫୀତି ୨.୨୫ ପ୍ରତିଶତକୁ ହ୍ରାସ ପାଇଛି। ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ଜାତୀୟ ହାର ୩.୧୬ ପ୍ରତିଶତଠାରୁ ମଧ୍ୟ କମ୍ ରହିଛି। ଉଭୟ ଗ୍ରାମୀଣ ଓ ସହରାଞ୍ଚଳ ମୁଦ୍ରାସ୍ଫୀତି ମଧ୍ୟ ଜାତୀୟ ହାରଠାରୁ ଉନ୍ନତ ରହିଛି। ଆଲୋଚ୍ୟ ମାସରେ ମାଛ, ମାଂସ, ପନିପରିବା, ଫଳ, ମସଲା, ପର୍ସନାଲ୍ କେୟାର ଓ ଶସ୍ୟ ଆଦିର ଦାମ୍ ହ୍ରାସ ପାଇଛି। ଜାତୀୟସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି ୬ ବର୍ଷର ନିମ୍ନ ସ୍ତରକୁ ହ୍ରାସ ପାଇଛି। ଶେଷ ଥର ପାଇଁ ୨୦୧୯ ଜୁଲାଇରେ ମୁଦ୍ରାସ୍ଫୀତିକୁ ଏଭଳି ନିମ୍ନ ସ୍ତରରେ ଦେଖିବାକୁ ମିଳିଥିଲା। ୨୦୨୪ ଡିସେମ୍ବରରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ୬.୯୬ ପ୍ରତିଶତ ଭଳି ଉଦ୍‌ବେଗଜନକ ସ୍ଥିତିରେ ଥିଲା। କେନ୍ଦ୍ର ସରକାର ବାଧ୍ୟ ହୋଇ ରାଜ୍ୟ ମୁଖ୍ୟ ସଚିବଙ୍କୁ ଦରଦାମ୍ ସ୍ଥିତି ଉପରେ ଲଗାମ ଲଗାଇବା ପାଇଁ ମନେ ପକାଇଥିଲେ। ୨୦୨୪ର ଅଧିକାଂଶ ମାସ ରାଜ୍ୟରେ ଦରଦାମ୍ ବେଲଗାମ ହୋଇପଡ଼ିଥିଲା। ୨୦୨୪ ମେ'ରେ ରାଜ୍ୟର ମୁଦ୍ରାସ୍ଫୀତି ୭.୧୧ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ପହଞ୍ଚିଯାଇଥିଲା ଓ ଓଡ଼ିଶା ଦେଶର ସବୁଠୁ ମହଙ୍ଗା ବଜାର ହୋଇଥିଲା। ବିଭିନ୍ନ ସାମଗ୍ରୀ ପାଇଁ ଓଡ଼ିଶା ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିବାରୁ ଦରଦାମ୍ ଲଗାତାର ଭାବେ ଅଧିକ ରହୁଛି ବୋଲି ବିଶେଷଜ୍ଞମାନେ ମତ ଦେଇଥିଲେ। ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ଏପ୍ରିଲ୍‌ରେ କେରଳର ମୁଦ୍ରାସ୍ଫୀତି ସର୍ବାଧିକ ୫.୯୪ ପ୍ରତିଶତ ରହିଛି। ତେଲେଙ୍ଗାନାର ମୁଦ୍ରାସ୍ଫୀତି ସର୍ବନିମ୍ନ ୧.୨୬ ପ୍ରତିଶତ ରହିଛି। କର୍ଣ୍ଣାଟକ, ପଞ୍ଜାବ ଏବଂ ଜମ୍ମୁ ଓ କାଶ୍ମୀରକୁ ବାଦ ଦେଲେ ପ୍ରାୟ ଅନ୍ୟ ସବୁ ରାଜ୍ୟର ମୁଦ୍ରାସ୍ଫୀତି ହାର ୨-୪ ପ୍ରତିଶତ ମଧ୍ୟରେ ରହିଛି। ଅଧିକାଂଶ ରାଜ୍ୟର ମୁଦ୍ରାସ୍ଫୀତି ୩ ପ୍ରତିଶତରୁ କମ୍ ରହିବା ଦେଶରେ ଦରଦାମ୍ ସ୍ଥିତିରେ ହୋଇଥିବା ସୁଧାରକୁ ଦର୍ଶାଉଛି।

## ଶକ୍ତି ପମ୍ପସ୍ (ଇଣ୍ଡିଆ) ଲିମିଟେଡ୍ ଆର୍ଥିକ ବର୍ଷ ୨୫ରେ ୨୫,୦୦୦ ମିଲିୟନ ଟଙ୍କା ରାଜସ୍ୱ ମାଇଲଖୁଣ୍ଟ ଅତିକ୍ରମ

**ଇନ୍ଦୋର,(ହି.ସ):** ଶକ୍ତି ପମ୍ପସ୍ (ଇଣ୍ଡିଆ) ଲିମିଟେଡ୍ (ଏସପିଆଇଏଲ), ୩୧ ମାର୍ଚ୍ଚ ୨୦୨୫ ରେ ଶେଷ ହୋଇଥିବା ତ୍ରୈମାସିକ ଏବଂ ଆର୍ଥିକ ବର୍ଷର ଆର୍ଥିକ ଫଳାଫଳ ଘୋଷଣା କରିଛି। ଶକ୍ତି ପମ୍ପସ୍ (ଇଣ୍ଡିଆ) ଲିମିଟେଡ୍ ଅଧ୍ୟକ୍ଷ, ଦିନେଶ ପାଟିଦାର, କମ୍ପାନୀର ପ୍ରଦର୍ଶନ ଉପରେ ମତାମତ ଦେଇ କହିଛନ୍ତି, ଆମେ ଆର୍ଥିକ ବର୍ଷ ୨୫ରେ ଏକ ଉଲ୍ଲେଖନୀୟ ଆର୍ଥିକ ପ୍ରଦର୍ଶନ ରିପୋର୍ଟ କରି ଖୁସି, ଯାହା ସମସ୍ତ ପ୍ରମୁଖ ମାପଦଣ୍ଡରେ ଯଥେଷ୍ଟ ବୃଦ୍ଧି ପାଇଛି। ଆମେ ଆମର ସର୍ବକାଳୀନ ସର୍ବାଧିକ ରାଜସ୍ୱ ୨୫,୧୬୨ ମିଲିୟନ ଟଙ୍କା ରିପୋର୍ଟ କରିଛୁ, ଯାହା ବାର୍ଷିକ ୮୩.୬% ବୃଦ୍ଧି ପାଇଛି, ଯେତେବେଳେ ପିଏଟି ଅସାଧାରଣ ଭାବରେ ୧୮୮.୨% ବୃଦ୍ଧି ପାଇ ୪,୦୮୪ ମିଲିୟନ ଟଙ୍କା ହୋଇଛି। ଏହି ପ୍ରଭାବଶାଳୀ ଶୀର୍ଷ ଲାଇନ୍ ଅଭିବୃଦ୍ଧି ଆମର ଘରୋଇ ଏବଂ ରପ୍ତାନି ବ୍ୟବସାୟ ଉଭୟରେ ଦୃଢ଼ ପ୍ରଦର୍ଶନ ଦ୍ୱାରା ଚାଳିତ ହୋଇଥିଲା, ଯାହାର କାର୍ଯ୍ୟକ୍ଷମତା ଉପରେ ଆମର ଅଟଳ ଧ୍ୟାନ ଦ୍ୱାରା ଲାଭଦାୟକତା ଏବଂ ମାର୍ଜିନ ଆହୁରି ଦୃଢ଼ ହୋଇଥିଲା। ଆମର ଆର୍ଥିକ




ବିଚକ୍ଷଣତା ପ୍ରାପ୍ୟ ଦିନଗୁଡ଼ିକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବାର ଆମର କ୍ଷମତାରେ ପ୍ରତିଫଳିତ ହୁଏ ଆର୍ଥିକ ବର୍ଷ ୨୫ ରେ ରାଜସ୍ୱ ବୃଦ୍ଧି ସତ୍ତ୍ୱେ, ପ୍ରାପ୍ୟ ଦିନଗୁଡ଼ିକ ଆର୍ଥିକ ବର୍ଷ ୨୪ ରେ ୧୭୮ ଦିନରୁ ହ୍ରାସ ପାଇ ୧୫୨ ଦିନ ହୋଇଛି ଏବଂ ଆମେ ଆଶାବାଦୀ ଯେ ଆଗାମୀ ବର୍ଷଗୁଡ଼ିକରେ ଏହି ଧାରା ଉନ୍ନତ ହେବ। ରପ୍ତାନି ବ୍ୟବସାୟ ଦୃଢ଼ ପ୍ରଦର୍ଶନ ପ୍ରଦର୍ଶନ କରି ଚାଲିଛି, ଆର୍ଥିକ ବର୍ଷ ୨୫ ରେ ୫୨.୭% ବୃଦ୍ଧି ପାଇ ୪,୩୬୮ ମିଲିୟନ ଟଙ୍କାରେ ପହଞ୍ଚିଛି। ଆମେରିକା, ଆଫ୍ରିକା, ଏସିଆ ଏବଂ ମଧ୍ୟପ୍ରାଚ୍ୟ ଭଳି କ୍ଷେତ୍ରଗୁଡ଼ିକରେ ଆମର ଦୃଢ଼ ସ୍ଥିତି ଏହି ବ୍ୟବସାୟକୁ ସ୍ଥିର ଏବଂ ସ୍ଥାୟୀ ରଖିବା ନିଶ୍ଚିତ କରେ। ଆମର ୧୬,୫୪୬ ମିଲିୟନ ଟଙ୍କା ସୁସ୍ଥ ଅର୍ଡର ବୁକ୍ ଏବଂ ସ୍ଥିର ଅର୍ଡର ପ୍ରବାହ ଆର୍ଥିକ ବର୍ଷ ୨ ଏବଂ ତା' ପରବର୍ତ୍ତୀ ସମୟରେ ଦୃଢ଼ ଅଭିବୃଦ୍ଧି ହାସଲ କରିବାର ଆମର କ୍ଷମତାରେ ବିଶ୍ୱାସ ସୃଷ୍ଟି କରେ। ଆମର ବର୍ତ୍ତମାନର ଅର୍ଡର ବୁକ୍ ଏବଂ ମହାରାଷ୍ଟ୍ର, ରାଜସ୍ଥାନ ଏବଂ ହରିୟାଣା ଭଳି ରାଜ୍ୟଗୁଡ଼ିକରୁ ଜାରି ରହିଥିବା ପ୍ରବାହ ସହିତ, ଆମେ ମଧ୍ୟପ୍ରଦେଶ ଏବଂ ପଞ୍ଜାବ ସମେତ ଅନ୍ୟାନ୍ୟ ରାଜ୍ୟଗୁଡ଼ିକରେ ଅର୍ଡର ପାଇଁ ସକ୍ରିୟ ଭାବରେ ବିଡ୍ କରିଛୁ। ଆମେ ନିଶ୍ଚିତ ଯେ ଏହି ରାଜ୍ୟଗୁଡ଼ିକରେ ଆମର ଦୃଢ଼ ଉପସ୍ଥିତି ଏବଂ ବଜାର ଅଂଶ ଆମକୁ ଗୁରୁତ୍ୱପୂର୍ଣ୍ଣ ନୂତନ ଅର୍ଡର ସୁରକ୍ଷିତ କରିବାରେ ସକ୍ଷମ କରିବ। ଆମେ ଆଗକୁ ଥିବା ବିପୁଳ ସୁଯୋଗ ବିଷୟରେ ଅତ୍ୟନ୍ତ ଆଶାବାଦୀ। ଭାରତରେ ସୌର ପମ୍ପ ଶିଳ୍ପ ଦ୍ରୁତ ଅଭିବୃଦ୍ଧି ଅନୁଭବ କରୁଛି, ଯାହା ଧ୍ୟାନ ବୃଦ୍ଧି ଦ୍ୱାରା ଚାଳିତ। ପ୍ରଧାନମନ୍ତ୍ରୀ କୁସୁମ, ମାଗେଲ ତ୍ୟାଲା ସୌର କୃଷି ପମ୍ପ ଯୋଜନା (ମହାରାଷ୍ଟ୍ର), ଏବଂ ପ୍ରଧାନମନ୍ତ୍ରୀ କୃଷକ ମିତ୍ର ସୂର୍ଯ୍ୟ ଯୋଜନା (ମଧ୍ୟପ୍ରଦେଶ) ଭଳି ପଦକ୍ଷେପ ମାଧ୍ୟମରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଉଭୟ। ଏହା ସହିତ, ସୌର ଛାତ କ୍ଷେତ୍ର ଏକ ପ୍ରତିଶ୍ରୁତିପୂର୍ଣ୍ଣ ସୁଯୋଗ ପ୍ରଦାନ କରେ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍‌ତ ବିଜଳି ଯୋଜନା ଭଳି ପଦକ୍ଷେପ ଅଭିବୃଦ୍ଧି ସମ୍ଭାବନାକୁ ଆହୁରି ବୃଦ୍ଧି କରୁଛି। ଆମର ରଣନୈତିକ ପଦକ୍ଷେପ, ଦୃଢ଼ ଅର୍ଡର ବୁକ୍, ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ଉପରେ ଧ୍ୟାନ ଆଗାମୀ ବର୍ଷଗୁଡ଼ିକରେ ଆମର ଅଭିବୃଦ୍ଧି ଏବଂ ସଫଳତାକୁ ଆଗେଇ ନେବ।



## ଭାରତୀୟ ଅଧିକାରୀଙ୍କୁ ଦେଶ ଛାଡିବାକୁ ନିର୍ଦ୍ଦେଶ ଦେଲା ପାକିସ୍ତାନ

**ଇସଲମାବାଦ,(ହି.ସ):** ଭାରତର ଅପରେସନ ସିନ୍ଦୂରରେ ଭୟଭୀତ ଓ ଆତଙ୍କବାଦୀଙ୍କ ପୋଷକ ପାକିସ୍ତାନ ଏବେ ଇସଲମାବାଦ ସ୍ଥିତ ଭାରତୀୟ ଉଚ୍ଚାୟୋଗର ଜଣେ ଅଧିକାରୀଙ୍କୁ ଦେଶ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ପାକିସ୍ତାନ ତାଙ୍କ ଉପରେ ଗୁପ୍ତଚର କାମ କରୁଥିବାର ଅଭିଯୋଗ ଆଣିଛି। ପାକିସ୍ତାନର ବିଦେଶ ମନ୍ତ୍ରଣାଳୟ ୧୩ ମେର ଏହି ନିର୍ଦ୍ଦେଶକୁ ତାଙ୍କର ଆଧିକାରିକ ଏକ୍ସ ଆକାଉଣ୍ଟରେ ସେୟାର କରିଛି। ପାକିସ୍ତାନର ବିଦେଶ ମନ୍ତ୍ରଣାଳୟ ଲେଖିଛି, 'ଭାରତୀୟ ଉଚ୍ଚାୟୋଗ, ଇସଲମାବାଦରେ ଥିବା ଜଣେ କର୍ମଚାରୀଙ୍କୁ ତାଙ୍କର ବିଶେଷ ଅଧିକାର ଥିବା ପଦବୀ ସହ ସମ୍ମତି ନହୋଇଥିବା କାର୍ଯ୍ୟକଳାପରେ ଲିପ୍ତ ଥିବା ପାଇଁ ଅବାଞ୍ଛିତ ବ୍ୟକ୍ତି ଘୋଷଣା କରାଯାଇଛି। ସେହି ଅଧିକାରୀଙ୍କୁ ୨୪ ଘଣ୍ଟା ମଧ୍ୟରେ ପାକିସ୍ତାନ ଛାଡିବା ନିର୍ଦ୍ଦେଶ ଦିଆଯାଇଛି।'

## ଜାତୀୟ ମହିଳା ଆୟୋଗ : ମେ ୧୬ରେ ମିରଟରେ ଏକ ସାଧାରଣ ଶୁଣାଣି କରିବ

**ନୂଆଦିଲ୍ଲୀ,(ହି.ସ):** ୧୬ ମଇରେ ମେରଠରେ ଜାତୀୟ ମହିଳା ଆୟୋଗ ଦ୍ୱାରା ଏକ ସାଧାରଣ ଶୁଣାଣି ଅନୁଷ୍ଠିତ ହେବ। ଏହି ସାଧାରଣ ଶୁଣାଣି ସକାଳ ୧୧:୦୦ ଟାରୁ ସିଭିଲ ଲାଇନ୍ସର ବିକାଶ ଭବନର ଅଡିଟୋରିୟମରେ ଅନୁଷ୍ଠିତ ହେବ, ଯେଉଁଥିରେ ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ବିଜୟା ରହାଟକର ଉପସ୍ଥିତ ରହିବେ। ମହିଳାମାନଙ୍କ ସହ ଜଡିତ ସମସ୍ୟାର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ ଜାତୀୟ ମହିଳା କମିଶନ ଦ୍ୱାରା ଆୟୋଜିତ ଏହି ଜନଶୁଣାଣିରେ ଜିଲ୍ଲା ମାଜିଷ୍ଟ୍ରେଟ, ପୋଲିସ ଅଧୀକ୍ଷକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିବେ।ମହିଳା କମିଶନ ବୁଧବାର ସୂଚନା ଦେଇଛନ୍ତି ଯେ ଏହା ତୃଣମୂଳ ସ୍ତରରେ ମହିଳା ସଶକ୍ତିକରଣ ଏବଂ ସେମାନଙ୍କ ସମସ୍ୟାର ସମାଧାନ ପାଇଁ 'ଜାତୀୟ ମହିଳା କମିଶନ - ଆପଣଙ୍କ ଦ୍ୱାର' ନାମକ ଏକ ସାଧାରଣ ଶୁଣାଣି ଆୟୋଜନ କରୁଛି। ଏହାର ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କ ସହ ଜଡିତ ବିଚାରାଧୀନ ମାମଲାଗୁଡ଼ିକୁ ଯଥାଶୀଘ୍ର ସମାଧାନ କରିବା।ଜାତୀୟ ମହିଳା କମିଶନ ମେରଠର ମହିଳାମାନଙ୍କୁ ଅନୁରୋଧ କରିଛନ୍ତି ଯେ ସେମାନେ ଏହି ଜନଶୁଣାଣିରେ ଅଂଶଗ୍ରହଣ କରିପାରିବେ ଏବଂ ସେମାନଙ୍କର ସମସ୍ୟା କମିଶନଙ୍କ ନିକଟରେ ପହଂଚାଇପାରିବେ। ଶୁଣାଣିରେ ଅଂଶଗ୍ରହଣ କରିବା ପାଇଁ, ସମ୍ପୃକ୍ତ ଅଧିକାରୀଙ୍କ ସହ ମୋବାଇଲ୍ ନମ୍ବର ୮୨୧୯୮୫୪୭୬୨ ରେ ଯୋଗାଯୋଗ କରାଯାଇପାରିବ।

## ମାଇକ୍ରୋସଫ୍ଟରେ ଛଟେଇ : ୬ହଜାର କର୍ମଚାରୀ ହେବେ ପ୍ରଭାବିତ

**ୱାଶିଂଟନ,(ହି.ସ):** ଟେକ୍ ଦିଗଜ କମ୍ପାନୀ ମାଇକ୍ରୋସଫ୍ଟ ମଙ୍ଗଳବାର ଛଟେଇ ପ୍ରକ୍ରିୟା ଆରମ୍ଭ କରିଛି। ଏହାର ପ୍ରଭାବ ପ୍ରାୟ ୬,୦୦୦ କର୍ମଚାରୀଙ୍କ ଉପରେ ପଡ଼ିବ। ଏହି ସଂଖ୍ୟା କମ୍ପାନୀର ସମ୍ପୂର୍ଣ୍ଣ କାର୍ଯ୍ୟବଳର ପ୍ରାୟ ୩ ପ୍ରତିଶତ। ମାଇକ୍ରୋସଫ୍ଟର ଏହି ଛଟେଇ ଦୁଇ ବର୍ଷରୁ ଅଧିକ ସମୟ ପରେ ସବୁଠାରୁ ବଡ଼ ଛଟେଇ ଅଭିଯାନ। ବର୍ତ୍ତମାନ ସମୟରେ କମ୍ପାନୀର ସବୁଠୁ ବେଶି ଧ୍ୟାନ କୃତ୍ରିମ ବୁଦ୍ଧିମତା ଉପରେ କେନ୍ଦ୍ରିତ। ସିଏନବିସିର ଖବର ଅନୁଯାୟୀ, ଏହାର ସବୁଠାରୁ ବଡ଼ ପ୍ରଭାବ କମ୍ପାନୀର ହୋମଟାଉନ ୱାଶିଂଟନ ଉପରେ ପଡ଼ିଛି। ମାଇକ୍ରୋସଫ୍ଟ ରାଜ୍ୟକୁ ଅବଗତ କରାଇଛି ଯେ, ରେଡମଣ୍ଡ ମୁଖ୍ୟାଳୟ ସହ ସଂପୃକ୍ତ ୧,୯୮୫ ଜଣ କର୍ମଚାରୀଙ୍କୁ ଛଟେଇ କରାଯାଉଛି। ଏମାନଙ୍କ ମଧ୍ୟରୁ ଅନେକେ ସଫ୍ଟୱେୟାର ଇଞ୍ଜିନିୟରିଂ ଏବଂ ଉତ୍ପାଦନ ପ୍ରବନ୍ଧନ ଭୂମିକାରେ ଅଛନ୍ତି। ମାଇକ୍ରୋସଫ୍ଟର ପ୍ରବକ୍ତା କହିଛନ୍ତି ଯେ, ଛଟେଇ ସମସ୍ତ ସ୍ତର ଏବଂ ଭୌଗୋଳିକ ଅଞ୍ଚଳରେ ହେବ। କର୍ମଚାରୀଙ୍କୁ ନୋଟିସ୍ ପଠାଇବା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

## ପୂର୍ବତନ ପ୍ରତିରକ୍ଷା ସଚିବ ଅଜୟ କୁମାର ନିଯୁକ୍ତ ହେଲେ ୟୁପିଏସସିର ନୂତନ ଅଧ୍ୟକ୍ଷ

**ନୂଆଦିଲ୍ଲୀ,(ହି.ସ):** ପୂର୍ବତନ ପ୍ରତିରକ୍ଷା ସଚିବ ଡକ୍ଟର ଅଜୟ କୁମାରଙ୍କୁ ୟୁନିଅନ ପବ୍ଲିକ୍ ସର୍ଭିସ୍ କମିଶନ (ୟୁପିଏସ୍‌ସି)ର ନୂତନ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି।କେରଳ କ୍ୟାଡରର ୧୯୮୫ ବ୍ୟାଚର ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଅଜୟ କୁମାର ପୂର୍ବତନ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଏବଂ ୧୯୮୩ ବ୍ୟାଚର ଆଇଏଏସ୍ ଅଧିକାରୀ ପ୍ରୀତି ସୁଦନଙ୍କ ସ୍ଥାନରେ ନିଯୁକ୍ତି ପାଇଛନ୍ତି। ସୁଦନର କାର୍ଯ୍ୟକାଳ ୨୯ ଏପ୍ରିଲରେ ଶେଷ ହୋଇଥିଲା।'ରାଷ୍ଟ୍ରପତି ଭାରତୀୟ ସମ୍ବିଧାନର ଧାରା ୩୧୬ (୧) ଅନୁଯାୟୀ ଡକ୍ଟର ଅଜୟ କୁମାରଙ୍କୁ ୟୁନିଅନ ପବ୍ଲିକ୍ ସର୍ଭିସ୍ କମିଶନ (ୟୁପିଏସସି)ର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରିଛନ୍ତି,' କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ଆଦେଶରେ କୁହାଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ ୟୁପିଏସସିର ଅଧ୍ୟକ୍ଷ ଭାବରେ ଡକ୍ଟର ଅଜୟ କୁମାରଙ୍କ କାର୍ଯ୍ୟକାଳ ସେ ଦାୟିତ୍ୱ ଗ୍ରହଣ କରିବା ତାରିଖରୁ ଆରମ୍ଭ ହେବ। ସେମାନଙ୍କର ନିଯୁକ୍ତିର ଅବଧି ଭାରତୀୟ ସମ୍ବିଧାନର ଧାରା ୩୧୬(୨) ର ବ୍ୟବସ୍ଥା ଦ୍ୱାରା ନିୟନ୍ତ୍ରିତ ହେବ ଏବଂ ସେମାନଙ୍କର ସେବାର ସର୍ତ୍ତାବଳୀ ସମୟ ସମୟରେ ସଂଶୋଧିତ ୟୁପିଏସସି (ସଦସ୍ୟ) ନିୟମାବଳୀ, ୧୯୬୯ ଦ୍ୱାରା ନିୟନ୍ତ୍ରିତ ହେବ।

### ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ୧୧.୨୫% ସଂରକ୍ଷଣକୁ କ୍ୟାବିନେଟର ମଞ୍ଜୁରୀ

## ଓଡ଼ିଶା ସରକାରଙ୍କ ଐତିହାସିକ ନିଷ୍ପତ୍ତି ଏସଇବିସି ବର୍ଗର ଲୋକମାନଙ୍କୁ ସଶକ୍ତ କରିବ : ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ ତଥା ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ଉଚ୍ଚ ଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ୧୧.୨୫% ଆସନ ସଂରକ୍ଷଣ ଦେବା ପାଇଁ ଓଡ଼ିଶା ରାଜ୍ୟ କ୍ୟାବିନେଟ୍ ମଞ୍ଜୁର ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ 'ଏକ୍ସ'ରେ ଉଲ୍ଲେଖ କରିବା ସହ ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି ଯେ ଓଡ଼ିଶାର ମୋଟ ଜନସଂଖ୍ୟାର ୫୨%ରୁ ଅଧିକ ହେଉଛନ୍ତି ଏସଇବିସି ବର୍ଗର । ଏହି ଐତିହାସିକ ନିଷ୍ପତ୍ତି ଏସଇବିସି ବର୍ଗର ଲୋକମାନଙ୍କୁ ସଶକ୍ତ କରିବା ସହ ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବ । ଜାତୀୟ ଶିକ୍ଷା ନୀତି ଦୃଷ୍ଟିକୋଣରେ ଏହି ପଦକ୍ଷେପ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱ ବଢାଇବା ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ସହାୟକ ହେବ । ଏହି ନୀତି ଶିକ୍ଷାବର୍ଷ ୨୦୨୫-୨୬ରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳନ କରାଯିବ । ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବ୍ୟବସ୍ଥା ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକ ଶିକ୍ଷା ଓ ଆଇନ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚ ମାଧ୍ୟମିକ, ଶିକ୍ଷକ ଶିକ୍ଷା ଓ ବୃତ୍ତିମୂଳକ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଦର୍ଶନ କଳାରେ ସ୍ନାତକ ପାଠ୍ୟକ୍ରମ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବିପିଏଡ ଓ ଏମପିଏଡ ପାଠ୍ୟକ୍ରମରେ ଲାଗୁ କରାଯିବ, ଯାହା ପ୍ରଶଂସନୀୟ ନିଷ୍ପତି । 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ' ମୋଦୀ ସରକାରଙ୍କ ବିଚାର ଓ ଦାର୍ଶନିକ ମତ । ଆମର ସମସ୍ତ କାର୍ଯ୍ୟକ୍ରମ, ଯୋଜନାର ମୂଳ ଲକ୍ଷ୍ୟ ହେଉଛି ସାମାଜିକ ନ୍ୟାୟ । ମୋଦୀ ସରକାର ଅନ୍ୟାନ୍ୟ ପଛୁଆ ବର୍ଗମାନଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୁବିଧା ଦେଇଆସୁଛନ୍ତି । ଏସଇବିସି ବର୍ଗର ଲୋକମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ପାଇଁ ସଂରକ୍ଷଣ ପ୍ରଦାନ କରିବାକୁ ତତ୍କାଳୀନ ସରକାରଙ୍କ ନିକଟରେ ବାରମ୍ବାର ଦାବି କରିବା ସତ୍ତ୍ୱେ ସମ୍ବିଧାନ ପ୍ରଦତ୍ତ ସଂରକ୍ଷଣ ନଦେଇ ଅବହେଳିତ କରିଆସୁଥିଲେ । ଆଜି ଦେଶରେ ଯେତେବେଳେ ଜାତିଗତ ଜନଗଣନା ଭଳି ଐତିହାସିକ ନିଷ୍ପତ୍ତିକୁ ମୋଦୀ ସରକାର କ୍ୟାବିନେଟରେ ମଞ୍ଜୁର ଦେଇଛନ୍ତି, ସେଭଳି ସମୟରେ ଓଡ଼ିଶା ସରକାରଙ୍କ ନିଷ୍ପତି ସ୍ୱାଗତଯୋଗ୍ୟ । ଏହି ଐତିହାସିକ ନିର୍ଣ୍ଣୟ ପାଇଁ ଶ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗତ ଏପ୍ରିଲ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଏସଇବିସି ଓ ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବା ଉପରେ ଅବଗତ କରାଇଥିଲେ । ଶ୍ରୀ ପ୍ରଧାନ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ୩୧ ଡିସେମ୍ବର ୨୦୨୦, ୧୫ ଜାନୁଆରୀ ୨୦୨୦ ଏବଂ ୨୫ ଜୁଲାଇ ୨୦୧୯ରେ ଏହି ପ୍ରସଙ୍ଗରେ ତିନି ଥର ପତ୍ର ଲେଖିବା ପରେ ବି ପୂର୍ବ ସରକାର କୌଣସି ତତ୍ପରତା ଦେଖାଇନଥିଲେ ।

## ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ଦାସ ସମ୍ବର୍ଦ୍ଧିତ




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଜୟଦେବ ଭବନ ଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଦର ପକ୍ଷରୁ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି । ପାର୍ଶ୍ୱରେ ଅନୁଷ୍ଠାନର ସଭାପତି ପ୍ରାକ୍ତନ ଆୟକର ପ୍ରଧାନ ଆୟୁକ୍ତ ଶରତ କୁମାର ଦାଶ, ସମ୍ପାଦିକା ସସ୍ମିତା ଦାସ, ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଡଃ ଅଜୟ ସ୍ୱାଇଁ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ଶରତ ଚନ୍ଦ୍ର ଭଦ୍ର ସମ୍ମାନିତ କରୁଛନ୍ତି ।

## ସାହସୀ ସୈନିକଙ୍କ ସମ୍ମାନାର୍ଥେ ଦେଶର ବିଭିନ୍ନ ରେଳ ଷ୍ଟେସନ ଆଲୋକିତ




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଅପରେସନ ସିନ୍ଦୂରରେ ଭାରତୀୟ ସେନାର ଅଦମ୍ୟ ସାହସ ଏବଂ ବୀରତ୍ୱକୁ ସମ୍ମାନ ଜଣାଇବା ପାଇଁ ସାରା ଦେଶର ରେଳ ଷ୍ଟେସନ ଓ ରେଳ ଭବନ ଗୁଡ଼ିକ ଆଲୋକିତ ହୋଇଥିଲା । ବୀର ସୈନିକମାନଙ୍କ ପ୍ରତି କୃତଜ୍ଞତା ଜଣାଇବା ପାଇଁ ଭାରତୀୟ ରେଳବାଇ ଏହି ଅନନ୍ୟ କାର୍ଯ୍ୟକ୍ରମର ଆୟୋଜନ କରିଥିଲା । ଏହି ଅବସରରେ, କାଶ୍ମୀରରୁ କନ୍ୟାକୁମାରୀ ଏବଂ ଗୁଜରାଟରୁ ଆସାମ ପର୍ଯ୍ୟନ୍ତ ରେଳ ଷ୍ଟେସନଗୁଡ଼ିକରେ ଦେଶପ୍ରେମର ଏକ ଭିନ୍ନ ଉତ୍ସାହ ଦେଖିବାକୁ ମିଳିଥିଲା ।ଏହି ସମୟରେ, ତ୍ରିରଙ୍ଗା ଆଲୋକରେ ସ୍ନାନିତ ହୋଇଥିବା ରେଳ ପରିସର ଦେଶାତ୍ମବୋଧକ ଗୀତରେ ପ୍ରତିଧ୍ୱନିତ ହୋଇଥିଲା । ସେହି ସମୟରେ, ଷ୍ଟେସନଗୁଡ଼ିକରେ ଲାଗିଥିବା ସ୍କ୍ରିନରେ ଦେଶପ୍ରେମର ଦୃଶ୍ୟ ଯାତ୍ରୀମାନଙ୍କ ମନରେ ଦେଶପ୍ରେମର ଭାବନା ଭରି ଦେଇଥିଲା । ଏହି ଅଭିଯାନର ସଫଳତାକୁ ଲୋକଙ୍କ ମଧ୍ୟରେ ପ୍ରସାର କରିବା ପାଇଁ, ଭାରତୀୟ ରେଳବାଇ ଦେଶର ବିଭିନ୍ନ ସ୍ଥାନରେ ତିରଙ୍ଗା ଯାତ୍ରା ଆୟୋଜନ କରିଥିଲା, ଯାହା ଦେଶବାସୀଙ୍କ ମନରେ ଦେଶପ୍ରେମ ଏବଂ ସେନା ପ୍ରତି ସମ୍ମାନର ଭାବନାକୁ ଆହୁରି ଦୃଢ଼ କରିଥିଲା । ଏହା ବ୍ୟତୀତ, ଭାରତୀୟ ରେଳବାଇ ତିରଙ୍ଗା ଯାତ୍ରା ସହିତ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଅପରେସନ ସିନ୍ଦୂରର ସଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇଥିଲା । ଭାରତୀୟ ରେଳବାଇର ଏହି ପଦକ୍ଷେପ କେବଳ ଭାରତୀୟ ସେନାର ସାହସୀ ସୈନିକମାନଙ୍କୁ ସମ୍ମାନିତ କରିନଥିଲା ବରଂ ସାଧାରଣ ଜନତାଙ୍କୁ ଅପରେସନ ସିନ୍ଦୂରର ଗୌରବମୟ ଗାଥା ସହିତ ଯୋଡିଥିଲା । ଏହି ଘଟଣା ଦର୍ଶାଉଛି ଯେ ଦେଶର ପ୍ରତ୍ୟେକ ନାଗରିକ ଏହାର ସାହସୀ ସୈନିକଙ୍କ ସହ କାନ୍ଧକୁ କାନ୍ଧ ମିଶାଇ ଛିଡ଼ା ହୋଇଛନ୍ତି । ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ନ୍ୟାୟର ଅଖଣ୍ଡ ପ୍ରତିଜ୍ଞା ପୂରଣ କରିବା ପାଇଁ ଆରମ୍ଭ ହୋଇଥିବା ଅପରେସନ ସିନ୍ଦୂର ହେଉଛି ଭାରତୀୟ ସେନାର ଗୌରବମୟ କାହାଣୀ, ଯାହା ଆଗାମୀ ପିଢ଼ିକୁ ପ୍ରେରଣା ଦେଇ ଚାଲିବ ।

## ଆରମ୍ଭ ହେଲା ହସ୍ତତନ୍ତ ବିଭାଗ କ୍ଷେତ୍ର ଅଧିକାରୀଙ୍କ ଦୁଇଦିନିଆ କର୍ମଶାଳା ଓ ସମୀକ୍ଷା

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗରେ କାର୍ଯ୍ୟରତ କ୍ଷେତ୍ର ଅଧିକାରୀମାନଙ୍କ ଦୁଇଦିନିଆ କର୍ମଶାଳା ଓ ସମୀକ୍ଷା ବୈଠକ ଆଜିଠୁ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମକୁ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଉଦ୍ଘାଟନ କରି କହିଛନ୍ତି, ହସ୍ତତନ୍ତ ଓ ହସ୍ତଶିଳ୍ପ ଓଡ଼ିଆ ଜାତିର ଅନ୍ୟତମ ପରିଚୟ । ଏହି ସମୃଦ୍ଧ ପରମ୍ପରାକୁ ଆଗକୁ ନେବାକୁ ହେଲେ ବିପଣନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେବ । ଅନଲାଇନ ସହ ବିଶ୍ୱବଜାରରେ ଆମ ସାମଗ୍ରୀକୁ ଉପଲବ୍ଧ କରାଇବାକୁ ସେ ପରାମର୍ଶ ଦେଇଛନ୍ତି । ତା ସହ ବୁଣାକାର, କାରିଗର ଓ ରେଶମ ଚାଷୀଙ୍କ ହିତକୁ ପ୍ରାଥମିକତା ଦେଇ ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ତାହାର ସଫଳତା ଓ ଦକ୍ଷତା ବୃଦ୍ଧି ଉପରେ ସବିସ୍ତୃତ ସମୀକ୍ଷା କରିଥିଲେ । ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ, ଅମ୍ଳାନର ସମୃଦ୍ଧି ଉପରେ ମଧ ଚର୍ଚ୍ଚା କରିଥିଲେ । ସମସ୍ତ ପ୍ରକାର ରେଶମ ଯଥା ମୁଗା, ଟସର, ଏରି, ମଲବେରୀ , ଆଦି ରେଶମ ଚାଷ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ସାମଗ୍ରୀ ଉତ୍ପାଦନରେ ନୂଆ ଡିଜାଇନ୍, ଉନ୍ନତ ପ୍ୟାକେଜିଙ୍ଗ, ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ, ବଜାର ସଂଯୋଗ ଓ ନୂଆ କ୍ଲଷ୍ଟର୍ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ବୁଣାକାର ଓ କାରିଗରଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନିୟମିତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ସମ୍ପର୍କରେ ବୟନଶିଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରେମ ଚନ୍ଦ୍ର ଚୌଧାରୀ ଦିଗଦର୍ଶନ ଦେଇଥିଲେ । ହସ୍ତଶିଳ୍ପ ନିର୍ଦ୍ଦେଶିକା ତଥା ବୟନିକାର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ପ୍ରଣତୀ ଛୋଟରାୟ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ତଥା ଯୁଗ୍ମ ସଚିବ ମଧୁମିତା ରଥ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବୟନଶିଳ୍ପ, ରେଶମ ଓ ହସ୍ତଶିଳ୍ପର ଉପ ନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କ୍ଷେତ୍ର ଅଧିକାରୀମାନେ ଯୋଜନା କାର୍ଯ୍ୟକାରୀ ସମୟରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ନିଜର ମତାମତ ଉପସ୍ଥାପନ କରିଥିଲେ । ସୂଚନାଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷରେ ୨୩୭୫ ଜଣ ବୁଣାକାରଙ୍କୁ ୱର୍କ ସେଡ ନିର୍ମାଣ ପାଇଁ ସହାୟତା ପ୍ରଦାନ କରାଯାଇଥିବା ବେଳେ ୭୬୨ ଜଣଙ୍କୁ ତନ୍ତ ଗର୍ତ୍ତ ତଳେଇ କରଣ, ୯୪୨୮ ଜଣଙ୍କୁ ଲାଇଟିଙ୍ଗ ୟୁନିଟ୍, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମାଧ୍ୟମରେ ୫୬୭ ଜଣଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ, ୪୮୪୨ ଜଣଙ୍କୁ ହସ୍ତତନ୍ତ ଉପକରଣ ଯୋଗାଇ ଦିଆଯାଇଛି ।



ଏମବିସି ଟିଭି ସ୍ୱନକ୍ଷତ୍ର ଉତ୍ସବରେ ରାଜ୍ୟବ୍ୟାପୀ ଦନ୍ତ ଚିକିତ୍ସା ଶିବିର ଆୟୋଜନ ସହ ୧୬ଶହରୁ ଅଧିକ ଦନ୍ତ ପ୍ରତିରୋପଣ କରିଥିବା ଦନ୍ତ ବିଶେଷଜ୍ଞ ଡ଼ଃ ରୟମନ କୁମାର ମିଶ୍ରଙ୍କୁ କଳିଙ୍ଗ ଗୌରବ ସମ୍ମାନ ।

## ରାଜସୁନାଖେଳାରେ ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ କଲେ ବାଚସ୍ପତି

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଅପ୍ରେଲ ୨୨ ତାରିଖ ଦିନ ଜାମ୍ମୁର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ବିଭତ୍ସ କାଣ୍ଡର ଜବାବ୍‌ରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶରେ ଭାରତ ଆତଙ୍କବାଦୀଙ୍କ ବିରୁଦ୍ଧରେ ମଇ ୭ ତାରିଖ ଦିନ 'ଅପରେସନ୍ ସିନ୍ଦୂର' ଆରମ୍ଭ କରିଥିଲା । ଭାରତୀୟ ସେନାବାହିନୀର ଅଭୂତପୂର୍ବ ସାହସ, ପରାକାଷ୍ଠା ଯୋଗୁଁ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡା ଧ୍ୱଂସ ପାଇବା ସହ ବହୁ ଆତଙ୍କବାଦୀ ମୃତାହତ ହୋଇଥିଲେ । ଭାରତୀୟ ସେନାର ଶୌର୍ଯ୍ୟ ଓ ପରାକ୍ରମ ଯୋଗୁଁ ଆଜି ଦେଶବାସୀ ଗର୍ବିତ । ଭାରତର ସାର୍ବଭୌମତ୍ୱ ଓ ଭାରତୀୟଙ୍କ ସୁରକ୍ଷା ପାଇଁ ସେନାବାହିନୀର ଏହି ଦେଶଭକ୍ତି ଓ ବୀରତ୍ୱକୁ ସମ୍ମାନ ଜଣାଇ ଆଜି ରଣପୁର ବ୍ଲକ୍ ର ରାଜସୁନାଖେଳା ଗ୍ରାମପଂଚାୟତସ୍ଥିତ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ଏକ ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଏହି ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଭାରତ ମାତା କି ଜୟ, ବନ୍ଦେ ମାତରମ୍ ଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଥିଲା । ବହୁ ସଂଖ୍ୟାରେ ସ୍ଥାନୀୟ ଜନତା, ରଣପୁର ନାଗରିକ ସମାଜ, ବରିଷ୍ଠ ନାଗରିକ ସଂଘ, ବିବେକାନନ୍ଦ ପାଠାଗାର, ବଣିକ ସଂଘ, ବିଭିନ୍ନ ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଶତାଧିକ ମହିଳା ଏହି ରାଲିରେ ଯୋଗଦେଇଥିଲେ । ଅପରାହ୍ନ ୪ଟା ସମୟରେ ଏହି ତ୍ରିରଙ୍ଗା ଶୋଭାଯାତ୍ରା ରାଜସୁନାଖେଳା ବସଷ୍ଟାଣ୍ଡରୁ ବାହାରି ଦକ୍ଷିଣକାଳୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ୧୨୦ ମିଟର ଲମ୍ବର ତ୍ରିରଙ୍ଗା ପତାକା ଧରି ରାଲି ଦକ୍ଷିଣକାଳୀ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ ସ୍ଥାନୀୟ ସରପଂଚ ଚିତରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଜନସାଧାରଣଙ୍କ ମନରେ ଅପୂର୍ବ ଉତ୍ସାହ, ଉଦ୍ଦୀପନା ଓ ବିଜୟର ଆନନ୍ଦ ସହ ଦେଶପ୍ରେମର ଭାବ ଦେଖି ବାଚସ୍ପତି ଶ୍ରୀମତୀ ପାଢ଼ୀ ଅଭିଭୂତ ହୋଇଥିଲେ । ବାଚସ୍ପତି ଶ୍ରୀମତୀ ପାଢ଼ୀ ରାଲିକୁ ସମ୍ବୋଧନ କରି ମାତୃଜାତି ପ୍ରତି ରହିଥିବା ଗଭୀର ସମ୍ବେଦନା ତଥା ଦେଶର କନ୍ୟାର ସିନ୍ଦୂରର ସୁରକ୍ଷା ମାଧ୍ୟମରେ ସମଗ୍ର ଦେଶବାସୀଙ୍କ ସୁରକ୍ଷା, ଦେଶର ଏକତା ଏବଂ ସାର୍ବଭୌମତ୍ୱ ପ୍ରତି ରହିଥିବା ପ୍ରତିବଦ୍ଧତାର ପରିଣାମ ଅପରେସନ୍ ସିନ୍ଦୂର ବୋଲି ମତବ୍ୟକ୍ତ କରିଥିଲେ । ସମସ୍ତ ସେନାବାହିନୀର ସମନ୍ୱୟ ଏବଂ ଦେଶ ସାମରିକ କୌଶଳରେ ବିଶ୍ୱର ସର୍ବଶ୍ରେଷ୍ଠ ଦେଶ ବୋଲି ପ୍ରମାଣ ଦର୍ଶାଇ ପ୍ରଧାନମନ୍ତ୍ରୀ ଓ ସୈନ୍ୟବାହିନୀଙ୍କ ପ୍ରତି ଶ୍ରୀମତୀ ପାଢ଼ୀ ଗଭୀର କୃତଜ୍ଞତା ଜଣାଇଥିଲେ ।

### ଶିକ୍ଷକ ବଦଳିରେ କୌଣସି ପ୍ରକାର ଦୁର୍ନୀତି ହେବନି : ମନ୍ତ୍ରୀ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଶିକ୍ଷକ ବଦଳିରେ କୌଣସି ପ୍ରକାର ଦୁର୍ନୀତି ହେବନି ବୋଲି କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀ କହିଛନ୍ତି ଯେ, ବିଧାୟକ ହେଉଛନ୍ତି ଲୋକ ପ୍ରତିନିଧି । ଶିକ୍ଷକ ମାନେ ବିଭିନ୍ନ ସମୟରେ ତାଙ୍କର ସମସ୍ୟା ନେଇ ଲୋକ ପ୍ରତିନିଧିଙ୍କ ପାଖକୁ ଯାଇଥାନ୍ତି । କେଉଁ ସ୍କୁଲ ରେ କଣ ଆବଶ୍ୟକତା ରହିଛି ସେହି ଅନୁସାରେ ବିଧାୟକ ସାଂସଦ ବଦଳି ପାଇଁ ସୁପାରିଶ କରିପାରିବେ । ନିଜ ନିର୍ବାଚନ ମଣ୍ଡଳୀ ଭିତରେ ପରିସ୍ଥିତିକୁ ଦେଖି ଖାଲି ଥିବା ପଦବୀ, ଯାହାର ଛଅ ବର୍ଷରୁ ଉର୍ଦ୍ଧ୍ୱ ହୋଇଛି ସେମାନଙ୍କର ବଦଳି ପାଇଁ ସୁପାରିଶ କରିପାରିବେ । ଅନେକ ସମୟରେ ଜିଲ୍ଲାରେ ଟ୍ରାନ୍ସଫର ପାଇଁ ଶିକ୍ଷକ ହଇରାଣ ହୋଇଥାନ୍ତି । ବାରମ୍ବାର ଲୋକ ପ୍ରତିନିଧିଙ୍କ ପାଖକୁ ଯାଇଥାନ୍ତି ।ଏଥିରେ କୌଣସି ପ୍ରକାର ଦୁର୍ନୀତି ହେବ ନାହିଁ । ଯେଉଁ ମାନେ ବିନା ଟଙ୍କାରେ ଟ୍ରାନ୍ସଫର ପାଇଁ ଯୋଗ୍ୟ ଟ୍ରାନ୍ସଫର ହେବେ । ବିଧାୟକ ମାନେ ଯୋଗ୍ୟ ବିବେଚିତ କରି ସୁପାରିଶ କରିବେ ବୋଲି ସେ କହିଛନ୍ତି ।

## ଜିନ୍ଦଲ ଷ୍ଟେନଲେସ ପକ୍ଷରୁ ଯୋଗାଣ ଶୃଙ୍ଖଳା ଡିଜିଟାଲିକରଣ ପ୍ରକଳ୍ପ ଆରମ୍ଭ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଭାରତର ସର୍ବବୃହତ ଷ୍ଟେନଲେସ ଷ୍ଟିଲ ନିର୍ମାତା ଜିନ୍ଦଲ ଷ୍ଟେନଲେସ ପକ୍ଷରୁ ପ୍ରକଳ୍ପ ପ୍ରଗତି ଆରମ୍ଭ କରାଯାଇଛି । ଏହି ପ୍ରକଳ୍ପ ଅଧୀନରେ ହିସାର ୟୁନିଟରେ କାଷ୍ଟିଂ ରୁ ଆରମ୍ଭ କରି ଫିନିଶିଂ ପର୍ଯ୍ୟନ୍ତ ସମସ୍ତ ଉତ୍ପାଦନ ପ୍ରକ୍ରିୟାର ଅଟୋମେସନ୍ କରାଯିବା ନେଇ ଲକ୍ଷ୍ୟ ରହିଛି । ଏହି ପଦକ୍ଷେପ ଷ୍ଟିଲ ଓ ଷ୍ଟେନଲେସ ଶିଳ୍ପରେ ପ୍ରସର୍ବପ୍ରଥମ । ପ୍ରଗତି ଜରିଆରେ ଡାସଲ୍ଟ ସିଷ୍ଟମର ଡେଲମିଆ ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକାରୀ ପାର୍ଟନରକ୍ୟାପଜେମିନି ସହଯୋଗରେ ଉନ୍ନତ ପ୍ଲାନିଂ ଏବଂ ଟେକ୍ନୋଲୋଜିକୁ ସାମିଲ କରାଯିବ ଯାହା ଫଳରେ ଉତ୍ପାଦକତା ଏବଂ ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ପାଇବ । ପ୍ରଗତି କାର୍ଯ୍ୟକାରୀ ହେବା ସହ ଗ୍ରାହକ ଲିଡ ଟାଇମ୍ ୧୦ ରୁ ୧୫% ହ୍ରାସ ହେବ ବୋଲି ଆଶା କରାଯାଉଛି । ଏହି ପ୍ରକଳ୍ପ ଯୋଗୁଁ ସଠିକ୍ ଭାବରେ ଭଣ୍ଡାର/ ଇନଭେଂଟୋରି ସ୍ତର ବଜାୟ ରହିବା ସହ ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ପାଇବ । ରିଅଲ ଟାଇମ୍ ଟ୍ରାକିଂ ଏବଂ ଉପଯୁକ୍ତ ଆବଂଟନ ମାଧ୍ୟମରେ ଇନଭେଣ୍ଟରି ମୂଲ୍ୟ ୮ ରୁ ୧୦ ପ୍ରତିଶତ ଅନୁକୂଳ ହୋଇପାରିବ । ଏହାସହ ଏହି ଡିଜିଟାଲ ସମାଧାନ ଯୋଗୁଁ କ୍ଷମତାରେ ୫% ବୃଦ୍ଧି ଘଟିବ ଏବଂ ଉପକରଣ ଲୋଡ଼ିଂ ଓ ରୁଟ୍ ଅନୁକୂଳନର ଦୃଶ୍ୟମାନତାରେ ଉନ୍ନତି ହେବ । ଏହି ଅବସରରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଥିକ୍ଷ୍ଣଙ୍କକ୍ଟସ୍ପ;ଆମ ହିସାର ୟୁନିଟରେ ପ୍ରଗତି ପ୍ରକଳ୍ପ ଆରମ୍ଭ ହେବା ଡିଜିଟାଲ ଅଭିନବତା ମାଧ୍ୟମରେ ମୂଲ୍ୟ ଶୃଙ୍ଖଳାକୁ ଉନ୍ନତ କରିବା ଦିଗରେ ଏକ ମାଇଲଖୁଂଟ ଅଟେ । ବିଭିନ୍ନ ପର୍ଯ୍ୟାୟରେ ଏହି ପଦକ୍ଷେପ କାର୍ଯ୍ୟକାରୀ ହେବାକୁ ଯାଉଛି । ଦ୍ୱିତୀୟ ପର୍ଯ୍ୟାୟରେ ଆମେ ଏହାକୁ ସ୍ତର ୨ ସମନ୍ୱୟ ସହିତ ଆମର ଯାଜପୁର ପ୍ଲାଂଟରେ ସୁବିଧାରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ଦ୍ୱାରା ଆମର ଉତ୍ପାଦନ ପ୍ରଣାଳୀ ଏବଂ ମେସିନରୁ ସିଧାସଳଖ ରିଅଲ ଟାଇମ୍ ପ୍ରକ୍ରିୟା ପାରାମିଟରଗୁଡ଼ିକ ସଂଗ୍ରହ ହୋଇପାରିବ । ଆଗାମୀ ବର୍ଷ ପାଇଁ ସ୍ଥିର କରାଯାଇଥିବା ତୃତୀୟ ଏବଂ ଅନ୍ତିମ ପର୍ଯ୍ୟାୟରେ ଆମର କଂଚାମାଲ କ୍ରୟ ଠାରୁ ଶେଷ ମାଇଲ ବିତରଣ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଯୋଗାଣ ଶୃଙ୍ଖଳ ସ୍ୱୟଂଚାଳିତ ହେବା ସହ ଏଥିରେ ଅତ୍ୟାଧୁନିକ ପରିବହନ ଟ୍ରାକିଂ ସିଷ୍ଟମ ମଧ୍ୟ ସାମିଲ ହେବ । ମୁଁ ବହୁତ ଖୁସି ଯେ ପ୍ରଗତି ମାଧ୍ୟମରେ ଆମେ ଭାରତରେ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନକୁ ରୂପାନ୍ତରଣ କରୁଅଛୁ ଏବଂ ନୂତନ ଶିଳ୍ପ ମାନଦଣ୍ଡ ସ୍ଥାପନ କରୁଛୁ । ଏହାସହ ଆତ୍ମନିର୍ଭର ଏବଂ ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣକୁ ସାକାର କରିବାରେ ଯୋଗଦାନ ଦେଇପାରିଛୁ । ପ୍ରଗତି, ଡେଲମିଆ କ୍ୱିଂନଟିକର କ୍ୟାରେକ୍ଟରିଷ୍ଟିକ୍ସ ବେସ୍ଡ ପ୍ଲାନିଂ (ସିବିପି) ଉପରେ କାର୍ଯ୍ୟ କରେ । ଯାହା ଏକ ଏକୀକୃତ, ବୁଦ୍ଧିମାନ ଯୋଜନା ଏବଂ କାର୍ଯ୍ୟକାରୀ ପରିବେଶ ସୃଷ୍ଟି କରିବା ପାଇଁ ସାପ୍ (ଏସ୍ଏପି) ସହିତ ନିରବଛିନ୍ନ ଭାବେ ସଂଯୋଜିତ । ଯେତେବେଳେ ଜଣେ ଗ୍ରାହକ ଏକ ପ୍ରସ୍ତୁତ ଉତ୍ପାଦ ଅର୍ଡର କରନ୍ତି, ପ୍ରଗତି ରିଅଲ-ଟାଇମରେ ସର୍ବୋତମ ପୂରଣ ପଦ୍ଧତି ଚିହ୍ନଟ କରେ, କାଷ୍ଟିଂରୁ ଫିନିସିଂ ପର୍ଯ୍ୟନ୍ତ ଉତ୍ପାଦନ ପ୍ରକ୍ରିୟାର ଉତ୍ପାଦନ ନିର୍ଦ୍ଦିଷ୍ଟ କରି, ଚାହିଦା ପୂରଣ ପାଇଁ ସବୁଠାରୁ ଦ୍ରୁତ ଏବଂ ଦକ୍ଷ ପଥକୁ ବିଚାର କରିବାରେ ସହାୟକ ହୋଇଥାଏ । ଏହି ସମାଧାନ ସ୍ୱୟଂଚାଳିତ ନିଷ୍ପତି ଗ୍ରହଣ ମାଧ୍ୟମରେ ମାନୁଆଲ ହସ୍ତକ୍ଷେପକୁ ନିଷ୍କାସନ କରେ । ଏହାର ରିଅଲ-ଟାଇମ, ମୋବାଇଲ ଡାସବୋର୍ଡ (ଯାହାକି ଡେଲମିଆର ଆପ୍ରିସୋ ଦ୍ୱାରା ଚାଳିତ) ଉତ୍ପାଦନ ପରିମାଣ, ଓଟିଆଇଏଫ (ଅନ-ଟାଇମ ଇନ-ଫୁଲ), ଉତ୍ପାଦ, ଉପକରଣ ବ୍ୟବହାର ଏବଂ ଡିସପାଚ୍ ଟ୍ରେଣ୍ଡ ପରି ମୁଖ୍ୟ ପ୍ରଦର୍ଶନ ସୂଚକଗୁଡ଼ିକରେ ଦୃଶ୍ୟମାନତା ପ୍ରଦାନ କରେ, ଯାହା ଉତ୍ପାଦନ ୟୁନିଟଗୁଡ଼ିକ ପାଇଁ ଦୃଢ଼ ପରିଚାଳନା ନିୟନ୍ତ୍ରଣ ସୁନିଶ୍ଚିତ କରେ । ଡାସଲ୍ଟ ସିଷ୍ଟମ୍ସର ଭାରତ ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ଦୀପକ ଏନଜି କହିଛନ୍ତି ଯେ,ପ୍ରୋଜେକ୍ଟ ପ୍ରଗତି ହେଉଛି କିପରି ଭର୍ଚୁଆଲ୍ ଟ୍ୱିନ୍ ଏବଂ ଡିଜିଟାଲ୍ ଉତ୍ପାଦନ ପ୍ରଯୁକ୍ତିବିଦ୍ୟା ପାରମ୍ପରିକ ଶିଳ୍ପଗୁଡ଼ିକୁ ସ୍କେଲ୍ ?ରେ ପୁନଃଆକୃତି ଦେଇପାରେ ତାହାର ଏକ ନିର୍ଣ୍ଣାୟକ ଉଦାହରଣ । କାଷ୍ଟିଂରୁ ଗ୍ରାହକ ପର୍ଯ୍ୟନ୍ତ ଉତ୍ପାଦନ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରି ଏହାର କାର୍ଯ୍ୟକୁ ଡିଜିଟାଲ୍ ରୂପାନ୍ତରିତ କରିବାର ଯାତ୍ରାରେ ଜିନ୍ଦଲ୍ ଷ୍ଟେନଲେସ୍‌କୁ ସମର୍ଥନ କରିବାକୁ ଆମେ ଆନନ୍ଦିତ । ଆମର ୩ଡି ଏକ୍ସପେରିଏନ୍ସ ପ୍ଲାଟଫର୍ମ ଦ୍ୱାରା ପରିଚାଳିତ ଆପ୍ଲିକେସନ୍ ?ଗୁଡ଼ିକୁ ଏକୀକୃତ କରି, ଜିନ୍ଦଲ୍ ଷ୍ଟେନଲେସ୍ ଏକ ପ୍ରତିକ୍ରିୟାଶୀଳ, ବୁଦ୍ଧିମାନ ଏବଂ ସ୍ଥାୟୀ ଉତ୍ପାଦନ ଇକୋସିଷ୍ଟମ୍ ନିର୍ମାଣ କରୁଛି । ଏହି ସହଯୋଗ କେବଳ ଯୋଗାଣ ଶୃଙ୍ଖଳା ଚପଳତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ସୁଦୃଢ଼ କରେ ନାହିଁ ବରଂ ଏକ ଡିଜିଟାଲ୍ ସଶକ୍ତ, ଆତ୍ମନିର୍ଭରଶୀଳ ଶିଳ୍ପ ଭବିଷ୍ୟତ ପାଇଁ ଭାରତର ମହତ୍ୱାକାଂକ୍ଷାରେ ମଧ୍ୟ ଯୋଗଦାନ ଦିଏ ।" ମେ ୨୦୨୩ରେ ଜିନ୍ଦଲ ଷ୍ଟେନଲେସ ଏହାର ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳାକୁ ସ୍ୱୟଂଚାଳିତ କରିବା ପାଇଁ ଦଶାଲ୍ଟ ସିଷ୍ଟମ ସହ ଭାଗିଦାରୀ କରିଥିଲା । ଏହି ସହଯୋଗ ଜିନ୍ଦଲ ଷ୍ଟେନଲେସର ବର୍ଦ୍ଧିଷ୍ଣୁ ଗ୍ରାହକ ଚାହିଦା ଏବଂ ନିର୍ଭରଯୋଗ୍ୟ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଏହାର ଭବିଷ୍ୟତ ସମ୍ପ୍ରସାରଣ ଯୋଜନା ପୂରଣ କରିବା ପାଇଁ ଥିବା ରଣନୀତିର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଛି । କାର୍ଯ୍ୟକାରୀ ହୋଇଥିବା ନୂତନ ଡିଜିଟାଲ୍ ସମାଧାନଗୁଡ଼ିକ ଉତ୍ପାଦ ଏବଂ ଗୁଣବତା ପ୍ରତ୍ୟାଖ୍ୟାନକୁ ହ୍ରାସ କରିବା ସହ କମ୍ପାନୀରକାର୍ବନ ପଦଚିହ୍ନ ଏବଂ ଖର୍ଚ୍ଚ ହ୍ରାସ ପାଇବା ସହ ଏହାର ଅପରେସନାଲ ସାମର୍ଥ୍ୟରେ ଉନ୍ନତି ଆସିବ ।



**AFFIDAVIT**

I sk.Hajarat s/o late Jamir of vill-kusapalla po/ps-Begunia Dist-khordha .My real name is sk.Hajarat ,which has been recorded in my Adhar no-6784 5729 7351 & Uco Bank ,Begunia branch A/c no-17330110078662 & other official & non official record but in LIC bearing policy no-588925187, my name has been recorded as sk.Kabali.By virtue of this affidavit no-497 dt-25.02.2025,I do hereby declare that,Sk.Hajarat & Sk.Kabali both the name are same & one person i.e.myself.

## — ସଂପାଦକୀୟ —

# ଚୀରସ୍ରୋତା ନଦୀଗୁଡ଼ିକ ପ୍ରତି ବିପଦ

**ବି**ଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ହିମାଳୟର ହିନ୍ଦୁକୁଶ ରେଜିୟନ (ଏଚକେଏଚ)ରୁ ଉପର ନଦୀଗୁଡ଼ିକର ଜଳ ଧାରା ପ୍ରତି ଏବେ ବିପଦ ଦେଖା ଦେଇଛି। ହିନ୍ଦୁକୁଶ ଅଂଚଳରୁ ବାହାରିଥିବା ନଦୀଗୁଡ଼ିକ ଚୀରସ୍ରୋତା ଭାବେ ପରିଚିତ। ମୌସୁମୀ ଋତୁରେ ବର୍ଷା ଏବଂ ଗ୍ରୀଷ୍ମଋତୁରେ ବରଫ ତରଳିବା ଯୋଗୁଁ ଏହି ନଦୀଗୁଡ଼ିକରେ ବର୍ଷର ସବୁଦିନେ ଜଳଧାରା ରହିଥିବାରୁ ଏହାକୁ ଚୀରସ୍ରୋତା ନଦୀ ବୋଲି କୁହାଯାଇଥାଏ। ଦି ଇଂଟରନ୍ୟାଶନାଲ ମେଂଟର ଫର ଇଂଟିଗ୍ରେଟେଡ ମାଉଟେଂନ ଡେଭଲପମେଂଟ (ଆଇସିଆଇଏମଓଡି) ପକ୍ଷରୁ ନିକଟରେ ପ୍ରକାଶିତ ଏଚକେଏଚ-୨୦୨୫ ସ୍ନୋ-ଅପଡେଟ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଁ ତାହା ଯେତିକି ଉଦ୍‌ବେଗଜନକ ସେତିକି ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ୨୦୨୦-୨୧ରୁ ୨୦୨୪-୨୫ ମଧ୍ୟରେ ପାଂଚଟି ଶୀତ ଋତୁ ମଧ୍ୟରୁ ଚାରିଟିରେ ତୁଷାରପାତ ସ୍ୱାଭାବିକ ସ୍ତରଠାରୁ କମ୍ ରହିଛି। ୨୦୨୪-୨୫ ଶୀତ ଋତୁରେ ସ୍ୱାଭାବିକ ସ୍ତରଠାରୁ ତୁଷାରପାତ ୨୩.୬ ପ୍ରତିଶତ କମ ଥିବା ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଯେତେବେଳେ ଗ୍ରୀଷ୍ମଋତୁରେ ବରଫ ତରଳେ ସେତେବେଳେ ହିନ୍ଦୁକୁଶ ହିମାଳୟରୁ ୧୨ଟି ବଡ ବଡ ନଦୀ ଏକ ଚତୁର୍ଥାଂଶ ଜଳ ପ୍ରଦାନ କରିଥାଏ। ଏହି ନଦୀଗୁଡ଼ିକ ମଧ୍ୟରେ ଗଙ୍ଗା, ଯମୁନା, ସିନ୍ଧୁ, ବ୍ରହ୍ମପୁତ୍ର, ମେକଙ୍ଗ, ଅମୁଦାର୍ଯ୍ୟା, ସାଲୱିନ ଆଦି ଅନ୍ୟତମ ତଥା ଜଣାଶୁଣା। ତେବେ ଶୀତ ଋତୁରେ ବରଫପାତରେ କ୍ରମାଗତ ଅନିୟମିତତା ଯୋଗୁଁ ଏହି ନଦୀଗୁଡ଼ିକ ଅବବାହିକାରେ ବସବାସ କରୁଥିବା ୨ ବିଲିୟନ ବା ୨୦୦ କୋଟିରୁ ଅଧିକ ଲୋକ ଭବିଷ୍ୟତରେ ଖରାଦିନେ ଉକ୍ଟ ପାନୀୟ ଜଳ ସଂକଟର ସମ୍ମୁଖୀନ ହେବା ରିପୋର୍ଟରେ ଆଇସିଆଇଏମଓଡି ଚେତାବନୀ ଦେଇଛି। କେବଳ ପାନୀୟ ଜଳ ନୁହେଁ, କୃଷି କ୍ଷେତ୍ରରେ ଜଳସେଚନ ଏବଂ ଜଳ ବିଦ୍ୟୁତ ଉତ୍ପାଦନ ଗୁରୁତର ଭାବେ ବାଧାପ୍ରାପ୍ତ ହେବା ନେଇ ରିପୋର୍ଟରେ ଆଶଙ୍କା ପ୍ରକାଶ ପାଇଛି। ଭାରତରେ ପ୍ରବାହିତ ନଦୀଗୁଡ଼ିକ, ଯେଉଁ ସମସ୍ତ ହିମାଳୟରୁ ବାହାରିଛି, ସେଠାର ଉପର ମୁଣ୍ଡରେ ଚଳିତ ବର୍ଷ ବରଫପାତ ସ୍ୱାଭାବିକ ତୁଷାରପାତ୍ ୨୩.୬ ପ୍ରତିଶତ କମ୍ ରହିଥିବା ବେଳେ ମେକଙ୍ଗ ଅବବାହିକାରେ ଏହାର ସ୍ୱାଭାବିକ ସ୍ତରଠାରୁ ୫୧.୯ ପ୍ରତିଶତ କମ୍ ରହିଥିବାବେଳେ ଗାଲୱିନ ଅବବାହିକାରେ ୪୮.୩ ପ୍ରତିଶତ କମ୍ ରହିଛି। ସେହିପରି ବ୍ରହ୍ମପୁତ୍ର ଅବବାହିକାରେ ତୁଷାରପାତ ସ୍ୱାଭାବିକ ସ୍ତରଠାରୁ ୨୭.୯ ପ୍ରତିଶତ ହ୍ରାସ ପାଇଛି। କହିବା ବାହୁଲ୍ୟ ଯେ, ଗତ ଦୁଇ ଦଶନ୍ଧି ମଧ୍ୟରେ ଗଙ୍ଗା ଅବାବହିକାରେ ତୁଷାରପାତ ହାର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଏହା ନିସନ୍ଦେହ ଯେ, ବିଶ୍ୱ ଜଳବାୟୁ ପରିବର୍ତନ ଯୋଗୁଁ ଅନବରତ ଭାବେ ହିନ୍ଦୁକୁଶ ହିମାଳୟ ରେଜିୟନରେ ତୁଷାରପାତ ହ୍ରାସ ପାଇବାରେ ଲାଗିଛି। ବିଶ୍ୱ ତାପମାତ୍ରା ବୃଦ୍ଧି ପ୍ରଭାବରେ ହିନ୍ଦୁକୁଶ ହିମାଳରେ ମଧ୍ୟ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି ବୋଲି ଏକ ଗବେଷଣାତ୍ମକ ସର୍ଭେ ରିପୋର୍ଟରେ କୁହାଯାଇଛି। ଆଇସିଆଇଏମଓଡି ରିପୋର୍ଟରେ କୁହାଯାଇଛି ଯେ, ପ୍ୟାରିସ ଜଳବାୟୁ ଚୁକ୍ତିନାମାରେ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲସିଅସ୍‌ରେ ସୀମିତ ରଖିବା ପାଇଁ ବିଶ୍ୱ ସମ୍ମିଳନୀ ଘୋଷଣା କରିଛି। ଯଦି ୧.୫ ଡିଗ୍ରୀଠାରୁ ବିଶ୍ୱ ତାପମାତ୍ରା ବୃଦ୍ଧି ପାଏ, ତେବେ ହିନ୍ଦୁକୁଶ ହିମାଳୟ ରେଜିୟନରେ ତାପମାତ୍ରା ୦.୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ ବୋଲି ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି। ଆଇସିଆଇଏମଓଡିର ବୈଜ୍ଞାନିକମାନେ ମଧ୍ୟ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ଏହି ଧାରା ଜାରି ରହେ, ତେବେ ନଦୀ ଅବବାହତକାରେ ଅଂଚଳ ଉକ୍ଟ ଜଳାଭାବର ସମ୍ମୁଖୀନ ହେବ। ଯାହାର ପରିଣତି ସ୍ୱରୁପ ଭୂତଳ ଜଳ ଉପରେ ନିର୍ଭରଶଳୀତା ବୃଦ୍ଧି ପାଇବା ସହ ମରୁଡିର ଆଶଙ୍କା ବୃଦ୍ଧି ପାଇବ। ସରକାର ଓ ଜଳ ସଂସ୍ଥାଗୁଡ଼ିକ ଜଳ ସଂଚୟ ଯୋଜନା ପ୍ରସ୍ତୁତ କରିବା ସହ ମରୁଡି ପ୍ରତିକ୍ରୀୟାରେ ଉନ୍ନତି ଆଣିବା ଏବଂ ସମ୍ବଳଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଭାବେ ପରିଚାଳନା ପାଇଁ ବୈଜ୍ଞାନିକ ତଥ୍ୟ ବ୍ୟବହାର କରି ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଯେଉଁ ପରାମର୍ଶ ଦେଇଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ ହୁଏ। ଏଥିଲାଗି ନୀତି ନିର୍ଦ୍ଧାରକମାନେ ଦୀର୍ଘମିଆଦ ଭିତିରେ ସ୍ୱଳ୍ପ ଜଳରେ ଚାଷ ଏବଂ ମରୁଡିର ସ୍ଥାୟୀ ପ୍ରତିକାର ପାଇଁ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ଏଥିସହ ହିମାଳୟ ପାଦଦେଶରେ କୃଷିଜମିକୁ ଜନବସତି ଅଂଚଳରେ ବଦଳକୁ ବନ୍ଦ କରିବା ଜରୁରୀ। ଏହା ନିସନ୍ଦେହ ଯେ, ହିମାଳୟ ଅଂଚଳରେ ତାପମାତ୍ରା ବୃଦ୍ଧି ନିୟନ୍ତ୍ରଣ ପାଇଁ ସବୁମତେ ଜରୁରୀ। ଅନ୍ୟଥା ଚୀରସ୍ରୋତା ନଦୀଗୁଡ଼ିକ ଆଗାମୀ ଦିନରେ ଶୁଖିଲା ପଡିବ।

**ସୌଭାଗ୍ୟ ରଂଜନ ମହାନ୍ତି**
**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**

## ଆପଣଙ୍କ ମତାମତ

**ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।**

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ଇତିହାସ ଏକ ଐତିହାସିକତା



ଗୋପାଳ ମହାପାତ୍ର

**ଏ**ବେ ଆମ ଦେଶରେ ଇତିହାସର ପୁନଃ ଲିଖନକୁ ନେଇ ଚର୍ଚ୍ଚା ଚାଲିଛି। ଏବେ ଆମେ ଯେଉଁ ଇତିହାସ ପଢୁଛେ ତାହା ତୃଟିପୁର୍ଣ୍ଣ ବୋଲି କୁହାଯାଉି ଓ ଏଥିରେ ପ୍ରକୃତ ତଥ୍ୟ ଉପସ୍ଥାପନ କରାଯାଇନାହିଁ ବାଲି ଅନେକଙ୍କ ମତ। ଏକଥା ହୁଏତ ସତ୍ୟ ହୋଇପାରେ। ଇତିହାସ ଲିଖନରେ ବ୍ୟକ୍ତି ଫରକ ଲେଖନର ସମ୍ଭାବନା ସବୁବେଳେ ରହିଛି। ଅଧିକତର ଇତିହାସ ବିଜେତାଙ୍କ ଦ୍ୱାରା ଲେଖାଯାଇଛି, ଯେଉଁଥି ପାଇଁ ଏଥିରେ ବିଜେତାଙ୍କ ମହିମା ମଣ୍ଡନ କରାଯାଇଛି ଅଥବା ସେମାନଙ୍କୁ ଠିକ୍ ବୋଲି ପ୍ରମାଣିତ କରିବା ପାଇଁ ଉଦ୍ୟମ କରାଯାଇଛି। କିନ୍ତୁ ଯେଉଁଠି କୌଣସି ଲେଖକ ପକ୍ଷଭୁକ୍ତ ହୋଇ ଲେଖିଛନ୍ତି ସେଭଳି ଲେଖକଙ୍କ ଦ୍ୱାରା ଲିଖିତ ଇତିହାସର ବସ୍ତୁନିଷ୍ଠାତା, ବିଶ୍ୱାସନୀୟତା ତୁଳନାତ୍ମକ ଭାବେ ସନ୍ଦେହର ପରିସରକୁ ଆସିଛି। ଭାରତରେ ପ୍ରଚଳିତ ଇତିହାସ ମୁସଲିମ ଆକ୍ରମଣକାରୀ, ଇଂରେଜ ଶାସନ ଏବଂ ବାମପନ୍ଥୀ ବିଚାରଧାରା ସହ ଜଡ଼ିତ ଐତିହାସିକ ମାନଙ୍କ ଦ୍ୱାରା ଲେଖାଯାଇଛି। ଏଭଳି ଇତିହାସ ଲେଖିବା ପାଇଁ ଐତିହରସିକମାନେ ଅନେକ କଷ୍ଟ ତ କରିଚନ୍ତି କିନ୍ତୁ ଏଥିରେ ନିରପେକ୍ଷତାକୁ ନେଇ ମଧ୍ୟ ସନ୍ଦେହ ରହିଛି। ଏଭଳି ଇତିହାସ ଲେଖିଥିବା ଏତିହାସିକ ମାନଙ୍କର କିଛି ସ୍ୱାର୍ଥ ଥାଇପାରେ ଅଥବା ଭାରତକୁ ଦେଖିବାର ଦୃଷ୍ଟିଭଙ୍ଗୀ ମଧ୍ୟ ଭିନ୍ନ ହୋଇପାରେ ଯାହା କୌଣସି ବାହାର ବ୍ୟକ୍ତି ପାଇଁ ସ୍ୱାଭାବିକ ଅଟେ। ମୁସଲିମ ଆକ୍ରମଣକାରୀ ମାନେ ଏଭଳି ଦେଶରୁ ଆସିଥିଲେ ଯେଉଁଠାରେ ଖାଦ୍ୟ ଓ ଜିଇଁବାର ସାଧନ ପର୍ଯ୍ୟାପ୍ତ ନଥିଲା। ଏଣୁ ଲୁଟକରିବା ସହ ସେମାନଙ୍କର ଦ୍ୱୀତୀୟ ଲକ୍ଷ ଥିଲା ଭାରତରେ ଶାସନ କରି/ ବସବାସ କରି ଏଠାକାର ସବୁ ସୁଖସୁବିଧାକୁ ନିଜର ଇଛା ଅନୁସାରେ ଉପଭୋଗ କରିବା। ସେମାନଙ୍କ ପାଇଁ ଅନ୍ୟ ଦେଶରେ ଇସଲାମ ଧର୍ମର ପ୍ରସାର କରିବା ମଧ୍ୟ ପୁଣ୍ୟ କାର୍ଯ୍ୟ ଥିଲା ଏଣୁ ଅନେକ ଦେଶକୁ ଜିତିବା ସହ ଇସଲାମ ଧର୍ମର ପ୍ରସାର ତାଙ୍କର ଲକ୍ଷଥିଲା।

ଇଂରେଜ ମାନଙ୍କର ଲକ୍ଷମଧ ମୋଗଲ ଆକ୍ରମଣକାରୀଙ୍କ ଅନୁରପ ଥିଲା। ଇଂରେଜମାନେ ଖ୍ରୀଷ୍ଟଧର୍ମର ପ୍ରସାର ପାଇଁ ଉଦ୍ୟମ କରିଥିଲେ। ୟୁରୋପୀୟ ମାନେ ଭାରତକୁ ଆସିବାର କାରଣ ହେଉଛି ପ୍ରାକୃତିକ ସଂସାଧନର ଅଭାବ ଓ ସେଠାକାର ଥଣ୍ଡା ଜଳବାୟୁ। ସଂସାଧନର ଅଭାବ ପୂରଣ ପାଇଁ ସେମାନେ ଉପନିବେଶବାଦର ସହାୟତା ନେଇଥିଲେ ଏବଂ ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ଅନେକ ଦେଶ ଉପରେ କବଜା କରିବା ପାଇଁ ସେମାନେ ଉଦ୍ୟମ କରିଥିଲେ। ଏମାନେ କେତେକ ଦେଶର ଲୋକଙ୍କ ପୁରା ନଷ୍ଟ କରି ସେଠାକାର ମାଲିକ ମଧ୍ୟ ପାଲଟି ଯାଇଥିଲେ। ଆମେରିକା ଓ ଅଷ୍ଟ୍ରେଲିଆ ଏହାର ଜ୍ୱଳନ୍ତ ଉଦାହରଣ। ଯେଉଁଠି ସେମାନଙ୍କ ପାଇଁ ପୁରା ଲୋକଙ୍କୁ ପ୍ରତିସ୍ଥାପିତ କରିବା ସମ୍ଭବ ହେଉନଥିଲା ସେଠାରେ ସେମାନେ ସେଠାକାର ସ୍ଥାନୀୟ ସଭ୍ୟତା ଓ ସଂସ୍କୃତିକୁ ଭୁଲ ବା ନିମ୍ନଧରଣର ସାବ୍ୟସ୍ତ କରି ପାଶ୍ଚାତ୍ୟ ସଭ୍ୟତାକୁ ସ୍ଥାପିତ କରି ତାଙ୍କ ଶାସନକୁ ଦୀର୍ଘ ସ୍ଥାୟୀ କରିବା ପାଇଁ ଉଦ୍ୟମ କରୁଥିଲେ। ଇତିହାସ ଲିଖନରେ ଇଂରେଜ ମାନଙ୍କ ଦୃଷ୍ଟିଭଙ୍ଗୀକୁ ସ୍ପଷ୍ଟ ପ୍ରତିଫଳିତ କରିବାର ଉଦ୍ୟମ କରାଯାଇଥିଲା। ଇଂରେଜ ମାନେ ସେମାନଙ୍କ ଲକ୍ଷ ପୁରଣ ଦିଗରେ ସତର୍କ ଥିଲେ। ଯେଉଁ ତଥ୍ୟ ବା ଘଟଣା ତାଙ୍କୁ ଠିକ ଲାଗୁନଥିଲା ସେ ସବୁକୁ ଇତିହାସରେ ସ୍ଥାନୀତ କରାଗଲା ନାହିଁ ଅଥବା ଅଣଦେଖା କରାଗଲା। ଯଦିଓ ସେମାନେ ତଥ୍ୟାତ୍ମକ ଏବଂ ବାସ୍ତବିକତାକୁ ଆଧାର କରି ବୈଜ୍ଞାନିକ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଉଥିଲେ କିନ୍ତୁ ତଥ୍ୟ ଏବଂ ଘଟଣାର ବ୍ୟାଖ୍ୟା ୟୁରୋପୀୟ ଦୃଷ୍ଟିକୋଣରୁ କରିଥିଲେ। ଫଳତଃ ଜାଣତରେ ହେଉ ବା ଅଜାଣତରେ ହେଉ ଅନେକ ତୃଟି ରହିଯାଇଛି ଯାହାକୁ ସୁଧାରିବାର ଆବଶ୍ୟକତା ରହିଛି। ଉଦାହରଣ ହେଉଛି ଇତିହାସରେ ଭାରତର ସ୍ଥିତିକୁ ଦୟନୀୟ ଦର୍ଶାଯାଇ ସେମାନଙ୍କ ସ୍ଥିତିକୁ ଉନ୍ନତ ବୋଲି ପ୍ରମାଣିତ କରାଯାଇଛି। ଅନେକ ବ୍ରିଟିଶ ଦସ୍ତାବିଜ୍‌ରୁ ଏକଥା ପ୍ରମାଣିତ ହୋଇଛି। ଅନେକ ବ୍ରିଟିଶ ଦସ୍ତାବିଜ୍‌କୁ ମଧ୍ୟ ଇତିହାସରେ ତୃଟିପୁର୍ଣ୍ଣ ଭାବରେ ସ୍ଥାନୀତ କରାଯାଇଛି। ୧୮୨୨-୨୫ର ମାଦ୍ରାସ ପ୍ରେସିଡ଼େନସି ପାଇଁ ଇଂରେଜ ମାନେ ଯେଉଁ ସର୍ବେକ୍ଷଣ କରାଇଥିଲେ ତଦନୁସାରେ ସେ ସମୟରେ ମାଦ୍ରାସ ପ୍ରେସିଡ଼େନସି ଅଧିନସ୍ଥ ଅଞ୍ଚଳରେ ୧୧୫୭୫ ସ୍କୁଲ ଏବଂ ୧୦୯୪ କଲେଜ ଥିଲା ଯେଉଁଠି କ୍ରମଶଃ ୧୫୭୧୯୫ ଏବଂ ୫୪୩୧ ବିଦ୍ୟାର୍ଥୀ ପାଠ ପଢୁଥିଲେ। ସେହିପରି ମାଦ୍ରାସ ପ୍ରେସିଡେନସି ଅଞ୍ଚଳର ଜାତି ବାବଦରେ ମଧ୍ୟ ଇଂରେଜ ମାନେ ତୃଟିପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରିଛନ୍ତି।

ଟେକନିକ ଜ୍ଞାନ ବାବଦରେ ମଧ୍ୟ ଇଂରେଜମାନେ ଇତିହାସରେ ଅନେକ ଭୁଲ ତଥ୍ୟ ପ୍ରଦାନ କରିଛନ୍ତି। ଖ୍ରୀଷ୍ଟପୂର୍ବ ଦ୍ୱାଦଶ ଶତାଦ୍ଦି ପୂର୍ବରୁ ଲୁହାର ବ୍ୟବହାର ଭାରତରେ ଥିଲା। ଭାରତର ବିଭିନ୍ନ ଅଞ୍ଚଳରେ ଲୁହାପଥରକୁ ତରଳାଇବା ପାଇଁ ଅନେକ ଭାଟି ଥିଲା ଓ ଉଚ୍ଚକୋଟୀର ଲୁହାପ୍ରସ୍ତୁତ କରାଯାଉଥିଲା। ଚିକିତ୍ସା କ୍ଷେତ୍ର ମଧ୍ୟ ଉନ୍ନତ ଥିଲା। ସୁଶ୍ରୁତଙ୍କ ଶହ ଶହ ବର୍ଷ ପରେ ୧୮ଶ ଶତାଦ୍ଦି ପର୍ଯ୍ୟନ୍ତ ଚିକିତ୍ସା ବିଦ୍ୟା ( ପ୍ଲାଷ୍ଟିକ ସର୍ଜରୀ) ଭାରତରେ ମଧ୍ୟ ଥିଲା ବୋଲି ଅନେକ ତଥ୍ୟ ରହିଛି। ପରବର୍ତ୍ତୀ ସମୟରେ ବାମପନ୍ଥୀ ଐତିହାସିକ ମାନଙ୍କ ଯୁଗ ଆସିଥିଲା। ସେମାନେ ବୈଜ୍ଞାନିକ ଦୃଷ୍ଟିକୋଣର ଉପଯୋଗକୁ ପାଶ୍ଚାତ୍ୟ ଦୃଷ୍ଟିରେ ହିଁ ଦେଖିଲେ ଯାହା ଖ୍ରୀଷ୍ଟିଆନ ଦୃଷ୍ଟିଭଙ୍ଗୀ ସହ ସମାନଥିଲା। ଏହି କାରଣରୁ ଭାରତୀୟ ଚିନ୍ତନକୁ ନିମ୍ନ ବୋଲି ଅବଧାରଣା ସୃଷ୍ଟି କରିଥିଲେ। ସେମାନେ ତଥ୍ୟ, ଘଟଣାକୁ ନିଜର ବାମପନ୍ଥୀ ଦୃଷ୍ଟିକୋଣରେ ବ୍ୟାଖ୍ୟା ଓ ବିଶ୍ଳେଷଣ କରିଥିଲେ। ସେମାନେ ମାନବବାଦୀ ଦୃଷ୍ଟିକୋଣକୁ କେବେ ଆପଣେଇ ନଥିଲେ। ଭାରତର ଅନେକ ଏତିହାସିକ ଭାରତରେ ନ୍ତଇଷ୍ଟଇଣ୍ଡିଆ କମ୍ପାନୀନ୍ତ ଏବଂ ବ୍ରିଟିଶ ଶାସକ ମାନଙ୍କ ଦ୍ୱାରା କରାଯାଇଥିବା ସର୍ବେକ୍ଷଣର ରେକର୍ଡ ବ୍ରିଟିଶ ସଂଗ୍ରହାଳୟରୁ ଆଣି ସେସବୁ କୁ ତର୍ଜମା କରିଛନ୍ତି ଓ କରୁଛନ୍ତି ମଧ୍ୟ। ଇତିହାସରେ ସଂପୁର୍ଣ୍ଣ ଏବଂ ସଠିକ୍ ତଥ୍ୟ ଉପସ୍ଥାପନ କରାଯିବା ଉଚିତ୍। ଇଂରେଜମାନେ ତାଙ୍କ ଶାସନ ସେମୟରେ ନିହିତ ସ୍ୱାର୍ଥ ପାଇଁ ସଠିକ୍ ଓ ସଂପୁର୍ଣ୍ଣ ତଥ୍ୟ ସାର୍ବଜନିକ କରିନଥିଲେ କିନ୍ତୁ ସେମାନେ ତଥ୍ୟକୁ ଏଯାବତ୍ ବ୍ରିଟିଶ ସଂଗ୍ରହାଳୟରେ ରଖିଛନ୍ତି। ଜେମ୍ସମିଲ 'ବ୍ରିଟିଶ ଭାରତର ଇତିହାସ' ନାମକ ଏକ ପୁସ୍ତକ ରଚନା କରିଥିଲେ। ୧୮୨୦ ପରେ ଭାରତକୁ ଆସିଥିବା ବ୍ରିଟିଶ ଅଧିକାରୀ ମାନଙ୍କୁ ଏହି ଇତିହାସ ପଢିବାକୁ ଦିଆଯାଉଥିଲା। ଜେମ୍ସ ମିଲ ଯେଉଁ ସବୁ ସୂଚନା ଦେଇଛନ୍ତି ତଦନୁସାରେ ଭାରତର ସଭ୍ୟତା ଉଚ୍ଚସ୍ତରର ଥିଲା ଓ ସେନା ମଧ୍ୟ ଉନ୍ନତ ଥିଲା। ଏବେ ଇତିହାସ ଲେଖିବା କଥାକୁ ନେଇ ଚର୍ଚ୍ଚା ଚାଲିଛି। ବିଜେପି ଏକଥା ଉଠାଇଛି। କିନ୍ତୁ ବିଜେପି ଯେ ଇତିହାସ ଲେଖନକୁ କେତେ ନିରପେକ୍ଷ କରିପାରିବ ତାହା ସମୟ କହିବ। କାରଣ ବିଜେପିର ମାନସିକତା କେବଳ ହିନ୍ଦୁ ସଂସ୍କୃତି ସହ ଯୋଡି ହୋଇଛି। ସମାଜରେ ଭଲ ଓ ମନ୍ଦ ଉଭୟ କଥା ରହିଛି। ଐତିହାସିକ ମାନେ ନିରପେକ୍ଷ ଭାବେ ଇତିହାସକୁ ଲେଖିବା ଏପରିକି ଦୋଷ ଗୁଣର ବିଶ୍ଳେଷଣ ନିରପେକ୍ଷ ଭାବେ କରିବା ଉଚିତ୍। କିନ୍ତୁ ପୁର୍ବ ଐତିହାସିକ ମାନଙ୍କ ସହାୟତା ବିନା ଇତିହାସର ପୁନଃ ଲିଖନ ସମ୍ଭବ ନୁହେଁ, ଏଣୁ ସେମାନଙ୍କ ସହଯୋଗ ମଧ୍ୟ ଅପରିହାର୍ଯ୍ୟ। ଇତିହାସରେ ଥିବା ତୃଟି ବିଚ୍ୟୁତିକୁ ଦୁର କରିବା ଏପରିକି ଇତିହାସରେ କୌଣସି ବି ପରିବର୍ତ୍ତନ ପ୍ରାମାଣିକତାର ଆଧାରରେ ହେବା ଉଚିତ। ଇତିହାସରେ ନିରପେକ୍ଷତା, ପ୍ରାମାଣିକତା ରହିଲେ ଏହାକୁ ବିଦ୍ୱାନ ସମାଜ ମାନ୍ୟତା ଦେବେ ଅନ୍ୟଥା ନୁହେଁ। କୌଣସି ରାଷ୍ଟ୍ର ଆତ୍ମସମ୍ମାନକୁ ହରାଇ ଆଗକୁ ବଢିପାରିବ ନାହିଁ। ଇତିହାସ ଆତ୍ମସମ୍ମାନକୁ ଜୀବିତ କରି ରଖିବାର ମାଧ୍ୟମ ଅଟେ ଏବଂ ତୃଟି ତଥା ଶକ୍ତିକୁ ବୁଝି ଚୟନ କରିବାରେ ମାର୍ଗଦର୍ଶକ ଅଟେ। ଏହି ଦୃଷ୍ଟିରୁ ଇତିହାସକୁ ନିର୍ଭୁଲ ଭାବେ ଲେଖନ କରାଯିବା ଜରୁରୀ ଫଳରେ ଇତିହାସର ତୃଟିକୁ ସୁଧରା ଯାଇପାରିବ।

*ରାମଚନ୍ଦ୍ରପୁର, ରଣପୁର*
*ମୋ: ୯୪୩୮୪୮୫୦୯୪*

# କେଉଁ ପ୍ରକାର ଯୋଗ୍ୟତା ଭଲ ?



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

**ଭ**ଗବାନଙ୍କ ପ୍ରତି ଯାହାର ଭକ୍ତିଭାବ ଅଧିକ ଏବଂ ଯିଏ ଗୁରୁଙ୍କ ଈଶ୍ୱରଙ୍କ ସ୍ୱରୂପ ମନେ କରେ, ସମସ୍ତ ଶାସ୍ତ୍ରର ଶିକ୍ଷା ପାଇବାକୁ ସେ ସମର୍ଥ ହୁଏ। ଗୁରୁଙ୍କର ଉପଦେଶକୁ ଯିଏ ଅକ୍ଷରେ ଅକ୍ଷରେ ପାଳନ କରେ, ତାଙ୍କର ମହିମାକୁ ଅଜ୍ଞାତାମାନାଙ୍କ ମଧ୍ୟରେ ଜୀବନ ପର୍ଯ୍ୟନ୍ତ ପ୍ରଚାର କରେ ସିଏ ହେଉଛି ପ୍ରକୃତ ଶିଷ୍ୟ। ପ୍ରକୃତ ଶିଷ୍ୟ କେବଳ ଗୁରୁଙ୍କର ଆଧ୍ୟାତ୍ମିକ ସତ୍ତା ନେଇ ଚିନ୍ତିତ ଥାଏ। ମନୁଷ୍ୟ ରୂପରେ ଗୁରୁଙ୍କର କାର୍ଯ୍ୟ ତା ପାଇଁ ବିଶେଷ ମହତ୍ତ୍ୱ ରଖେ ନାହିଁ। ସେ ଏଥିରୁ ସଦାବେଳେ ନିର୍ଲିପ୍ତ ରହେ। ପ୍ରକୃତରେ ଗୁରୁ ଏବଂ ଶିଷ୍ୟ ଏକ ଓ ଅଭିନ୍ନ। ଗୁରୁ ଆଶୀର୍ବାଦ ଦିଅନ୍ତି, ଉପଦେଶ ଦିଅନ୍ତି ଏବଂ ଶିଷ୍ୟ ଭିତରେ ପ୍ରେରଣାର ସ୍ରୋତ ପ୍ରବାହ କରନ୍ତି। ତାର ଭାବାନ୍ତର କରନ୍ତି ଏବଂ ତାକୁ ଆଧ୍ୟାତ୍ମିକ ଶକ୍ତି ପ୍ରଦାନ କରନ୍ତି।

କଥା ପ୍ରସଙ୍ଗରେ ଜଣେ ପ୍ରଶ୍ନ କଲେ - ମଣିଷ ଯେ ଭଗବାନଙ୍କୁ ଦୋଷାରପ କରେ, ସେହିଟା କ'ଣ ଅଜ୍ଞତାର କାରଣରୁ ? ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର - ମଣିଷ ତ ତାହା ମନେ କରେନାହିଁ, ବରଂ ନିଜକୁ ଭାବେ ଖୁବ ରଲ-ଲସମସରଭସ୍ପ (ଯୋଗ୍ୟ)। ମଣିଷର ରଲଲସମସରଭମଛ (ଯୋଗ୍ୟତା) ଯାହା ଥାଏ, ତାହା ହିଁ ଭଲ, ଯଦି ତାହା ମକ୍ସଭମରଭ-ସ୍ପକ୍ସସମ (ସୁକେନ୍ଦ୍ରିକ) ହୁଏ, ନହେଲେ ହାବାଳୀ ବାଣ ଭଳି ହୁଏ। ହାବାଳୀ ବାଣ ଏମିତି ତ କମ ନୁହେଁ। ତୁବୁଡ଼ି (ବାଣ) ଯେତେବେଳେ ଫୁଟେ, ସେତେବେଳେ କି କମ ଆନନ୍ଦ ହୁଏ ? କିନ୍ତୁ (ସୁକେନ୍ଦ୍ରିକ) ନ ହେବା କାରଣରୁ ସେହି ଟା ପୁଣି ଦପ୍ କରି ଲିଭି ଯାଏ। (ଆ: ପ୍ର: ୧୩/୧୯.୭.୧୯୪୮)।

ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନୀତିଶିକ୍ଷା ସବୁ ଦୃଷ୍ଟିରୁ ଅଦ୍ଭୁତ ଓ ନିଆରା ଥିଲା। ସେ କେବେ ଦୀର୍ଘ ଭାଷଣ ବା ପ୍ରବଚନ ଦେଉନଥିଲେ ବରଂ ଯାହା କହୁଥିଲେ ତାହା ଆଚରଣରେ ପ୍ରୟୋଗ କରି ଦେଖାଉଥିଲେ। ମନୁଷ୍ୟର ଚରିତ୍ର ଗଠନ ଓ ବ୍ୟକ୍ତିତ୍ୱର ବିକାଶ ପାଇଁ ସେ ଯେଉଁଭଳି ଶୈଳୀରେ ଶିକ୍ଷା ଦେଉଥିଲେ ତାହା ବାସ୍ତବିକ ଅନନ୍ୟ। ଯେ କୌଣସି ବ୍ୟକ୍ତିର ହୃଦୟକୁ ତାଙ୍କର ବାଣୀ ଅନ୍ତର୍ଭେଦ କରୁଥିଲା। ତେଣୁ ତାଙ୍କର ସେ ସବୁ ଶିକ୍ଷା ଓ ବାଣୀ ଭକ୍ତମାନଙ୍କ ପାଇଁ ଆଦର୍ଶ ଉଦାହରଣ ସ୍ଥାପନ କରିଛି। ଜଣେ ଆଦର୍ଶ ପୁରୁଷ ଭାବେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଜି ସେମାନଙ୍କ ସମ୍ମୁଖରେ ପ୍ରତିଭାତ ହୋଇଛନ୍ତି। ଶ୍ରୀ ଶ୍ରୀ ଠାକୁରଙ୍କ ଏହିସବୁ ନୀତିଶିକ୍ଷା ଯାହା ମନୁଷ୍ୟର ବ୍ୟକ୍ତିତ୍ୱର ବିକାଶ ଏବଂ ଚରିତ୍ର ଗଠନ ନିମନ୍ତେ ଉଦ୍ଦିଷ୍ଟ ଥିଲା, ଆଜି ଦିନରେ ତାହା ଆମ ଜୀବନର ସଂକଳ୍ପ ହେଉ।

ମନୁଷ୍ୟର ପ୍ରକୃତି ସାଧାରଣତଃ ଚଞ୍ଚଳ ଓ କ୍ଷଣ ଭଙ୍ଗୁର। ଗୋଟିଏ ମୁହୂର୍ତ୍ତରେ ସେ ଆନନ୍ଦରେ ଗଦ ଗଦ ହୋଇଯାଉଥାଏ ଏବଂ ଗୋଡ଼ ତଳେ ଲାଗୁନଥାଏ, ପରମୁହୂର୍ତ୍ତରେ ଦୁଃଖ ପୁଣି ତାକୁ ଆଚ୍ଛନ୍ନ କରିବସେ। ଏହି ସମୟରେ ଅନେକ ପ୍ରଶ୍ନ ତା ଭିତରେ ଉଙ୍କିମାନେ। ଏହାର କାରଣ ହେଉଛି ଆମେ ସବୁ କଥାରେ ଏପରି ଦାସ ବନିଯାଇଥାଉ ଯେ ପ୍ରତିଦିନ ଆମର ମନକୁ ସ୍ଥିର ରଖିବା ପାଇଁ ଯେଉଁ ଧ୍ୟାନ ଆବଶ୍ୟକ ତାହା ଆମକୁ ଜଣାନାହିଁ। ଏଥିପାଇଁ ଆବଶ୍ୟକ ହେଉଛି ଏକ ଶୃଙ୍ଖଳିତ ଦିନଚର୍ଯ୍ୟା। ମନୁଷ୍ୟର ସବୁଠାରୁ ବଡ଼ ରିପୁ (ଶତ୍ରୁ) ହେଉଛି କାମନା। ବାହ୍ୟ ପଦାର୍ଥ ପ୍ରତି ଆକର୍ଷିତ ହେବା ଏହାର ଧର୍ମ। ତେଣୁ ଯେ କୌଣସି ସୌନ୍ଦର୍ଯ୍ୟ ପଦାର୍ଥ ଦେଖିଲେ ମନ ତାହା ପ୍ରତି ଆକର୍ଷିତ ହୋଇଯାଏ। ଫଳରେ ସାଧାରଣ ମନୁଷ୍ୟ ନିୟନ୍ତ୍ରଣ ହରାଇବସେ। ପ୍ରତ୍ୟେକ ଭକ୍ତ ଦୃଢ଼ ଭାବରେ ଏହାର ମୁକାବିଲା କରିବା ଉଚିତ। ମନର ଦୃଢ଼ତା ଦ୍ୱାରା ଏହା କରାଯାଇପାରିବ। ଶ୍ରୀ ଶ୍ରୀ ଠାକୁରଙ୍କର ବାଣୀ ଚିନ୍ତନ ଓ ମନନ କରିବା ଏ ଦିଗରେ ସହାୟକ ହୋଇଥାଏ। ସବୁବେଳେ ମନକୁ ଭଗବାନ କିମ୍ବା ଗୁରୁଙ୍କ ସ୍ମରଣରେ ଲଗାଇ ଦେଲେ ତାହା ଇନ୍ଦ୍ରିୟଜନିତ ଅନ୍ୟ ବିଷୟ ଚିନ୍ତନରୁ ଦୂରେଇଯିବ।

ନିଜର କର୍ତ୍ତବ୍ୟ କରିବା ସମୟରେ ଜଣେ ଅହଂ ଶୂନ୍ୟ ହେବା ଉଚିତ। ନିଜକୁ କର୍ତ୍ତା ବୋଲି ମନେକରି ସବୁକିଛି ଶ୍ରୀ ଶ୍ରୀ ଠାକୁରଙ୍କୁ ସମର୍ପଣ କରିବା ଉଚିତ। ଶ୍ରୀମଦ୍ ଭଗବତ ଗୀତାର ମୂଲ୍ୟ ଓ ଶିକ୍ଷା ପ୍ରତି ବାବା ବିଶେଷ ଯତ୍ନବାନ ଥିଲେ ଏବଂ ନ୍ତକର୍ମଣ୍ୟେ ବାଧିକାରସ୍ତେ୍ୟ ମା ଫଳେଷୁ କଦାଚନ / ମା କର୍ମଫଳହେତୁର୍ଭୂର୍ମା ତେ ସଙ୍ଗୋହୋସ୍ତ୍ୱକର୍ମଣି।' ଏହି ଶ୍ଳୋକର ଯଥାର୍ଥ ଅର୍ଥ ଲୋକମାନେ ବୁଝିବା ଚାହୁଁଥିଲେ। ଏହାର ଅର୍ଥ ହେଉଛି କର୍ମ କରିବାରେ ହିଁ ତୁମର ଅଧିକାର ରହିଛି, କର୍ମର ଫଳ ଉପରେ ତୁମର କଦାପି ଅଧିକାର ନାହିଁ। ତେଣୁ ତୁମେ କର୍ମଫଳର କାରଣ ହୁଅନାହିଁ ତଥା ତୁମର କର୍ମ ନକରିବାରେ ବି ଆସକ୍ତି ନ ହେଉ। ତେଣୁ ଉକ୍ତ କର୍ମର ଭାର ଆମେ ନିଜ ଉପରକୁ ମନେ କରିବା ନାହିଁ। ଗର୍ବ ଏବଂ ଅହଂକାରରୁ ସବୁ କ୍ଷେତ୍ରରେ ଦୂରେଇ ରହି କାର୍ଯ୍ୟ କର ଫଳରେ ଆତ୍ମମାନଙ୍କର ଆଧ୍ୟାତ୍ମିକ ଉନ୍ନତି ତ୍ୱରାନ୍ୱିତ ହୋଇପାରିବ।

ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
*ଦୂରଭାଷ : ୯୪୩୭୦୫୧୯୫୭*

# ଶ୍ରୀ ସତ୍ୟସାଇ ଜଳ ସେବା ପ୍ରକଳ୍ପ

**ବିଜୟଲକ୍ଷ୍ମୀ ଶତପଥୀ**

**ଯୁ**ଗେ ଯୁଗେ ଅବତାର ଅବତରି ଆସନ୍ତି ମାନବ ସମାଜକୁ ଉଦ୍ଧିତ କରିବାକୁ, ଆମ ଭିତରେ ଥିବା ଆଧ୍ୟାତ୍ମିକ ତୃଷ୍ଣା ଦୂରୀଭୂତ କରିବାକୁ। ୨୩ ନଭେମ୍ବର ୧୯୨୬ ମସିହା। ମହା ବିଷ୍ଣୁ ସ୍ୱୟଂ ବୈକୁଣ୍ଠ ଅଧିପତି ନାରାୟଣ ସ୍ୱୟଂ ସତ୍ୟ ନାରାୟଣ ରୂପେ ଜନ୍ମ ଗ୍ରହଣ କଲେ ଆନ୍ଧ୍ରପ୍ରଦେଶର ଏକ ଅଜ୍ଞାତ ପଲ୍ଲୀ ପୁଟ୍ଟପର୍ତ୍ତୀରେ। ସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ଥିଲା ଏହି ନିପଟ ମଫସଲ ଗାଆଁଟି ଯାହା ଭାରତୀୟ ମାନଚିତ୍ରରେ ମଧ୍ୟ ନଥିଲା। ସେହି ଅଞ୍ଚଳକୁ ଭଗବାନ ବାବା ଜନ୍ମ ଭୂମି ରୂପେ ଚୟନ କରିଥିଲେ।

ସେହି ଅଞ୍ଚଳ ସବୁରେ ପାନୀୟ ଜଳର ଘୋର ଅଭାବ ବାଳକ ସତ୍ୟର ସେହି କୋମଳ କାନ୍ଧଟି ବୁଝି ଯାଇ ତାର ନିରାକରଣର ଭାର ବହନ କରି ସାରିଥିଲା। ଭାଇଙ୍କ ଘରେ ପଢ଼ିବା ବେଳେ ଘର ପାଇଁ ତଥା ପୁରା ଗାଆଁଟିର ଜଳ କଷ୍ଟ ଉପଶମ ପାଇଁ କାନ୍ଧରେ ଭାର ବୋହି ପାଣି ଆଣିବା ଭିତରେ ସେହି କୋମଳ କାନ୍ଧରେ ବିଣ୍ଡି ବସି ଯାଉଥଲା ଯାହା ମାଆଙ୍କୁ ବ୍ୟଥିତ କରିଥିଲା। ପୁଣ୍ୟଗର୍ଭା ମାତା ଈଶ୍ୱରାମ୍ମା ବାଳକ ସତ୍ୟମ୍‌ଙ୍କୁ ତିନୋଟି ଗହଣା ମାଗିଥିଲେ, ଗାଆଁରେ ଗୋଟିଏ ଛୋଟ ବିଦ୍ୟାଳୟ, ବୈଦ୍ୟାଳୟ ଏବଂ ପାନୀୟ ଜଳ ବ୍ୟବସ୍ଥା। ମାଆଙ୍କ ହୃଦୟର ବେଦନାକୁ ବୁଝି ତାଙ୍କ ପ୍ରାର୍ଥନା ରଖିଲେ ଭଗବାନ। ସେହି ନିର୍ମଳ ହୃଦୟର ପ୍ରାର୍ଥନାର ପ୍ରତ୍ୟୁତ୍ତର ସ୍ୱରୂପ ବିଶାଳ ବିଶ୍ୱ ବିଦ୍ୟାଳୟ ଯେଉଁଠି କେଜିରୁ ପିଜି ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା ବ୍ୟବସ୍ଥା ରହିଛି, ସୁବିଶାଳ ଆରୋଗ୍ୟ ମନ୍ଦିର ଯେଉଁଠି ବିଲ ପାଇଁ କୌଣସି ବ୍ୟବସ୍ଥା ହିଁ ନାହିଁ ଏବଂ ସୁବିସ୍ତୃତ ପାନୀୟ ଜଳ ପ୍ରକଳ୍ପ ପ୍ରଭୁ ମାନବ ସମାଜକୁ ଉପହାର ସ୍ୱରୂପ ପ୍ରଦାନ କଲେ। ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲା ହେଉଛି ଅତ୍ୟଧିକ ଫ୍ଲୋରାଇଡ଼ ପ୍ରବଣ ଜିଲ୍ଲା। ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଭଗବାନ ବାବା ସଂକଳ୍ପ ବଦ୍ଧ ଥିଲେ। ଭଗବାନ କହିଥିଲେ ଯଦି ଆବଶ୍ୟକ ପଡ଼େ ମୁଁ ମୋର ସର୍ବସ୍ୱ ବିକ୍ରି କରିଦେବି, ଆବଶ୍ୟକ ହେଲେ ମୋ ନିଜକୁ ମଧ୍ୟ ବିକ୍ରି କରି ଦେବି ସିନା କିନ୍ତୁ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଅବଶ୍ୟ ପ୍ରଦାନ କରିବି। ତାଙ୍କର ଚିନ୍ତନ, ବଚନ ଓ କର୍ମର ସମନ୍ୱିତ ଭାବ ସୁବିସ୍ତୃତ ନ୍ତଶ୍ରୀ ସତ୍ୟସାଇ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ'ର ରୂପ ନେଲା। ସେହିଭଳି ଭାବରେ ୧୯୯୫ ମସିହାରେ ଅନନ୍ତପୁର ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ୧୮ ମାସର ରେକର୍ଡ଼ ସମୟ ମଧ୍ୟରେ ୭୦୦ ଗ୍ରାମର ୧୨.୫ ଲକ୍ଷ ଲୋକ, ୨୦୦୧ରେ ମେଡ଼କ ମେହେବୁବ ନଗରର ୧୦ ଲକ୍ଷ ଲୋକ, ୨୦୦୫ରେ ପୂର୍ବ ଓ ପଶ୍ଚିମ ଗୋଦାବରୀର ୫.୯୦ ଲକ୍ଷ ଲୋକ ଏବଂ ୨୦୦୭ ସୁଦ୍ଧା ଚେନ୍ନାଇ ପ୍ରକଳ୍ପ ମାଧ୍ୟମରେ ୬୦ ଲକ୍ଷ ଲୋକଙ୍କ ପାଇଁ ପ୍ରଭୁ ଦିବ୍ୟ କରୁଣାରୁ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ହୋଇପାରିଛି। ତେବେ କରୁଣାର ଏହି ପ୍ରବହମାନ ଧାରା ଆନ୍ଧ୍ର, ତାମିଲର ସୀମା ଭିତରେ ସୀମାବଦ୍ଧ ନଥିଲା। ପ୍ରଭୁଙ୍କ ଅନାବିଳ ପ୍ରେମର ଜାହ୍ନବୀ ଧାରା ସୀମା ସରହଦ ଡେଇଁ ସାରା ଓଡ଼ିଶାକୁ ପ୍ଲାବିତ କରିଛି ନ୍ତଶ୍ରୀସତ୍ୟସାଇ ନିର୍ମଳ ଝରʼ ପ୍ରକଳ୍ପ ମାଧ୍ୟମରେ। ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା ଜଳସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନେଇ ସେବାର ସୁଯୋଗରେ ବ୍ରତୀ ରହିଛି। ଏହି ସେବା ସାଧାରଣତଃ ତିନି ପ୍ରକାରରେ କରାଯାଉଛି।

**ଶ୍ରୀ ସତ୍ୟସାଇ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ:** ଜଳରେ ଦ୍ରବୀଭୂତ ହୋଇ ମାତ୍ରାଧିକ ବିଷାକ୍ତ ରସାୟନ ଥିବା ଜିଲ୍ଲା ମାନଙ୍କରେ ଆରଓ ପ୍ଲାଣ୍ଟ ବସାଯାଇ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଉଛି। ୨୦୧୫ ମସିହାରୁ ଅଦ୍ୟାବଧି, ୧୧ଟି ଜିଲ୍ଲାରେ ୩୮ଟି ଗ୍ରାମ ଶ୍ରୀ ସତ୍ୟସାଇ ନିର୍ମଳ ଝର ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ବ୍ୟବସ୍ଥା ମାଧ୍ୟମରେ ୬୦ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଯାଉଛି।

**ଶ୍ରୀ ସତ୍ୟସାଇ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ :** ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନ ଗହଳି ଥିବା ସ୍ଥାନ ମାନଙ୍କରେ ଆବଶ୍ୟକତା ଅନୁସାରେ ମେସିନ ବସାଇ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ସମସ୍ତଙ୍କ ପାଇଁ ଉପଲବ୍ଧ କରାଯାଉଛି। ଏ ପର୍ଯ୍ୟନ୍ତ ୬୦ରୁ ଉର୍ଦ୍ଧ୍ୱ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ହୋଇ ବର୍ଷ ତମାମ ଲୋକଙ୍କୁ ଥଣ୍ଡା ପାନୀୟ ଜଳ ଉପଲବ୍ଧ କରାଯାଉଛି।

**ଗ୍ରୀଷ୍ମକାଳୀନ ଜଳ ସେବା :** ଖରା ଦିନେ ବାଟୋଇ ମାନଙ୍କ ଯାତ୍ରା ସମୟରେ ଲୋକଙ୍କ ତୃଷ୍ଣା ନିବାରଣରେ ଏହି ସେବା ପ୍ରମୁଖ ଭୂମିକା ନେଉଛି। ସାରା ରାଜ୍ୟରେ ସମସ୍ତ ଜିଲ୍ଲାର ପ୍ରମୁଖ ସ୍ଥାନ ମାନଙ୍କରେ ବିଭିନ୍ନ ମେଳା ମହୋତ୍ସବରେ ଦିନ ରାତି ଲୋକଙ୍କୁ ପାନୀୟ ଜଳ, ସର୍ବତ, ପଣା ଦେଇ ତୃଷିତଙ୍କ ସେବାରେ ସଦା ନିୟୋଜିତ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ଜଳ ସେବା ସାଧନାରେ ବ୍ରତୀ ସାଧକ ସାଧିକା। ଏହା ସହିତ ଘରେ ଘରେ ପଶୁ ପକ୍ଷୀଙ୍କ ପାଇଁ ସମ୍ପୂର୍ଣ୍ଣ ଗ୍ରୀଷ୍ମ ସମୟରେ ବିଶେଷ କରି ଆରାଧନାର ପବିତ୍ର ମାସରେ ବାଳବିକାଶର ଟିକି କଳିକା ମଧ୍ୟ ଜଳ ସେବାର ଆନନ୍ଦ ନେଉଛନ୍ତି।

ଜଳ ହିଁ ଜୀବନ। ଜଳର ସୁରକ୍ଷା ଆମ ସମସ୍ତଙ୍କ ପ୍ରମୁଖ କର୍ତ୍ତବ୍ୟ। ଜଳସେବା ମହୋତ୍ସବରେ ଆସନ୍ତୁ ସମସ୍ତେ ଶପଥ ନେବା। ଘରେ ପାଣି ଟାଙ୍କି ଭର୍ତ୍ତି କରିବା ସମୟରେ ଅଯଥାରେ ଜଳ ନଷ୍ଟ କରିବା ନାହିଁ, ସଠିକ ସମୟରେ ସ୍ୱିଚ ବନ୍ଦ କରିବା। ବ୍ରସ କରିବା ବେଳେ, ମୁହଁ ଧୋଇବା ବେଳେ, କୁଳି କରିବା ବେଳେ ଆବଶ୍ୟକତା ଅନୁସାରେ ହିଁ ଟ୍ୟାପ ଖୋଲି ପାଣିର ବ୍ୟବହାର କରିବା। ଅଯଥା ପାଣିକୁ ବୋହି ଯିବାକୁ ଦେବା ନାହିଁ। ଗାଧୋଇବା ସମୟରେ, ବାସନ ଓ ଲୁଗା ସଫା ସମୟରେ ଜଳ ନଷ୍ଟ କରିବା ନାହିଁ। ଅଳ୍ପ ଲୁଗା ସଫା କରିବାକୁ ଥିଲେ ୱାସିଂ ମେସିନର ବ୍ୟବହାର ନକରି ମଧ୍ୟ ବାଲ୍ଟିରେ କମ ପାଣିରେ ଧୋଇ ପାରିବା। ଗାଡ଼ି ଧୋଇବାରେ ବ୍ୟବହୃତ ହୋଇଥିବା ପାଣି ଅନ୍ୟ କିଛି କାମରେ ବା ଗଛ ପତ୍ରରେ ବ୍ୟବହାର କରି ପାରିବା। ଘରେ ବା ବାହାରେ କୌଣସି ନଳ ଖୋଲା ଦେଖିଲେ ନିଶ୍ଚିତ ବନ୍ଦ ରଖିବା। ଘରେ ପାଣିକୁ ବାହାରକୁ ବୋହି ଯିବାକୁ ନଦେଇ ସଂରକ୍ଷିତ କରି ରଖି ଅନ୍ୟ କାମରେ ଲଗେଇ ପାରିବା। ଗଛରେ ପାଣି ଦେବାବେଳେ ଯେମିତି ଅନ୍ୟତ୍ର ପାଣି ପଡ଼ି ନଷ୍ଟ ନହୁଏ ସେଥିପ୍ରତି ସାବଧାନ ହେବା। ଆବଶ୍ୟକ ଅନୁସାରେ ଗ୍ଲାସରେ ପାଣି ନେଇ ପିଇବା ଅଳ୍ପ ପିଇ ପୁରା ଗ୍ଲାସ ପାଣି ନଷ୍ଟ କରିବା ନାହିଁ କାରଣ ଗୋଟିଏ ଗ୍ଲାସ ବିଶୁଦ୍ଧ ପାଣି ପାଇବାକୁ ମଧ୍ୟ ଅନେକ ଜଳ ଆବଶ୍ୟକ ହୋଇଥାଏ। ଜଳ ଯଦି ସୁରକ୍ଷିତ ତାହା ଆମର ବନ୍ଧୁ, ଜଳ ଯଦି ଅସୁରକ୍ଷିତ ତାହା ଆମର ଶତ୍ରୁ। ଜଳର ସୁରକ୍ଷା ଆମର ଏକମାତ୍ର ଧ୍ୟେୟ ହେଉ।

*ଖରିଆର ରୋଡ଼, ନୂଆପଡ଼ା*



# ଶିଶୁ ଓ ମାତୃ ମୃତ୍ୟୁ ରୋକିବା ହେଲା ପ୍ରହସନ

- ଜୟ ଯବାନକୁ ଚିହ୍ନିପାରିଲା ନାହିଁ ଭୀମସାର, ଦୋଷ ଲୁଚାଇବାକୁ ତତ୍ପରତା
- ଯବାନଙ୍କ ସଂଜ୍ଞାହୀନ ପ୍ରସୂତୀ ସ୍ତ୍ରୀଙ୍କୁ ରକ୍ତ ଭଣ୍ଡାର ମହିଳା ଅଧିକାରୀ କରିଥିଲେ ଅଣଦେଖା
- ବୁର୍ଲା ଭୀମସାର ଏମସିଏଚକୁ ନେଇ ଉଠିଲା ପ୍ରଶ୍ନ

**ସମ୍ବଲପୁର,(ଡିକେ ନ୍ୟୁଜ):** ଧୋଇ ହୋଇଗଲା ଅସୁମାରୀ ସ୍ୱପ୍ନ। ସ୍ୱପ୍ନର ସନ୍ତକ ଛାଡି ସିମନ୍ତ ସିନ୍ଦୂର ଧରି ଶେଷ ଯାତ୍ରାରେ ଚାଲିଗଲେ ସ୍ୱପ୍ନର ମହାରାଣୀ ଲିପି। ଆଉ ଯବାନ ମଶାଣୀର ବାଟ କଢ଼ାଇ ନେଲେ। ଆଉ ଏଥିପାଇଁ ଜିଲ୍ଲା ପ୍ରଶାସନ ଠାରୁ ରାଜ୍ୟ ଓ କେନ୍ଦ୍ର ସରକାର ଯାଏ ସମସ୍ତେ ଦେଖାଇଥିଲେ ନିଜ ନିଜର ତତ୍ପରତା। ହେଲେ ଅସଲ କାରଣର ଦୀପ ଶିଖା ଅସଲ ସମୟରେ ହେବ ଜସ୍ମିନ ଲିପିର ଅସ୍ମିତା ଭାଗ୍ୟର ବିଡମ୍ବନା କି ଦୁଃଖର ଏ ଜୀବନ୍ତ କାହାଣୀ ଜଣେ ସାମ୍ବାଦିକ ଲେଖୁଛି। ସମଗ୍ର ବିଶ୍ୱକୁ ଦେଖାଇବ ନୂଆ ଆଲୁଅ। ମାତୃତ୍ୱ ଓ ଶିଶୁ ଯତ୍ନର ଆନ୍ତରିକତା ସେବା, ଦାୟିତ୍ୱ, କର୍ତ୍ତବ୍ୟ ପାଖରେ ସବୁ ସରକାରୀ କଟକଣା ଯେମିତି ମାଫ ହେବ। ଅବଶ୍ୟ ତ୍ରୁଟିର କାରଣ ଦେଖିବା ପରେ ଅଧିକାରୀ ମଧ୍ୟ ନିଜେ ସରକାରଙ୍କ ଦର୍ପଣରେ ନିଜେ ମୁହଁ ଦେଖିବା ଉଚିତ। ଘଟଣା କ୍ରମ ଯେତେ ଜଟିଳ, ଉପକ୍ରମ ସେତେ ସହଜ। ଏହା ଯୋଜନା ତିଆରି କରୁଥିବା ବିଶେଷଜ୍ଞ ଠାରୁ ସମ୍ପୃକ୍ତ ଅଧିକାରୀ ଓ ପ୍ରଶାସନିକ ସେବା ପର୍ଯ୍ୟନ୍ତ ଏକ ଦକ୍ଷତାର ପ୍ରଶ୍ନବାଚି ହୋଇ ଠିଆ ହୋଇଛି। ତାଲିମ ଆଉ ଏକ ବିଶେଷତ୍ୱ। ହେଲେ ଓଡ଼ିଶାରେ ତାଲିମଦାତାଙ୍କୁ ସମ୍ମାନ ମିଳିନି ବୋଲି ଶିଶୁ, ମାତୃ ମୃତ୍ୟୁ ହାର ବୃଦ୍ଧି ପାଇବା ଏକ ବିଶେଷ ଲକ୍ଷଣ। ବୁର୍ଲା ଭୀମସାର ଭିତରେ ଏମସିଏଚ୍ ୟୁନିଟର ଭୂମିକା ନେଇ ବଡ଼ ପ୍ରଶ୍ନ ଉଠାଇବାକୁ ସମୟ ଆସିଛି। ମାତୃ ଶିଶୁ ସ୍ୱାସ୍ଥ୍ୟ (ଏମସିଏଚ)ଦାୟିତ୍ୱ ଓ ଭୂମିକା ନିର୍ବାହ କରିବାରେ ବୁର୍ଲା ଭୀମସାର ଭିତରେ କିଏ ଜଣେ ଦାୟିତ୍ୱବାନ କାମ କରିଛି ତାହା ଏ ସମାଜ ଜାଣିବାକୁ ଚାହୁଁଛି। ଏଭଳି ଅସୁମାରୀ ସ୍ୱପ୍ନ, ଦ୍ୱ-ନ୍ଦ୍ୱ ଓ ନିଜ ଉପସ୍ଥିତିରେ ନିଜ ସ୍ତ୍ରୀର ଲେଲିହାନ ଚିତାଗ୍ନୀରେ ଯବାନ ଦେଖୁଥିଲେ ସୀମା ସୁରକ୍ଷା ଠାରୁ ପରିବାର ସୀମା ଲଙ୍ଘିବାର ଅସୁମାରୀ ଦୁଃଖର ଚିତ୍ର ଓ ଚରିତ୍ର। ସେ ନିଜ ଭିତରେ ନିଜକୁ ପଚାରୁଥିଲେ ସୀମା ସୁରକ୍ଷାର ଉତ୍ତର ଦାୟିତ୍ୱ ପରିବାର ନାଁ ନିଜ କର୍ତ୍ତବ୍ୟ ? ଯଦି ଦାୟିତ୍ୱ ତେବେ ସିନ୍ଦୂର ଅପରେସନ ସମୟରେ ନିଜ ସିନ୍ଦୂର ଲିଭିଗଲା କାହିଁକି ? ମଶାଣୀରୁ ଫେରି ଯବାନ ଶୁଣୁଥିଲେ ନୂଆ ସଂଗୀତ। ନୀରବ ନିଶ୍ଚଳ ପାଲଟି ଯାଇଥିବା ଶୋକ ସନ୍ତପ୍ତ ପରିବାରରେ ଏବେ କେବଳ ନବଜାତ ଶିଶୁ କନ୍ୟାର କୁଆଁ କୁଆଁ କ୍ରନ୍ଦନର କରୁଣ ଚିତ୍କାର। ଆଉ ଏହି ଚିତ୍କାର ଭିତରେ ଯବାନ ପଚାରୁଥିଲେ ନିଜେ ନିଜକୁ ସିମନ୍ତ ସିନ୍ଦୁର ଧରି ଚାଲି ଯାଇ ସନ୍ତକ ଦେଇଯାଇଥିବା ଅଳିଅଳି କନ୍ୟାକୁ ନେଇ କି ଭାଗ୍ୟ ଗଢିବି ଏବେ ? କିଏ ହେବ ମୋ ସାହା ଭରସା। ଏଭଳି ଅସୁମାରୀ ଦ୍ୱ-ନ୍ଦ୍ୱ ଭିତରେ ଛନ୍ଦି ହୋଇଛନ୍ତି ମାତୃତ୍ୱ ସେବା ଦେବାକୁ ଆସି ସୀମା ଲଙ୍ଘିଥିବା ଯବାନ। ଆଉ ଏଭଳି କଠିନ ସମୟରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦେଖାଇଲା ଯୁଗ ଯୁଗ ଧରି ଚଳି ଆସିଥିବା ଦାୟତ୍ୱହୀନତା ଅବହେଳାର କରୁଣ ବାସ୍ତବତାର ଚିତ୍ର। ଯେଉଁଠି ଶିଶୁ ମାତୃ ସେବା ତୁଚ୍ଛ ସେଠି, ଦୋଷ ଲୁଚାଇବାର କେବଳ ଲାଭକାର କରାଯାଏ। ଏଭଳି ଶହ ଶହ ଘଟଣା ଲୁଚି ରହିଯାଇଥବା ବେଳେ ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକର ଟାଙ୍ଗଣମାଳ ଗ୍ରାମର ବାସ୍ତବ ଘଟଣା କିନ୍ତୁ ଜଳ ଜଳ ହୋଇ ଦର୍ପଣ ସାମ୍ନାରେ ଛିଡ଼ାହୋଇଛି ସମଗ୍ର ବିଶ୍ୱ ବାର୍ତ୍ତା ହୋଇ। ଦେଶଭକ୍ତି ଭିତରେ ପରିବାର ଆସକ୍ତି ତୁଚ୍ଛ ହୋଇଛି ସତ, କିନ୍ତୁ ସରକାରଙ୍କ ପାଇଁ ଏହା ବି ଏକ ଶିକ୍ଷା ଓ ଆଇନରେ କିଛି ପରିବର୍ତ୍ତନ କରିବାର ଆହ୍ୱାନ ଦେବାଭଳି ମୁଖଶାଳା ଦର୍ପଣରେ ପ୍ରତିବିମ୍ବ ହୋଇ ଛିଡ଼ାହୋଇଛି। ଏପ୍ରିଲ ୧୮ରୁ ମେ ୧୮ ଏଇ ଗୋଟିଏ ମାସ ଭିତରେ ଦିନ କେଇଟା ସବୁ ଓଲଟ ପାଲଟା କରିଦେଲା ସତ, କିନ୍ତୁ ସରକାର ପାଇଁ ନୂଆ ଦାୟିତ୍ୱର ସମ୍ଭାବନା ଟିଏ ଦେଇ ଗଲା। ଏହାହିଁ ଦେବରାଜ ଯମରାଜ ପାଖରୁ ଆଶ୍ୱାସନା ପାଇଁ ପୁଣି ନିଜ ଦାୟିତ୍ୱକୁ ଫେରିଯିବେ। ତେବେ ତାଙ୍କ ଭାଇ ଧର୍ମରାଜ ନିଜ ଯବାନ ଭାଇର ସ୍ତ୍ରୀ ଜସ୍ମିନ (ଲିପି)ଙ୍କ ମୃତ୍ୟୁ ଘଟଣାକୁ ଚିକିତ୍ସା ସେବାର ଅବହେଳା ଦର୍ଶାଇ ଯେଉଁ ତେଜିଆନ ଦୀପ ଶିଖା ଜଳେଇ ଦେଇଛନ୍ତି ତାହାହିଁ ଆଜି ଦିନରେ ଓଡ଼ିଶାର ସ୍ୱାସ୍ଥ୍ୟ ସେବା ପାଇଁ ଯବାନ ସ୍ୱପ୍ନର ଅସୁମାରୀ କାହାଣୀ ପରି ନଗ୍ନ ପ୍ରତିବିମ୍ବ। ଏହା ସାରା ଦିନ ପାଇଁ ସିନ୍ଦୁର ଅପରେସନର ସିନ୍ଦୂର ଲିଭା ଜ୍ୱଳନ୍ତ ପ୍ରତିଛବି ହୋଇ ରହିଯିବ। କିନ୍ତୁ ସରକାର ଏହି ଘଟଣାରୁ କଣ ଶିକ୍ଷା ନେଲେ ତାହାହିଁ ଆଜି ଦିନରେ ସମଗ୍ର ଦେଶ ଜନତା ଜାଣିବାକୁ ଆଗ୍ରହୀ।





## ଗଣ୍ଡଗୋଳ ଓ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତ ଯୁବକ ଉମରକୋଟ ପୋଲିସ ଦ୍ୱାରା ଗିରଫ ଓ କୋର୍ଟ ଚାଲାଣ

**ଉମରକୋଟ,(ଡିକେ ନ୍ୟୁଜ):** ଉମରକୋଟ ସହରର ଜଣେ ଯୁବକ ବନ୍ଧୁକ ଦେଖାଇ ଭୟଭୀତ କରି ମାରପିଟ କରିଥିବା ଅଭିଯୋଗରେ ଉମରକୋଟ ପୋଲିସ ଦ୍ୱାରା ଗିରଫ ହେଇଛି । ୯ ତାରିଖ ଦିନ ରାତି ପ୍ରାୟ ୮/୩୦ ସମୟରେ ଉମରକୋଟ ସହର ନିକଟସ୍ଥ ନୂଆଗୁଡ଼ା ( ୟୁ ଭି ୭) ଗ୍ରାମର ମିଥୁନ ମିତ୍ର ଓ ତାଙ୍କ ଗ୍ରାମର ସଞ୍ଜୟ ମିତ୍ର ଏକ ବାଇକ୍ ଯୋଗେ ଏକ ବାହା ଘରରେ ଯୋଗ ଦେବା ପାଇଁ ଚଟିଗୁଡ଼ା ଗ୍ରାମକୁ ଯାଉଥିବା ବେଳେ ଉମରକୋଟ ନୂଆ ବସ ଷ୍ଟାଣ୍ଡ ଠାରେ କୌଣସି ଏକ ଘଟଣାକୁ ନେଇ କେନାଲ ସାହିର ଅମିତ ହରିଜନ ଓ ତାର ୨ ସହ ଯୋଗୀଙ୍କ ସହ ଯୁକ୍ତିତର୍କ ହେଲା। ଅମିତ ବନ୍ଧୁକ ବାହାର କରି ଭୟଭୀତ କରିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଲୁହା ଖଡ୍ଗରେ ମୁଣ୍ଡରେ ମାରିବା ସହ ଦେହ ସାରା ପ୍ରବଳ ଲାତ ଗୋଇଠା ମାରିଥିଲେ। ଏପରିକି ବନ୍ଧୁକ ଦେଖାଇ ତାକୁ ଓ ତାଙ୍କ ପରିବାରକୁ ଜୀବନରେ ମାରି ଦେବି ବୋଲି ଧମକ ଦେବା ସହ ଘଟଣା ସମୟରେ ତାଙ୍କ ଗ୍ରାମର କିଛି ବ୍ୟକ୍ତି ଖବର ପାଇଁ ଛଡେଇ ବାକୁ ଆସିବା ବେଳେ ସେମାନଙ୍କୁ ମଧ୍ୟ ମାଡ଼ ମାରିଥିଲେ ବୋଲି ମିଥୁନ ମିତ୍ର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ନିଭାଇ ସେଦିନ ଠାରୁ ଅମିତ ଫେରାର ହେଇ ଯାଇ ଥିଲା। ଉମରକୋଟ ପୋଲିସ ତାକୁ ଧରିବା ପାଇଁ ଉଦ୍ୟମ ଜାରୀ ରଖିଥିଲା। ଗତ କାଲି ବିଳମ୍ବିତ ରାତିରେ ଉମରକୋଟ ସହରର ଭାଲୁ ଗୁଡ଼ା ଠାରେ ପୋଲିସ ଅମିତକୁ ଗିରଫ କରିଥିବା ସହ ଆଜି କୋର୍ଟ ଚାଲାଣ କରିଛି। ଅମିତ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୨୬(୨), ୨୯୬, ୧୧୫ (୨) , ୩୫୧ (୩), ୩ (୫), ୨୫,୨୭ ଧାରା ରେ ମୋକଦ୍ଦମା ରୁଜ୍ଜୁ କରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଉମରକୋଟ ପୋଲିସ ଅମିତ ଠାରୁ ବନ୍ଧୁକ ଜବତ କରିପାରିନାହି। ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏଙ୍କ ନିର୍ଦ୍ଦେଶ କ୍ରମେ ଘଟଣାର ତଦନ୍ତ ଅଧିକାରୀ ପୋଲିସ ସବ ଇନ୍ସପେକ୍ଟର ଷୌମେନ୍ଦ୍ର ସେଠ, ସବ ଇନ୍ସପେକ୍ଟର ଶିବଜି ପଣ୍ଡା ଓ ପୁଷ୍ପଲତା ସୁନାନି ଓ କନେଷ୍ଟବଳ ନରେନ୍ଦ୍ର ନାୟକ ମିଳିତ ଉଦ୍ୟମରେ ଅମିତକୁ ଗିରଫ କରାଯାଇଛି। ଉମରକୋଟ ପୋଲିସ ଘଟଣାର ତଦନ୍ତ କରୁଛି ଓ ଘଟଣାରେ ଆଉ କିଛି ଯୁବକ ହାତ ଥିବା ସନ୍ଦେହ କରି ତଦନ୍ତ କରୁଛି।

## ଡକାୟତ ଗ୍ୟାଙ୍ଗ୍ ଗିରଫ: ଲୁଟ ସୁନା, ନଗଦ ଟଙ୍କା ଓ ମାରଣାସ୍ତ୍ର ଜବତ




**ସାଲେପୁର,(ଡିକେ ନ୍ୟୁଜ):** ଆନ୍ତଜିଲ୍ଲା ଡ଼କାୟତି ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରିଛି ପୋଲିସ। ଡକାୟତି ଦଳକୁ ଗିରଫ କରିବା ସହିତ ଆଇଚର ବସ୍ ଓ ବିପୁଳ ମାତ୍ରାରେ ସୁନାରୂପା ଅଳଙ୍କାର ଦେଶୀ ବନ୍ଧୁକ, ଖଣ୍ଡା ଜବତ ହୋଇଛି। କଟକ ଜିଲ୍ଲା ସାଲେପୁର ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଡକାୟତି କରି ଫେରାର ହୋଇଯାଉଥିବା ଗ୍ୟାଙ୍ଗକୁ କଟକ ଜିଲ୍ଲା ଗ୍ରାମାଞ୍ଚଳ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି । କଟକ ଜିଲ୍ଲା ସାଲେପୁର, ମାହାଙ୍ଗା ଓ ନେମାଳ ଅଞ୍ଚଳରେ ହୋଇଥିବା ଡ଼କାୟତି ଘଟଣାର ତଦନ୍ତ ଆରମ୍ଭ କରି ପୁଲିସ ଏହି ଡକାୟତି ଦଳକୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ପାଖରୁ ୧୪୦ ଗ୍ରାମ ସୁନା ଓ ୫ କେଜି ୨୦୦ଶହ ଗ୍ରାମ ରୂପା ଅଳଙ୍କାର ଓ ୩ ଲକ୍ଷରୁ ଅଧିକ ନଗଦ ଟଙ୍କା ଜବତ କରିଛନ୍ତି। ଏହା ସହିତ ଏକ ଆଇଚର ବସ୍ ଜବତ କରିଥି ସହ ଏକ ବନ୍ଧୁକ ତିନୋଟି ଅଫୁଟା ଗୁଳି, ଚାରିଟି ଖଣ୍ଡା ଜବତ କରିଛି। ଏହି ସବୁଘଟଣାର ମୁଖ୍ୟ ଅଭିଯୁକ୍ତ ଜଗତସିଂହପୁର ଜିଲ୍ଲା ସୁଶାନ୍ତ ସାହୁ, ମାହାଙ୍ଗା ଥାନ ଅଞ୍ଚଳର ଦିପ୍ତିକାନ୍ତ ପୁଷ୍ଟି, ନେମାଳ ଅଞ୍ଚଳର ବସନ୍ତ ବଳ, ମାହାଙ୍ଗା ଅଞ୍ଚଳର କୈଳାସ ସାହୁ, ଜଗତସିଂହପୁର ଜିଲ୍ଲାର ବିରଞ୍ଚି ନାରାୟଣ ସାହୁ ଓ ଲକ୍ଷ୍ମୀଧର ସାହୁକୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ଚୋରା ଅଳଙ୍କାର କିଣିଥିବା ସାଲେପୁର ଅଞ୍ଚଳ ଅଜୟ ସାହୁ ,ତ୍ରିଲୋଚନ ସାହୁ ଓ ବାଲେଶ୍ୱରର ଆଲୋକ ନନ୍ଦିକୁ ପୁଲିସ ଗିରଫ କରିଛି । ଆଜି ସାଲେପୁର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗ୍ରାମାଞ୍ଚଳ ଏସପି ପ୍ରତିକ ସିଂହ ଏ ନେଇ ସୂଚନା ଦେଇଛନ୍ତ। ଗିରଫ ଅଭିଯୁକ୍ତମାନେ ଜଗତସିଂହପୁର, ଯାଜପୁର, କଟକ, ବାଲେଶ୍ୱର ଜିଲ୍ଲା ବହୁ ଚୋରି, ଡ଼କାୟତି, ରାହାଜାନି ଘଟଣା ଘଟାଇ ଫେରାର ଥିବା ଜଣାପଡିଛି । ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗ୍ରାମାଞ୍ଚଳ ଏସପି ପ୍ରତିକ ସିଂହ ଏ ନେଇ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ଜଗତସିଂହପୁର, ଯାଜପୁର, କଟକ,ବାଲେଶ୍ୱର ଜିଲ୍ଲା ବହୁ ଚୋରି, ଡ଼କାୟତି, ରାହାଜାନି ଘଟଣା ଘଟାଇ ଫେରାର ଥିବା ଜଣାପଡିଛି।

## ମଝି ସମୁଦ୍ରରେ ଅଟକି ରହିଛି ଜାହାଜ, ଜାହାଜରେ ଅଛନ୍ତି ୨୧ପାକିସ୍ତାନୀ ନାବିକ



**ପାରାଦ୍ୱୀପ,(ଡିକେ ନ୍ୟୁଜ):** ପାରାଦୀପ ବନ୍ଦର ଏସ୍ପିଏମ୍ ବା ସିଙ୍ଗଲ ପଏଣ୍ଟ ମୋରିଂ ସିଷ୍ଟମ ବର୍ଥରେ ବୁଧବାର ତୈଳବାହୀ ଜାହାଜ ଲାଗିବାର ଥିଲା ହେଲେ ଲାଗି ପାରୁନି ଜାହାଜ ‘ଏକତଟି ସିରେନ-୨’। ଉକ୍ତ ଜାହାଜରେ ୨୫ ନାବିକଙ୍କ ମଧ୍ୟରୁ ୨୧ଜଣ ପାକିସ୍ତାନୀ ଜଣାପଡିବା ପରେ ମଝି ସମୁଦ୍ରରେ ଅଟକି ରହିଛି ଜାହାଜ। ଏ ନେଇ ଇମିଗ୍ରେଶନ ବିଭାଗ ପକ୍ଷରୁ ତତ୍ପରତା ଦେଖା ଦେଇଛି। ଜାହାଜରେ ପାକିସ୍ତାନୀ ନାବିକ ଥିବାରୁ ପଣ୍ୟ ଖଲାସ ସମୟ ପର୍ଯ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ଇମିଗ୍ରେଶନ ବିଭାଗ ମେରାଇନ ପୋଲିସ, ପାରାଦୀପ ବନ୍ଦର ପ୍ରଶାସନକୁ ଅବଗତ କରାଇଛି। କାରଣ ପାକିସ୍ତାନୀ ନାଗରିକ ଭାରତ ସୀମା ମଧ୍ୟରେ ପ୍ରବେଶ ଉପରେ ବୈଦେଶିକ କଟକଣା ରହିଛି। ଦକ୍ଷିଣ କୋରିଆ ରୁ ୧୩୫ ମେଟ୍ରିକ ଟନ ଅଶୋଧିତ ତୈଳ ବୋଝେଇ ଜାହଜ ମଧ୍ୟରେ ୨୧ ପାକିସ୍ତାନ, ୨ ଭାରତୀୟ, ଜଣେ ଶ୍ରୀଲଙ୍କା, ଜଣେ ଥାଇଲାଣ୍ଡ ଦେଶର ବୋଲି ଇମିଗ୍ରେଶନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ପାରାଦୀପ ବନ୍ଦର ଏସ୍ପିଏମ୍ ପୋତାଶ୍ରୟଠାରୁ ୨୦ କି.ମି. ଦୂର ସମୁଦ୍ର ମଧ୍ୟରେ ଜାହାଜ ରହିଛି। ସେଠାରେ ଭାସମାନ ବର୍ଥକୁ ଏସ୍ପିଏମ୍ ବୋଲି କୁହାଯାଏ। ସେଠାରେ କେବଳ ବୃହତ ତୈଳବାହୀ ଜାହାଜରୁ ଅଶୋଧିତ ତୈଳ ପାଇପ୍ଲାଇନ ଯୋଗେ ଖଲାସ କରାଯାଇ ଥାଏ। ବୈଦେଶିକ କଟକଣା ପରିସ୍ଥିତି ରେ ୨୧ପାକିସ୍ତାନୀ ନାବିକ ଭାରତକୁ ଆସୁ ଥିବା ଖବର ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି।

## ଛତ୍ରପୁର ଦି ନ୍ୟୁ ଏଜ୍ ୟୁରୋ ସ୍କୁଲର ମାଟ୍ରିକ୍ ପରୀକ୍ଷାରେ ଶତପ୍ରତିଶତ ସଫଳତା



**ଛତ୍ରପୁର,(ଡିକେ ନ୍ୟୁଜ):** ପ୍ରକାଶିତ ସିବିଏସ୍ଇ ବୋର୍ଡର ମାଟ୍ରିକ୍ ପରୀକ୍ଷାରେ ଛତ୍ରପୁର ‘ଦି ନ୍ୟୁ ଏଜ୍ ୟୁରୋ’ ସ୍କୁଲକୁ ଶତପ୍ରତିଶତ ସଫଳତା ମିଳିଛି । ସିବିଏସ୍ଇ ବୋର୍ଡ ସ୍ୱୀକୃତି ପରେ ସ୍କୁଲର ପ୍ରଥମ ବ୍ୟାଚ୍ ମାଟ୍ରିକ୍ ୨୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୨୨ ଜଣ ଛାତ୍ରଛାତ୍ରୀ ଫାଷ୍ଟକ୍ଲାସ୍ ସହିତ ସମସ୍ତ ଛାତ୍ରଛାତ୍ରୀ ପରୀକ୍ଷାରେ ପାସ୍ ହୋଇଛନ୍ତି। ସେଥିରୁ ୪ ଜଣ ଛାତ୍ରଛାତ୍ରୀ ୯୬ ପ୍ରତିଶତ ମାର୍କ ରଖି ସ୍କୁଲର ଗୌରବ ବଢ଼ାଇଛନ୍ତି। ସେମାନେ ହେଲେ ବସୁନ୍ଧରା ପାଣିଗ୍ରାହୀ, ଆଦିତ୍ୟ ନାୟକ, ବରୁଣ କୁମାର ସାହୁ ଓ ଜ୍ୟୋତି ପ୍ରକାଶ ପଟ୍ଟନାୟକ। ସେହିପରି ଜଣେ ୯୧ ପ୍ରତିଶତ, ୩ ଜଣ ୮୬ ପ୍ରତିଶତରୁ ଅଧିକ , ୪ ଜଣ ୮୧ ପ୍ରତିଶତରୁ ଅଧି , ଜଣେ ୭୫ ପ୍ରତିଶତରୁ ଅଧିକ, ଜଣେ ୭୦ ପ୍ରତିଶତରୁ ଅଧିକ, ୪ ଜଣ ୬୫ ପ୍ରତିଶତରୁ ଅଧିକ, ୨ ଜଣ ୬୦ ପ୍ରତିଶତରୁ ଅଧିକ ଏବଂ ସେକେଣ୍ଡ କ୍ଲାସ୍‌ରେ ୫ ଜଣ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଅଧ୍ୟୟନର ଶୁଭକାଂକ୍ଷା ଜଣାଇଛନ୍ତି। ଚଳିତ ବର୍ଷ ଅନୁଷ୍ଠାନରେ ଦ୍ୱାଦଶ ବିଜ୍ଞାନ ପାଠ୍ୟକ୍ରମ ଖୋଲିବ। ଅନୁଷ୍ଠାନ ପକ୍ଷରୁ ସମସ୍ତ ଚୂଡାନ୍ତ ପ୍ରସ୍ତୁତି ସରିଛି। ସହରର ପ୍ରଥମ ଶିକ୍ଷାନୁଷ୍ଠାନ ଭାବେ ଏହି ବିଦ୍ୟାଳୟ ଗୌରବ ହାସଲ କରିଥିବା ବେଳେ ଚଳିତ ବର୍ଷ ସିବିଏସ୍ଇ ଯୁକ୍ତଦୁଇ ବିଜ୍ଞାନ ପାଠ୍ୟକ୍ରମ ଅଧ୍ୟୟନ ପାଇଁ ଛାତ୍ରଛାତ୍ରୀଙ୍କୁ ଅଭିଭାବକଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ରହିଛି। ଯୁକ୍ତଦୁଇ ବିଜ୍ଞାନ ପାଠ୍ୟକ୍ରମ ସହିତ ଜେଇ ଓ ନିଟ୍ ପାଠ୍ୟକ୍ରମ ପାଇଁ ସୁବିଧା ଉପଲବ୍ଧ ରହିଛି । ପରୀକ୍ଷା ଓ ନିରୀକ୍ଷା ମାଧ୍ୟମରେ ଅଭିଜ୍ଞ ଏବଂ ଉତ୍ତମ ଶିକ୍ଷକମାନଙ୍କୁ ନିଯୁକ୍ତ ପ୍ରଦାନ କରାଯାଇଛି ସ୍ଥାନୀୟ ଅଞ୍ଚଳରେ ଏକମାତ୍ର ସ୍ୱୀକୃତିପ୍ରାପ୍ତ ସିବିଏସ୍ଇ ଶିକ୍ଷାନୁଷ୍ଠାନ ରହିଥିବାରୁ ଛାତ୍ରଛାତ୍ରୀଙ୍କୁ ପାଠପାଇବା ନିମନ୍ତେ ଓ ଅଭିଭାବକଙ୍କ ମହଲରେ ଉତ୍ସାହ ରହିଥିବା ଜଣାପଡିଛି।

## ସିବିଏସସି ବ୍ଲକ ଟପ୍ପର ହେଲେ ଶୁଭମ ଓ ଲୋରେନା

**କୋଟପାଡ଼,(ଡିକେ ନ୍ୟୁଜ):** ଦେଶରେ ସିବିଏସସିର ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ବର୍ଷ ବି ଛାତ୍ର ମାନଙ୍କ ତୁଳନାରେ ଛାତ୍ରୀ ମାନେ ବାଜି ମରିନେଇଥିବା ଜଣାଯାଇଛି। ଚଳିତ ବର୍ଷ ସିବିଏସସି ଦଶମ ପରୀକ୍ଷାରେ ଦେଶରେ ମୋଟ ୨୩,୮୫,୦୭୯ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ପାଇଁ ନାମ ପଞ୍ଜିକରଣ କରିଥିବା ବେଳେ, ୧୬,୯୨,୭୯୪ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ଜଣାପଡିଛି। ସେଥି ମଧ୍ୟରୁ ୧୪,୯୬,୩୦୭ ଜଣ ଛାତ୍ର ଛାତ୍ରୀ କୃତକାର୍ଯ୍ୟ ହୋଇଥିବା ଜଣାଯାଇଛି। ପ୍ରକାଶ ପାଇଥିବା ସିବିଏସସି ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୋଟପାଡ଼ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ତ ଶୁଭମ୍ ବିଶୋଇ ୯୧ ପ୍ରତିଶତ ମାର୍କ ରଖି କୋଟପାଡ଼ ବ୍ଲକ ଟପ୍ପର ହୋଇ ଅଞ୍ଚଳ ପାଇଁ





୨୩,୭୧,୯୩୯ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୨୨,୨୧, ୬୩୬ ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ସେହିପରି କୋଟପାଡ଼ ବ୍ଲକ ଓଡିଶ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଲୋରେନା ସାହୁ ସିବିଏସସି ଦଶମ ପରୀକ୍ଷାରେ ୯୬ ପ୍ରତିଶତ ମାର୍କ ରଖି କୋଟପାଡ଼ ବ୍ଲକରେ ଟପ୍ପର ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। କୋଟପାଡ଼ ନିବାସୀ ଦେବବ୍ରତ ସାହୁ ଓ ପ୍ରିୟଦର୍ଶିନୀ ମଣ୍ଡଳଙ୍କ ସୁକନ୍ୟା ହେଉଛନ୍ତି ଲୋରେନା ସାହୁ। ସେହିପରି ସିବିଏସସି ଦ୍ୱାଦଶ ରେ ସାରା ଦେଶରେ ୧୭,୦୪,୩୬୭ ଜଣ ଛାତ୍ର ଛାତ୍ରୀ ନାମ ପଞ୍ଜିକରଣ କରିଥିବା ବେଳେ, ସଫଳତା ଆଣିଥିବା ଜଣାଯାଇଛି। ଶୁଭମ କୋଟପାଡ଼ ନିବାସୀ ସ୍ୱର୍ଗତ କବିତ ବିଶୋଇ ଓ ଅନୁରାଧା ବିଶୋଇଙ୍କ ସୁପୁତ୍ର ଅଟନ୍ତି। ସୂଚନା ଥାଉ କି ଶୁଭମ ପୂର୍ବରୁ ମଧ ସିବିଏସସି ଦଶମ ପରୀକ୍ଷାରେ ଭଲ ନମ୍ବର ରଖି କୋଟପାଡ଼ ପାଇଁ ଗୌରବ ଆଣିଥିଲେ। ଉଭୟ ଶୁଭମ ଓ ଲୋରେନା କୋଟପାଡ଼ ପାଇଁ ଗୌରବ ଅଣିଥିବାରୁ କୋଟପାଡ଼ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଉଭୟଙ୍କୁ ବିଭିନ୍ନ ସଂଗଠନ ସହ ଅଞ୍ଚଳ ବାସୀଙ୍କ ଦ୍ୱାରା ଶୁଭେଚ୍ଛାର ସୁଅ ଛୁଟିଥିବା ଜଣାଯାଇଛି। ଉଭୟ ସଫଳତାର ସମସ୍ତ ଶ୍ରେୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ନିଜ ଅବିଭାବକଙ୍କୁ ପ୍ରଦାନ କରିଛନ୍ତି।

## ଗ୍ରାମୀଣ ଓଡ଼ିଶାରେ କ୍ୟାନସରର ପ୍ରତିକାର ତଥା ହ୍ରାସ ଉପରେ ବେଦାନ୍ତର ସଚେତନତା




**ମୁନିଗୁଡ଼ା,(ଡିକେ ନ୍ୟୁଜ):** ବେଦାନ୍ତ ଆଲୁମିନା ପ୍ରକଳ୍ପ ପକ୍ଷରୁ ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଜଗଦଲପୁର ସରକାରୀ ମେଡିକାଲ ପରିସରରେ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଓ ଦିନିକିଆ କ୍ୟାନସର ଯାଞ୍ଚ ଶିବର ଆୟୋଜନ ହୋଇଯାଇଛି। ଉକ୍ତ ଶିବିରକୁ ଆସିଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନିଶୁଳ୍କ ଔଷଧ ବଣ୍ଟନ କରାଯାଉଥିବା ବେଳେ କର୍କଟ ରୋଗର ଯାଞ୍ଚ ପାଇଁ କିଛି ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଜଗଦଳପୁର ସରପଞ୍ଚ ରାମେଶ୍ୱର ବାରିଆକା, ସମିତି ସଭ୍ୟା ଭାଲନ୍ତି କୁଶୁଲିଆ ଉପସ୍ଥିତ ରହି ଶିବିରର ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ରକ୍ତ ଜନିତ ରୋଗ ବିଶେଷଜ୍ଞ ଡ.ନିଲେସ ଜୈନ, ଶିଶୁ ବିଶେଷଜ୍ଞ ଡ.ବିକାଶ ରଞ୍ଜନ ପ୍ରହରାଜ, ବାଲକୋ ମେଡିକାଲର ଆଞ୍ଚଳିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ.ହେମଲତା, ଜଗଦଳପୁର ସରକାରି ଡାକ୍ତରଖାନାର ଡ଼ାକ୍ତର ଡ.ପାର୍ଥ ସାରଥି ସାହୁ, ବେଦାନ୍ତ ମେଡିକାଲ ଅଫିସର ପ୍ରଶାନ୍ତ କୁମାର ପରିମାଣିକ ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ବେଦାନ୍ତ ସିଏସଆର ମୁଖ୍ୟ ଶିଶିର ତରଫଦାର, ସିଏସଆର ବିଭାଗ ବର୍ଣ୍ଣିରାଣୀ ପତଗିରି, ବେଦାନ୍ତ ମେଡ଼ିକାଲ କୋଡ଼ିନେଟର ଅଶୋକ କୁମାର ଖୁରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଚିକିତ୍ସାରେ ୪୦୦ରୁ ଅଧିକ ଲୋକମାନଙ୍କୁ ଏହି ଦିନିକିଆ ଶିବିର ଦ୍ୱାରା ସେବା ଯୋଗାଇ ଦିଆଯାଇଥିଲା। ବେଦାନ୍ତ ପକ୍ଷରୁ ସାଧାରଣ ଲୋକମାନଙ୍କ ପାଇଁ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଓ ଏପରି ଏକ ପରୀକ୍ଷା ଶିବିର ଆୟୋଜନ କରାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଓ ଏଥିପାଇଁ ବେଦାନ୍ତ ଧନ୍ୟବାଦର ପାତ୍ର ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ଆଜିଠୁ ଧାନକିଣା ବିକା ଆରମ୍ଭ

**ବରଗଡ଼,(ଡିକେ ନ୍ୟୁଜ):** ବରଗଡ଼ ଜିଲ୍ଲାରେ ବୁଧବାରରୁ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଛି। ଧାନ ସଂଗ୍ରହ ପାଇଁ ଏଥର ବରଗଡ଼, ଅତାବିରା ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧିନରେ ୧୮୮ ମଣ୍ଡି ଖୋଲିବ। ମଣ୍ଡି ଗୁଡ଼ିକ ସପ୍ତାହକ ୬ଦିନ ଖୋଲା ରହିବ ଏବଂ ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମଣ୍ଡିରେ ଧାନ ସଂଗୃହୀତ ହେବ। ତେବେ ଅନ୍ୟଥର ଭଳି ଏଥର ମଧ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀଙ୍କୁ ଟୋକନ ଅଡୁଆ ସାଜଛି। ଜିଲ୍ଲାରେ ଧାନ ଅମଳ କରିଥିବା ଅନେକ ଚାଷୀଙ୍କ ପାଖକୁ ବର୍ତ୍ତମାନ ସୁଦ୍ଧା ଟୋକନ ପହଞ୍ଚି ପାରି ନାହିଁ। ଯେଉଁମାନଙ୍କୁ ଟୋକନ ମିଳିଛି, ସେଥିମଧ୍ୟରୁ ଅଧିକାଂଶରେ ଧାନବିକ୍ରି ଦିବସ ବିଳମ୍ବିତ ରହିଛି। ସେହିପରି ଧାନ ଅମଳ କରି ନଥିବା ଚାଷୀଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଆଗୁଆ ରହିଛି। ଏହା ସହିତ ଜମି ପରିମାଣ ତୁଳନାରେ ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ମଧ୍ୟ ଯଥେଷ୍ଟ କମ୍ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଜିଲାର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ମଙ୍ଗଳବାର ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଜିଲାର ବିଭିନ୍ନ ବ୍ଲକର ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଟୋକନ ସମସ୍ୟାର ତ୍ୱରିତ ସମାଧାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣାରେ ବସିଥିଲେ। ପରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଉଦ୍ଦେଶ୍ୟରେ ସେମାନେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ଏବଂ ଏହି ସମସ୍ୟାର ତ୍ୱରିତ ସମଧାନ ପାଇଁ ଦାବି କରିଛନ୍ତି। ଏହାର ସମାଧାନ ନ ହେଲେ ବଳକା ଧାନ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଦା କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ସମବାୟ ଉପନିବନ୍ଧକ (ଡିଆରସିଏସ୍) ଅତୁଲ ଦାଶ ସୂଚନା ପାଇ ଚାଷୀମାନଙ୍କୁ ନିଜ କାର୍ଯ୍ୟାଳୟକୁ ଡାକିଥିଲେ ଏବଂ ଏହି ସମସ୍ୟା ଉପରେ ଆଲୋଚନା କରିଥିଲେ। ସମବାୟ ସମିତି ଗୁଡ଼ିକ ଜରିଆରେ ନୂତନ ଅଭିଯୋଗ ଫର୍ମ ମାଧ୍ୟମରେ ଆସନ୍ତା ୧୬ତାରିଖ ସୁଦ୍ଧା ଧାନବିକ୍ରିରୁ ବଞ୍ଚିତ ଚାଷୀଙ୍କୁ ଆଉଥରେ ସୁବିଧା ଦେବାର ନିଷ୍ପତ୍ତି ହୋଇଛି ବୋଲି ସେ ସୂଚନା ଦେଇଥିଲେ। ଫଳରେ ସେଭଳି କ୍ଷେତ୍ରରେ ଚାଷୀମାନେ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଅଭିଯୋଗ ଫର୍ମ ମାଧ୍ୟମରେ ଆବେଦନ କରିବାକୁ ଡିଆର୍ସିଏସ୍ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସୂଚନା ଅନୁଯାୟୀ, ରବିଧାନ ସଂଗ୍ରହ ପାଇଁ ଜିଲାର ୯୨ହଜାର ୫୦୦ ଚାଷୀ ଆବଶ୍ୟକ କାଗଜାତ୍ ଦେଇ ଚାଷଜମି ପଞ୍ଜୀକରଣ କରିଥିଲେ। ରାଜସ୍ୱ ନିରୀକ୍ଷକ ଏବଂ ସାଟେଲାଇଟ୍ ସର୍ଭେ ପରେ ବର୍ତ୍ତମାନ ସୁଦ୍ଧା ୯୦ହଜାର ୯୦୦ଚାଷୀଙ୍କୁ ଧାନବିକ୍ରି ପାଇଁ ଟୋକନ ମିଳିଛି। କିନ୍ତୁ ଟୋକନରେ ଉଲ୍ଲେଖିତ ଜମି ପରିମାଣ, ବିକ୍ରିଯୋଗ୍ୟ ଧାନ ପରିମାଣ ହ୍ରାସ, ନିର୍ଦ୍ଧାରିତ ବିକ୍ରି ଦିବସ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ପଞ୍ଜୀକରଣ ସମୟରେ ଚାଷୀମାନେ ଉଦ୍ଦିଷ୍ଟ ଆବେଦନ ଫର୍ମରେ ସମ୍ଭାବ୍ୟ ବିକ୍ରି ଦିବସ ତାରିଖ ଉଲ୍ଲେଖ କରୁଛନ୍ତି ।କିନ୍ତୁ ତାକୁ ଅଣଦେଖା କରାଯାଇ ବିଭାଗୀୟ କର୍ମଚାରୀମାନେ ନିଜ ମନଇଚ୍ଛା ଟୋକନରେ ବିକ୍ରି ଦିବସ ଏବଂ ଜମି ପରିମାଣ ଉଲ୍ଲେଖ କରୁଥିବା ଯୋଗୁ ଧାନବିକ୍ରି ସମୟରେ ଚାଷୀମାନଙ୍କୁ ସେଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଅଭିଯୋଗ ହୋଇଛି। ପ୍ରତିବର୍ଷ ଏହି ସମସ୍ୟା ଲାଗି ରହୁଥିବାବେଳେ ତାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କ ଯାଏ ବିଫଳତା ପରୋକ୍ଷରେ ଅଭାବିବିକ୍ରିର ସୁଯୋଗ ସୃଷ୍ଟି କରୁଛି ଏବଂ ତଥାକଥିତ ବେପାରୀ, ମିଲର୍ସମାନେ ଫାଇଦା ଉଠାଉଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ସମସ୍ୟା ଯୋଗୁ ଚାଷୀମାନେ ଧାନ ଅମଳ କରିଥିଲେ ସୁଦ୍ଧା ବିକ୍ରି ବିଳମ୍ବିତ ହେବ। ଅନ୍ୟପଟେ ଧାନ ସୁରକ୍ଷିତ ରଖିବା ପାଇଁ ଚାଷୀଙ୍କ ପାଖରେ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ନାହିଁ। ଫଳରେ ସମ୍ଭାବ୍ୟ ଝଡ଼ବର୍ଷାରେ ଚାଷୀ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଥିବାବେଳେ ଅନନ୍ୟୋପାୟ ହୋଇ ଶେଷରେ ବେପାରୀ ହାତକୁ କମ୍ ଦରରେ ନିଜ କଷ୍ଟୋପାର୍ଜିତ ଅମଳ ଧାନ ବିକ୍ରି ପାଇଁ ବାଧ ହେବ ବୋଲି ଚାଷୀନେତା ଏକାଦଶିଆ ସାହୁ କହିଛନ୍ତି। ସେହିପରି ମଣ୍ଡିରେ ଧାନ ପଡ଼ିବାର ୪୮ଘଣ୍ଟା ମଧ୍ୟରେ ତାକୁ ଉଠାଯିବା ପାଇଁ ଭେଡ଼େନ କୃଷକ ସଂଗଠନ ଦାବି କରିଛନ୍ତି। ଏହା କରା ନଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଛି। ଟୋକନ ଏବଂ ଧାନବିକ୍ରି ସମସ୍ୟା ନେଇ ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ରଙ୍କ ନେତୃତ୍ୱରେ ସୁରେଶ ନେକାଣ୍ଡି, ନିରଞ୍ଜନ ପ୍ରଧାନ, ରବିଶଙ୍କର ପ୍ରଧାନ, ଲୋକେଶ୍ୱର ସାହୁ, ଏକାଦଶିଆ ନାୟକ, ପ୍ରକାଶ ଭୋଇ, ଆନନ୍ଦ ସରାଫଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

# ରାୟଗଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଆଇନ ସଚେତନତା କାର୍ଯ୍ୟକ୍ରମ

**ରାୟଗଡା,(ଡିକେ ନ୍ୟୁଜ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅଦ୍ୟ ତା- ୧୪.୦୫.୨୦୨୫ ରିଖ ବୁଧୁବାର ସମୟ ଘ.୧୦.୦୦ମି ସମୟରେ ସ୍ଥାନୀୟ ପିତାମହଲ ପଞ୍ଚାୟତର ବେହେରାଗୁଡା ଗ୍ରାମରେ ବର୍ଯ୍ୟବସ୍ତୁ ପରିଚାଳନା ଉପରେ ଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧରେ ରାୟଗଡା ବାର ଆସୋସିଏସନର ଆଇନଜୀବୀ ଦେବରାଜ ନାୟକ, ଜିଲ୍ଲା ଆଇନସେବା ପ୍ରାଧିକରଣର ପ୍ରଣ୍ଟ ଅଫିସ ରିଟେନର ଭାରତୀ ତ୍ରିପାଠୀ, ଜିଲ୍ଲା ଆଇନସେବା ପ୍ରାଧିକରଣର ପି.ଏଲ୍.ଭି ଅଶୋକ ମହାରଣା, ପ୍ରତ୍ୟୁସ ଛିନଚନି, ବେହେରାଗୁଡା ଗ୍ରାମର




ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ଓ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ବର୍ଯ୍ୟବସ୍ତୁକୁ ଏଣେତେଣେ ନପକାଇ କିପରି ତାକୁ ଉଚିତ ବ୍ୟବହାର କରିବା ସେ ଉପରେ ଲୋକମାନଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ସେହିପରି ନିଜର ବକ୍ତବ୍ୟରେ ଦେବରାଜ ନାଏକ ସରକାରଙ୍କ ତରଫରୁ ଉପଲବ୍ଧ ଥିବା ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ ଓ କାର୍ଯ୍ୟକ୍ରମ ପରିଶେଷରେ ଏକ ଖୋଲା ଆଲୋଚନାରେ ଉପସ୍ଥିତ ଅତିଥିମାନେ ଅଂଶଗ୍ରହଣକାରୀ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ଓ ପରିଶେଷରେ ଜିଲ୍ଲା ଆଇନସେବା ପ୍ରାଧିକରଣର ପ୍ରଣ୍ଟ ଅଫିସ ରିଟେନର ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହିତ ନିଜର ବକ୍ତବ୍ୟରେ ବିଭିନ୍ନ ଅସୁବିଧା ସମୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଦ୍ୱାରସ୍ଥ ହେବା ପାଇ ସମସ୍ତ ଜନସାଧାରଣ ମାନଙ୍କୁ ବୁଝାଇଥିଲେ। ସର୍ବୋପରି ଏହି କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଜନସାଧାରଣ ଓ ମାନ୍ୟବର ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି।

# ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

**ଖୋର୍ଦ୍ଧା,(ଡିକେ ନ୍ୟୁଜ):** ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା, ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଚଞ୍ଚଳ ରାଣା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜ୍ୟୋତି ଶଙ୍କର ସାହୁ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ ପ୍ରମୁଖ ଯୋଗଦେଇ ଥିଲେ।ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୪୨ ଗୋଟି ବିଭାଗର ଉନ୍ନୟନ ମୂଳକ ଯୋଜନା ଏବଂ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବିଧାୟକ ଶ୍ରୀଯୁକ୍ତ ଜଗଦେବ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା କରି ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ସାମଗ୍ରିକ ଦୃତ ବିକାଶ ଓ ମଡେଲ ନିର୍ବାଚନ ମଣ୍ଡଳୀ ଭିଜନରେ ବ୍ରତୀ ହେବାକୁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ବିଧାନସଭା ର୍ନିବାଚନ ମଣ୍ଡଳୀର ତୃଣମୂଳ ସ୍ତରରୁ ଲୋକମାନଙ୍କୁ ସରକାରଙ୍କର ବିଭିନ୍ନ ଯୋଜନାର ସୁବିଧା ସୁଯୋଗ ସେବା ଉପଲବ୍ଧ କରାଇ ସେମାନଙ୍କୁ ଦୃତ ବିକାଶର ସ୍ରୋତରେ ସାମିଲ କରାଇ ସମଗ୍ର ରାଜ୍ୟ ଓ ଦେଶରେ ଦୃଷ୍ଟାନ୍ତ ସୃଷ୍ଟି




କରିବାକୁ ଲକ୍ଷ୍ୟ ରଖି କର୍ତ୍ତବ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଭାରତ ସଂଚାର ନିଗମ ଲିମିଟେଡ, ଇଡକୋ, ଆୟକର ବିଭାଗ, ଭାରତୀୟ ଡାକ ସେବା, ଭାରତୀୟ କୃଷି ଗବେଷଣା କେନ୍ଦ୍ର, ଭାରତୀୟ ଜୀବନବୀମା ନିଗମ ଭିତ୍ତି ଭୂମି ସହ ଦ୍ରୁତ ଶିଳ୍ପାୟନର ବିକାଶ ମାଧ୍ୟମରେ ସି.ଏସ.ଆର ଫଣ୍ଡ ରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ରୂପରେଖ ଶୀର୍ଷରେ ଫଞ୍ଚାଇବାକୁ ଅଧିକାରୀମାନେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏ ସମ୍ପର୍କ ରେ ଏକ ଖସଡ଼ା ପ୍ରସ୍ତୁତ କରି ସମସ୍ତ ବିଭାଗରେ ପଡ଼ିରହିଥିବା ଅନୁଦାନ ଅର୍ଥକୁ ୨୦୨୬ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଖର୍ଚ୍ଚ କରି ବିନିଯୋଗ ପତ୍ର ସରକାରଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟାଙ୍ଗୀ ଓ ଖୋର୍ଦ୍ଧା ବ୍ଲକ ଏବଂ ପୌର ପରିଷଦରେ ୮୦ ବର୍ଷରୁ ଅଧିକ ବର୍ଷ ହୋଇଥିବା ହିତାଧିକାରୀଙ୍କୁ ଜାତୀୟ ସାମାଜିକ ନିରାପତ୍ତା ଯୋଜନାରେ ସାମିଲ କରିବା, ମୃତ ହିତାଧିକାରୀଙ୍କ ସ୍ଥାନ ଗୁଡ଼ିକୁ ଅବିଳମ୍ବେ ପୂରଣ କରିବା, ବ୍ୟାପକ ବୃକ୍ଷରୋପଣ କରିବା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ମତ୍ସ୍ୟ ଚାଷୀଙ୍କୁ ଅଗ୍ରାଧିକାର ଦେଇ ଅଧିକ ପୋଖରୀ ଖନନ କରିବା, ଜଳସେଚନ, ପୌରପରିଷଦ ପକ୍ଷରୁ ଇଡକୋର ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବା,ଏମ.ଜି.ଏନ୍.ଆର.ଇ.ଜି. ଏସ.ଯୋଜନାକୁ ଦୃତ ଗତିରେ ଆଗେଇନେବା, ମହିଳା ମହାବିଦ୍ୟାଳୟ ଓ ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପାଚେରୀ ନିର୍ମାଣ, ଖୋର୍ଦ୍ଧାରେ ଅଡିଟୋରିୟମ ଓ ଷ୍ଟାଡିୟମ ନିର୍ମାଣ , ରାସନ୍ କାର୍ଡରେ ଅଗ୍ରଗତି କାର୍ଯ୍ୟ, କ୍ଷୁଦ୍ର ଜଳସେଚନ ଅଧୀନ ବନ୍ଧ ଗୁଡ଼ିକୁ ଉଚ୍ଚା କରିବା, ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆବାସିକ ଗୃହ ନିର୍ମାଣ, ଟାଙ୍ଗୀ ଉପ ନିବନ୍ଧକ କାର୍ଯ୍ୟାଳୟ ଓ ବାସଗୃହ ନିର୍ମାଣ, ଉଠା ଜଳସେଚନ ପ୍ରକଳ୍ପ ଟାଙ୍ଗୀ ଓ ଖୋର୍ଦ୍ଧା ବ୍ଲକରେ ଯଥାକ୍ରମେ ୧୫୯ ଓ ୧୦୪ର ଅଗ୍ରଗତି କାର୍ଯ୍ୟ, ନୀରାକାରପୁର ଠାରେ ବିଦ୍ୟୁତ୍ ଟ୍ରାନ୍ସଫରମର ବସିବା, ପାଇପଲାଇନ ଜଳ ଯୋଗାଣ, ଶିଆଳିଆ ଆଦିବାସୀ ସ୍କୁଲ ପାଣି ସମସ୍ୟାର ସମାଧାନ, ଲକ୍ଷ ପତି ଦିଦି ଯୋଜନା, ଓରିଡା ବିଦ୍ୟୁତ୍ ଶକ୍ତି, ମିଶନ ଶକ୍ତି ଯୋଜନା, ଓରମାସ ଯୋଜନା, ଗ୍ରାମୀଣ ଗୃହ ଯୋଜନା ଓ ଅନ୍ତ୍ୟୋଦୟ ଅନ୍ନ ଯୋଜନା, ପ୍ରଧାନ ମନ୍ତ୍ରୀ ସିଞ୍ଚନ ଯୋଜନାକୁ ସଫଳ ଭାବେ ରୂପାୟନ ନିମନ୍ତେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ଥିଲେ। ସେହିପରି ବିଧାୟକ ପୁଲିସ ଆଉଟ୍ ପୋଷ୍ଟ ଓ ଥାନା ଆବଶ୍ୟକତା ଦିଗରେ ରିପୋର୍ଟ ଦେବାକୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ପରାମର୍ଶ ଦେବାସହ ସିକୋ ଓ ବେଗୁନିଆରେ ଆଉଟ୍ ପୋଷ୍ଟ ନିର୍ମାଣର ଆବଶ୍ୟକତା ଅଛି ବୋଲି କହିବା ସହ ପ୍ରତ୍ୟେକ ବିଭାଗରେ ଉନ୍ନୟନର ସମ୍ଭାବନା ବିଧାୟକଙ୍କ ନଜିରକୁ ଆଣିବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ବୈଠକକୁ ପ୍ରତ୍ୟେକ ବିଭାଗୀୟ ଅଧିକାରୀ ସେମାନଙ୍କ ଅଧୀନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ବୈଠକରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଶ୍ରୀଯୁକ୍ତ ରାଣା ତାଙ୍କ ବକ୍ତବ୍ୟରେ କହିଥିଲେ, ସମସ୍ତ ଅଧିକାରୀ ମାନେ ପ୍ରକଳ୍ପ ପ୍ରସ୍ତାବ ଗୁଡ଼ିକୁ ବିଧାୟକ ଓ ଜନପ୍ରତିନିଧିମାନଙ୍କ ସହ ବିଚାର ବିମର୍ଶ କରି ତାହାକୁ ଅନୁମୋଦନ ନିମନ୍ତେ ସୁପାରିଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମସ୍ତ ବିଭାଗୀୟ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ରାସ୍ତା ନା ମରଣ ଯନ୍ତା : ଅବଧି ସରିଯାଇଛି ମାତ୍ର ରାସ୍ତା ସରିଲା ନାହିଁ

**ଅସ୍ତରଙ୍ଗ,(ଡିକେ ନ୍ୟୁଜ):** ଜିଲ୍ଲା କାକଟପୁର ବ୍ଲକ ବାଲିଦୋକାନ ଠାରୁ ସିଙ୍ଘାରପାଳ ଓ ଅସ୍ତରଙ୍ଗ ବ୍ଲକ ସିଂହାରପାଳ ଠାରୁ ତାଣ୍ଡାହର ପର୍ଯ୍ୟନ୍ତ ସଂଯୋଗ କରୁଥିବା ରାସ୍ତା। କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ବାଲିଦୋକାନ ଠାରୁ ସିଂହାରପାଳ ୧୨ କିଲୋମିଟର ରାସ୍ତାର ଚଉଡା ବୃଦ୍ଧି ସହ ରାସ୍ତା ନିର୍ମାଣ ପାଇଁ ୧୧ କୋଟି ୪୧ ଲକ୍ଷ ଟଙ୍କା ବ୍ୟୟ ବାରାଦରେ ଜନୈକ ଠିକାଦାର ମାର୍ଚ୍ଚ ୨୦୨୪ରେ କାର୍ଯ୍ୟ ଆରମ୍ଭ କରି ମାର୍ଚ୍ଚ ୨୦୨୫ରେ ଶେଷ କରିବା ପାଇଁ ଚୁକ୍ତି କରିଥିଲେ। ଅନ୍ୟ ପକ୍ଷରେ ସିଂହାରପାଳ ଠାରୁ ତାଣ୍ଡାହାର, ଭାୟା ଉଦୟକଣି , କଳମକକଣି ୩କିଲୋମିଟର ୫୦୦ ମିଟର ରାସ୍ତା ନିର୍ମାଣ ପାଇଁ ତିନି କୋଟି ତିରିଶି ଲକ୍ଷ ଟଙ୍କା ବ୍ୟୟ ବରାଦରେ, ଆଉ ଜଣେ ଠିକାଦାର ଫେବୃଆରୀ ୨୦୨୪ରେ କାର୍ଯ୍ୟ ଆରମ୍ଭ କରି ଅଗଷ୍ଟ ୨୦୨୪ରେ କାର୍ଯ୍ୟ ଶେଷ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଚୁକ୍ତି ସ୍ୱାକ୍ଷର କରିଥିଲେ। ହେଲେ ଦୁଇଟି ଯାକ ରାସ୍ତାର ନିର୍ମାଣ ଅବଧି ଶେଷ ହୋଇଯାଇଥିଲେ ମଧ ରାସ୍ତାରେ କେବଳ ମେଟାଲ ବିଛିଆ ହୋଇ ପଡ଼ିରହିଛି। ଫଳରେ ୧୫ କିଲୋମିଟର ବ୍ୟାପୀ ଏହି ଦୁଇଟି ରାସ୍ତା ଅଧାପନ୍ତରିଆ ଭାବେ ପଡ଼ି ରହିଛି । କାକଟପୁର ବ୍ଲକ ଅବଦାନ ପଞ୍ଚାୟତ ଓ ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତର ଛାତ୍ରଛାତ୍ରୀ, ଚାଷୀ, ପାନ,ମାଛ ଓ କ୍ଷୀର ବ୍ୟବସାୟୀଙ୍କ ସହ ହଜାର ହଜାର



ସାଧାରଣ ଲୋକଙ୍କ ପାଇଁ ଏହି ରାସ୍ତା ଯେମିତି ମରଣ ଯନ୍ତା ପାଲଟିଛି । ବିଶେଷ କରି ପାଦ ଚଲା ଲୋକ, ସାଇକେଲ ଓ ବାଇକ୍ ଆରୋହୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ବର୍ଷାଦିନ ପୂର୍ବରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ନହେଲେ ଆନ୍ଦୋଳନ ପାଇଁ ସ୍ଥାନୀୟ ଲୋକେ ଧମକ ଦେଇଛନ୍ତି । ନିର୍ମାଣଧିନ ଏହି ୧୫କିଲୋମିଟର, ୫୦୦ ମିଟର ଲମ୍ବ ଦୁଇଟି ରାସ୍ତାର ୨କିଲୋମିଟର ୫୦୦ମିଟର ରାସ୍ତାର ପ୍ରଶସ୍ତିକରଣ ପାଇଁ ଜଙ୍ଗଲ ଜମିରେ ଅନୁମତି ମିଳିନଥିବା ବେଳେ ୫କିଲୋମିଟର ୫୦୦ ମିଟର ରାସ୍ତା ପାର୍ଶ୍ୱରେ ଘରୋଇ ଲୋକଙ୍କ ଜମି ଥିବାରୁ ରାସ୍ତା ପ୍ରଶସ୍ତିକରଣ ପାଇଁ ବାଧା ଉପୁଜୁଛି । ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ତହସିଲଦାର ଓ ଜିଲ୍ଲା ବାନାଧିକାରୀଙ୍କୁ ପତ୍ର ଲେଖିଛି । ତେବେ ଏହି ସମସ୍ୟାକୁ ଆଳ କରି ଠିକାଦାର ବାକି ଥିବା ଅନ୍ୟ ରାସ୍ତାର ନିର୍ମାଣ କାର୍ଯ୍ୟ ମାସ ମାସ ଧରି ବନ୍ଦ ରଖିବା ଯୋଗୁଁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସଂପୃକ୍ତ ଠିକାଦାରଙ୍କୁ ପତ୍ର ଲେଖି ତାଗିଦ୍ କରି ବିଭାଗୀୟ କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି । ତେବେ ଆମେ ଏ ସମ୍ପର୍କରେ କାକଟପୁର ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେଇଥିଲୁ ମାତ୍ର ସେ ଏ ବାବଦରେ କ୍ୟାମେରା ସାମ୍ନା ରେ ମୁହଁ ଖୋଲିବାକୁ ମନା କରିଛନ୍ତି।

# ଲକ୍ଷ ଲକ୍ଷ ଟଙ୍କା ଦରମା ନେଉଛନ୍ତି : କର୍ମଚାରୀଙ୍କ ଦେଖା ମିଳେନି

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ବ୍ରହ୍ମପୁର ମହାନଗର ନିଗମ ଚାକିରିରେ ରହି ଲକ୍ଷ ଲକ୍ଷ ଟଙ୍କା ଦରମା ନେଉଛନ୍ତି କର୍ମଚାରୀ। ଯେଉଁଠି ସରକାରୀ ବାବୁମାନେ ଅଛନ୍ତି ହେଲେ କାର୍ଯ୍ୟାଳୟରେ ଅଧିକାଂଶ ସମୟ ତାଙ୍କର ଦେଖା ମିଳେନି । ଏହି ବିଷୟରେ ବ୍ରହ୍ମପୁର କମିଶନର ଅବଗତ ଅଛନ୍ତି ତ ନା ଜାଣି ଶୁଣି ନିରବ ଦଷ୍ଟା ପାଲଟି ଯାଇଛନ୍ତି। ଆମ ପ୍ରତିନିଧି ପଚାରିବାରୁ କହୁଛନ୍ତି ଏହି କଥା ଆପଣଙ୍କଠୁ ଜାଣୁଛି ବୋଲି କହୁଛନ୍ତି । ଯୋଜନା ହେଉଛି, ହେଲେ ସବୁ କାର୍ଯ୍ୟ କେବଳ କାଗଜ କଲମରେ ସୀମିତ ରହୁଥିବା ଅଭିଯୋଗ ହୋଇଛି । ବେଲଗାମ, ବେଫିକର ଚାଲିଛି ଅଫିସ୍। କାମରେ ଆସି ନିରାଶ ଫେରୁଛନ୍ତି ଲୋକେ। ଏନେଇ ଅନେକ ସମୟରେ




କର୍ପୋରେଟର ମାନେ ଅଭିଯୋଗ କରି ଆସିଛନ୍ତି । ସବୁଠାରୁ ବଡ କଥା ହେଲା ମହାନଗର ନିଗମର ଖୋଦ କମିଶନର ବାରମ୍ବାର ଛୁଟିରେ ରହିବା ନିଜରକୁ ଆସିଛି। ତେଣୁ ଯେଉଁଠି ମୁରବୀଙ୍କ ଦେଖା ମିଳୁନି ସେଠି ତଳତଳିଆ ଅଫିସର ମାନଙ୍କ କଥା କଣ କହିବା । ଅଚଳାବସ୍ଥା ଓ ସହରର ବିକାଶ କାର୍ଯ୍ୟର ମନ୍ଥରତାକୁ ନେଇ କର୍ପୋରେଟର ମାନେ ବୈଠକରେ ହୋହଲ୍ଲା କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଅଭିଯୋଗ ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୬ଟି ପ୍ରସ୍ତାବକୁ...

ଅଧୀନରେ ଥିବା ସ୍ନାତକ, ସ୍ନାତକୋତର, ଶିକ୍ଷକ-ଶିକ୍ଷା ଓ ଆଇନ ପାଠ୍ୟକ୍ରମ ଅନୁଷ୍ଠାନ ଗୁଡିକରେ ଲାଗୁହେବ। ଏହା ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚମାଧ୍ୟମିକ (+୨), ଶିକ୍ଷକ-ଶିକ୍ଷା ଓ ବୃତିମୂଳକ ପାଠ୍ୟକ୍ରମ ଥିବା ଅନୁଷ୍ଠାନ ଗୁଡିକରେ ମଧ ଲାଗୁହେବ। ଏହା ବ୍ୟତୀତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ପ୍ରଦର୍ଶନ କଳାରେ ସ୍ନାତକ ପାଠ୍ୟକ୍ରମ ଏବଂ କ୍ରୀଡା ଓ ଯୁବସେବା ବିଭାଗର ବ୍ୟାଚେଲର ଅଫ୍ ଫିଜିକାଲଏଜୁକେସନ୍ ଓ ମାଷ୍ଟର ଅଫ ଫିଜିକାଲଏଜୁକେସନ ପାଠ୍ୟକ୍ରମରେ ମଧ ଲାଗୁ କରାଯିବ। ଏହା ସହିତ ଏହି ଅନୁଷ୍ଠାନ ମାନଙ୍କରେ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀ ମାନଙ୍କ ଲାଗି ୨୨.୫ ପ୍ରତିଶତ, ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀ ମାନଙ୍କ ଲାଗି ୧୬.୨୫ ପ୍ରତିଶତ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ଲାଗି ୫ ପ୍ରତିଶତ ଓ ପୂର୍ବତନ ସେନାନୀଙ୍କ ପରିବାର ସଦସ୍ୟଙ୍କ ଲାଗି ୧ ପ୍ରତିଶତ ଆସନ ସଂରକ୍ଷଣ ସମାନ ରୂପେ ପ୍ରଚଳନ କରାଯିବ। ଏହି ଐତିହାସିକ ନିଷ୍ପତି ଦ୍ୱାରା ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ବର୍ଗର ଛାତ୍ରଛାତ୍ରୀମାନଙ୍କର ଶିକ୍ଷା କ୍ଷେତ୍ରରେ ସାମାଜିକ ନ୍ୟାୟ ପାଇଁ ଯେଉଁ ଦୀର୍ଘଦିନର ଅପେକ୍ଷା ଥିଲା ତାହାର ଅନ୍ତ ହୋଇଛି। ମୟୂରଭଞ୍ଜ ଜିଲ୍ଲାସ୍ଥିତ ଯଶିପୁର ବ୍ଲକର ଅଁଳାବେଣୀରେ ଆପ୍ଳକ୍ସ ବନ୍ଧ ସହିତ ଖଇରିବନ୍ଧନ ବ୍ୟାରେଜ ପ୍ରକଳ୍ପ ନିର୍ମାଣ" ପାଇଁ ୯୭ କୋଟି୯୮ ଲକ୍ଷ୭୫୫ ଟଙ୍କାର ଟେଣ୍ଡରକୁ ଆଜି ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।ଏହି ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ଦ୍ୱାରା ଏହି ମରୁଡ଼ି ପ୍ରବଣ ଅଞ୍ଚଳରେ ବସବାସ କରୁଥିବା ପଛୁଆ, ଦୁର୍ବଳ ଏବଂ ଆଦିବାସୀ ଗୋଷ୍ଠୀଙ୍କ ପାଇଁ ଦୀର୍ଘକାଳୀନ ଖରିଫ ଜଳସେଚନ ସୁବିଧା ମିଳିବ। ଏହି ପ୍ରକଳ୍ପକୁ ୩୦ ମାସ ମଧରେ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଯାଇଛି ।ଏହି ପ୍ରକଳ୍ପ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ଯଶୀପୁର, ରରୁଆଁ ଏବଂ ଶୁକ୍ରୁଳି ବ୍ଲକର ୪୭ ଟି ଗ୍ରାମର ୬୯୫୦ ହେକ୍ଟର ଚାଷଜମିକୁ ଭୂତଳ ପାଇପଲାଇନ ଜଳବଣ୍ଟନ ବ୍ୟବସ୍ଥା ମାଧମରେ ଖରିଫ ଜଳସେଚନ ସୁବିଧା ଯୋଗାଇ ଦିଆଯିବ । ଏତଦ୍‌ବ୍ୟତୀତ ଏହି ପ୍ରକଳ୍ପ ୩୫,୦୦୦ ରୁ ଅଧିକ ଜନସଂଖ୍ୟାକୁ ପାନୀୟ ଜଳ ସୁବିଧା ଯୋଗାଇବା ସହିତ ଘରୋଇ ପଶୁପାଳନ ତଥା ମତ୍ସ୍ୟ ଚାଷର ଚାହିଦାକୁ ମଧ ପୂରଣ କରିବ। କେନ୍ଦୁଝର ଜିଲ୍ଲାର କେନ୍ଦୁଝର ତହସିଲ ଅନ୍ତର୍ଗତ ମୌଜା-ସୁଲେଇ ଖମାର, ସାତ ଶିଙ୍ଗା, ଗମ୍ଭାରିଆ ଓ ବ୍ରାହ୍ମଣ ଗାଁରେ ଧରଣୀଧର ବିଶ୍ୱବିଦ୍ୟାଳୟର ଉତର ଏବଂ ଦକ୍ଷିଣ କ୍ୟାମ୍ପସ ପ୍ରତିଷ୍ଠା ନିମନ୍ତେ ୪୦ ଏକର ୧୯୭ ଡି. ସରକାରୀ ଜମି ଦେୟମୁକ୍ତ ସହିତ ଲିଜ୍ ସୂତ୍ରରେ ପ୍ରଦାନ କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି । ଏତଦ୍ୱାରା ରାଜ୍ୟ ସରକାର ଏକକାଳୀନ ରାଜସ୍ୱ ଦେୟ ବାବଦକୁ ୧୪୦କୋଟି୭୧ଲକ୍ଷ ୪୦ ହଜାର ୫୧୮ଟଙ୍କା ଏବଂ ବାର୍ଷିକ ରାଜସ୍ୱ ଦେୟ ବାବଦକୁ ୫୦ ଲକ୍ଷ୨୬ ହଜାର ୩୧୮ଟଙ୍କା ଛାଡ଼ କରିଛନ୍ତି। ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାର ମିଳିତ ଭାବେ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ କ୍ୟାବିନେଟ୍ ମମତା-ପିଏମଏମଭିୱାଇ ଯୋଜନା ଅଧୀନରେ ସହାୟତା ବୃଦ୍ଧି କରିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଗର୍ଭବତୀ ଓ ପ୍ରସୂତି ମା' ମାନଙ୍କ ସହିତ ସେମାନଙ୍କ ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟିରେ ସୁଧାର ଆଣିବା ଏବଂ ମାତୃ ଓ ଶିଶୁ ମୃତ୍ୟୁହାରକୁ ହ୍ରାସ କରିବା । ଯୋଜନାର ଆକଳନ ବଜେଟ୍ ୫ ବର୍ଷ ପାଇଁ ୧୬୩୦.୧୦ କୋଟି ଟଙ୍କା ରଖାଯାଇଛି ।ଏଥିରେ ଥିବା ବର୍ଦ୍ଧିତ ସୁବିଧା ଏବଂ ପ୍ରୋତ୍ସାହନ ରାଶି୧ ଏପ୍ରିଲ, ୨୦୨୫ ରୁ ଲାଗୁ ହେବ । ଓଡ଼ିଶାଆଇଟିଆଇ ପ୍ରଶିକ୍ଷକ 'ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତାବଳୀ) ନିୟମାବଳୀ ସଂଶୋଧନ, ୨୦୨୪ର ପ୍ରଣୟନକୁ ଆଜି ରାଜ୍ୟକ୍ୟାବିନେଟ ଅନୁମୋଦନ କରିଛନ୍ତି । ଏହା ଦ୍ୱାରା ଆସିଷ୍ଟାଂଟ ଟ୍ରେନିଂ ଅଫିସରମାନଙ୍କୁପଦୋନ୍ନତି ସୁଯୋଗ ପ୍ରଦାନ, ଅଧକ୍ଷ, ଉପାଧକ୍ଷସ୍ତରରେ ଓ.ପି.ଏସ.ସି. ଦ୍ୱାରା ପ୍ରତ୍ୟକ୍ଷ ନିଯୁକ୍ତି ଦେବାଏବଂ ସେମାନଙ୍କୁ ସ୍ତର ୧୨ରୁ ସ୍ତର-୧୩ କୁ ପଦୋନ୍ନତି ପାଇଁ ଯେକୌଣସି ଇଞ୍ଜିନିୟରିଂ ବିଭାଗରେ ଡିଗ୍ରୀ ହାସଲ କୁ ସର୍ବନିମ୍ନ ଯୋଗ୍ୟତା ଭାବରେ ସ୍ଥିର କରାଯାଇଛି।

### ଶତ୍ରୁର ପ୍ରତ୍ୟେକ...

କୋଟି ସମ୍ମାନ ଜଣାଉଛି ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଆମେ ସବୁ ଭାରତୀୟ ନିରାପଦ। ପ୍ରଧାନମନ୍ତ୍ରୀ ମୋଦୀଜୀ କହିଛନ୍ତି ପ୍ରତ୍ୟେକ ଭାରତୀୟ ଶାନ୍ତି ଓ ସୁରକ୍ଷାର ସହ ରହିବା ପାଇଁ ଭାରତବର୍ଷ ଶକ୍ତିଶାଳୀ ହେବା ଜରୁରୀ । ଆବଶ୍ୟକ ପଡିଲେ ଆମ ପାଇଁ ଶକ୍ତି ପ୍ରଦର୍ଶନ ମଧ ଜରୁରୀ ଏବଂ ମୋଦୀଜୀ ଏହାକୁ ଅପରେଶନ ସିନ୍ଦୁରରେ ପ୍ରମାଣିତ କରି ଦେଖାଇଛନ୍ତି। ପରମାଣୁ ଶକ୍ତିର ବ୍ଲାକ୍‌ମେଲିଂକୁ ଭାରତ ଭୃକ୍ଷେପ କରିବ ନାହିଁ ବୋଲି ମୋଦୀଜୀଙ୍କ ଯେଉଁ ଦୃଢ ଚେତାବନୀ ଆଜି ସାରା ବିଶ୍ୱରେ ପ୍ରତିଧ୍ୱନିତ ହେଉଛି। ଶତ୍ରୁର ପ୍ରତ୍ୟେକ ଆହ୍ୱାନର ଉଚିତ୍ ଜବାବ ଦେବା ପାଇଁ ଆମ ସେନାବାହିନୀ ସଂପୂର୍ଣ୍ଣ ପ୍ରସ୍ତୁତ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ, ଶ୍ରୀ ରବି ନାରାୟଣ ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

### କେନ୍ଦ୍ର କ୍ୟାବିନେଟର...

ଏକ ମିଳିତ ଉଦ୍ୟୋଗ। ଏହା ଯମୁନା ଏକ୍ସପ୍ରେସୱେ ଶିଳ୍ପ ବିକାଶ ପ୍ରାଧିକରଣ ଅଞ୍ଚଳର ଜେୱାର ବିମାନବନ୍ଦର ନିକଟରେ ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପରେ ୩,୭୦୦ କୋଟି ଟଙ୍କା ନିବେଶ କରାଯିବ। ଏହା ଦେଶରେ ପ୍ରତିଷ୍ଠିତ ହେବାକୁ ଥିବା ଷଷ୍ଠ 'ସେମିକଣ୍ଡକ୍ଟର ୟୁନିଟ୍' । ଏହା ପୂର୍ବରୁ, ପାଞ୍ଚଟି ୟୁନିଟ୍ ନିର୍ମାଣର ଉନ୍ନତ ପର୍ଯ୍ୟାୟରେ ଅଛି। ଏହି ପ୍ଲାଂଟର ଲକ୍ଷ୍ୟ ମୋବାଇଲ୍ ଫୋନ୍, ଲାପଟପ୍, ଅଟୋମୋବାଇଲ୍, ପିସି ଏବଂ ଅନ୍ୟାନ୍ୟ ଉପକରଣ ପାଇଁ 'ଡିସପ୍ଲେ ଡ୍ରାଇଭର୍ ଚିପ୍ସ' ଉତ୍ପାଦନ କରିବା। ଏହି ପ୍ଲାଂଟକୁ ପ୍ରତି ମାସରେ ୨୦ ହଜାର ୱେଫର ପାଇଁ ଡିଜାଇନ୍ କରାଯାଇଛି। ଏହାର ଡିଜାଇନ୍ ଆଉଟପୁଟ୍ କ୍ଷମତା ପ୍ରତି ମାସରେ ୩.୬ କୋଟି ୟୁନିଟ୍ ହେବ।

### ବଢିଛି ଶ୍ରୀମନ୍ଦିର...

ଦର୍ଶନାର୍ଥୀ ମାନଙ୍କୁ କଡ଼ାକଡ଼ି ଯାଞ୍ଚ କରାଯାଉଛି। ବଡ଼ଦାଣ୍ଡ, ସମୁଦ୍ରକୂଳ ଓ ଜନଗହଳି ପୂର୍ଣ୍ଣ ସ୍ଥାନରେ ସାଧା ପୋଷାକଧାରୀ ପୋଲିସ ପଇଁତରା ମାରୁଛନ୍ତି। ସାରା ରାତି ପୋଲିସ ପକ୍ଷରୁ ଜୋରଦାର ଚେକିଂ ଏବଂ ବ୍ଲକିଂ କରାଯାଇଛି। ସହରର ବିଭିନ୍ନ ହୋଟେଲରେ ମଧ ଯାଞ୍ଚ କରାଯାଇଛି। ହୋଟେଲ ରହୁଥିବା ଲୋକମାନଙ୍କର ପରିଚୟପତ୍ରକୁ ଯାଞ୍ଚ କରାଯାଉଛି ଯସେହିପରି ସମୁଦ୍ରପଥ ଦେଇ ଆତଙ୍କବାଦୀମାନଙ୍କ ଅନୁପ୍ରବେଶ ସମ୍ଭାବନା ଥିବାରୁ ସମୁଦ୍ରରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରା ଯାଇଛି। ଜିଲ୍ଲାରେ ଥିବା ପେଣ୍ଟକଟା, ଅସ୍ତରଙ୍ଗ, ଚନ୍ଦ୍ରଭାଗା ଓ ଅରଖକୁଦା ପ୍ରଭୃତି ୪ଟି ସାମୁଦ୍ରିକ ଥାନା ଥାନାକୁ ଆଲର୍ଟ ରହିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

### ବ୍ରହ୍ମୋସର...

ମାଲେସିଆ, ଭିଏତନାମ, ଥାଇଲାଣ୍ଡ, ସିଙ୍ଗାପୁର, ବ୍ରୁନେଇ ଭଳି ବହୁ ଏସୀୟ ରାଷ୍ଟ୍ର ଭାରତରୁ ବ୍ରହ୍ମୋସ୍ କିଣିବାକୁ ଧାଡ଼ି ଲଗାଇଛନ୍ତି। ସେହିପରି ଦକ୍ଷିଣ ଆମେରିକାର ବ୍ରାଜିଲ, ଚିଲି, ଆର୍ଜେଣ୍ଟିନା ଏବଂ ଭେନେଜୁଏଲା ଭଳି ରାଷ୍ଟ୍ର ଭାରତରୁ ଏହି କ୍ଷେପଣାସ୍ତ୍ର କିଣିବାକୁ ଆଗ୍ରହ ପ୍ରକାଶ କରିଥିଲା ବେଳେ ଇଜିପ୍ଟ, ସାଉଦି ଆରବ, ୟୁଏଇ, କାତାର ଏବଂ ଓମାନ ଭଳି ବହୁ ମଧ୍ୟପ୍ରାଚ୍ୟ ରାଷ୍ଟ୍ର ମଧ ବ୍ରହ୍ମୋସ୍ କିଣିବାକୁ ଭାରତ ସହ କଥାବାର୍ତ୍ତା ଆରମ୍ଭ କରିଦେଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତର ଅତ୍ୟନ୍ତ ଦ୍ରୁତଗାମୀ ଏବଂ କ୍ରୁଜ୍ କ୍ଷେପଣାସ୍ତ୍ର ଭାବେ ବ୍ରହ୍ମୋସ୍ର ପ୍ରଥମ ପରୀକ୍ଷଣ ୨୦୦୧ରେ କରାଯାଇଥଲାଯ ଏହାର ଗତି କରିବାର କ୍ଷମତା ଶବ୍ଦ ଗତି ଠାରୁ ତିନିଗୁଣ ଅଧିକ ରହିଛି।

# ଆନ୍ତଃ ଡକାୟତି ଗ୍ୟାଙ୍ଗର ମୁଖ୍ୟ ଗିରଫ



**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁର କ୍ଷେତରାଜପୁର ଥାନା ପୋଲିସ ଆନ୍ତଃ ଡକାୟତି ଗ୍ୟାଙ୍ଗର ମୁଖ୍ୟକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ଏକ ପିସ୍ତଲ, ୧୨ଟି ଜୀବନ୍ତ ଗୁଳି, ଚୋରି ବାଇକ ଆଦି ଜବତ ହୋଇଛି। ଅଭିଯୁକ୍ତ ନାମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ୧୨ଟି ଓ ବାହାର ରାଜ୍ୟରେ ୨୮ଟି ମାମଲା ଥିବା ପୋଲିସ କହିଛି। ସୂଚନାଯୋଗ୍ୟ, କ୍ଷେତରାଜପୁର ଥାନା ଅନ୍ତର୍ଗତ ପୋଦାର କଲୋନୀର ପ୍ରତିଷ୍ଠିତ ବ୍ୟବସାୟୀ କୈଳାଶ ଚନ୍ଦ୍ର ଅଗ୍ରୱାଲଙ୍କ ଘରୁ ଗତ ୨୦ତାରିଖରେ ଡକାୟତି ହୋଇଥିଲା। ଏନେଇ ପୋଲିସ ତଦନ୍ତ ବେଳେ ମହମ୍ମଦ ଆଖଲକ୍ଷୁ (୫୦)ଙ୍କୁ ଗିରଫ କରିଛି। ଏହି ଘଟଣାରେ ଆଉ ଜଣଙ୍କ ସଂପୃକ୍ତି ଥିଲା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ଏହି ଗ୍ୟାଙ୍ଗର ସଦସ୍ୟ ସିନାପାଲି ଅଞ୍ଚଳରେ ଭଡାରେ ରହୁଥିଲେ। ଏକୁଟିଆ ଘର, ସିସିଟିଭି ଲାଗି ନଥିବା ଘରକୁ ଟାର୍ଗେଟ କରିଥିଲେ। ଘରର ତାଲା ଭାଙ୍ଗି ପ୍ରବେଶ କରିବା ସହ ଆଲମାରୀ ଆଦି କଟରରେ କାଟି ଟଙ୍କାସୁନା ଲୁଟି ନେଇଥିଲେ। ତେବେ ଗ୍ୟାଙ୍ଗର ମୁଖ୍ୟ ପ୍ଲେନ ଯୋଗେ ଯାତାୟତ ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି। ତେବେ ଫେରାର ଅନ୍ୟ ୨ଅଭିଯୁକ୍ତଙ୍କୁ ମଧ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି ।

# ଛେଳି ବେପାରୀଙ୍କୁ ଲୁଟ୍ ମାମଲାରେ ଆଉ ୫ ଗିରଫ

**ସୁନ୍ଦରଗଡ,(ଡିକେ ନ୍ୟୁଜ):** ବଘିଆ ବେର୍ଣୀଘାଟି ନିକଟ ଛେଳି ବେପାରୀଙ୍କୁ ଲୁଟ ମାମଲାରେ ଆଉ ୫ ଅପରାଧି ଗିରଫ କରିଥିବା କଥା ଆଜି ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାନ୍ତା ନୂତନ ସାମଦ



ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଗତ ଏପ୍ରିଲ ୧୭ ତାରିଖ ଦିନ ୧:୦୫ ରେ ମହମ୍ମଦ ମୁନ୍ନୁ ନାମକ ଜଣେ ବ୍ୟକ୍ତି ତଳସରା ଥାନାରେ ଲିଖିତ ଅଭିଯୋଗ କରିଥଲେ। ତିନୋଟି ବାଇକରେ ୭/୮ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ବନ୍ଧୁକ ମୁନରେ ଛେଳି ବ୍ୟବସାୟୀଙ୍କ ଠାରୁ ୨,୭୧୦୦୦ ନଗଦ ଟଙ୍କା ଓ ସେମାନେ ବ୍ୟବହାର କରୁଥିବା ସମସ୍ତ ମୋବାଇଲ ଫୋନ ଲୁଟି ଫେରାର ମାରିଥିଲେ। ଏହି ଘଟଣାରେ ତଳସରା ପୋଲିସ ପୂର୍ବରୁ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ ଆଜି ସେହି ମାମଲାରେ ସମ୍ପୃକ୍ତ ଥିବା ଆଉ ୫ ଜଣଙ୍କୁ ଗିରଫ କରିଛି। ଆଜି ଗିରଫ ହୋଇଥିବା ପାଞ୍ଚ ଅଭିଯୁକ୍ତ ହେଲେ- ଅମିତ ତିୱାରୀ, ଅକ୍ଷୟ ବେସନ, ବିକାଶ ଜୟପୁରିଆ, ପ୍ରକାଶ ଜୟପୁରିଆ ଓ ଆକାଶ କଡଡ଼ି। ଅମିତର ଘର ରାଜଗାଙ୍ଗପୁର ଥାନା ବଗିଚା ପଡ଼ା ହୋଇଥିବା ବେଳେ, ଅକ୍ଷୟ, ବିକାଶ, ପ୍ରକାଶ ଓ ଆକାଶର ଘର ଧରୁଆଡିହି ଥାନା ଅଞ୍ଚଳ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କହିଛନ୍ତି। ତେବେ ଏହି ଘଟଣାରେ ଆହୁରି ତିନି ଚାରି ଜଣ ଅପରାଧୀଙ୍କ ସଂପୃକ୍ତି ଥିବା କଥା ପୋଲିସ ତା ତଦନ୍ତରେ ଜାଣି ପାରିଛି। ତଳସରା ପୋଲିସ ଆଜି ଏହି ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୧୦,୦୦୦ ଟଙ୍କା, ଦୁଇଟି ବାଇକ, ଗୋଟିଏ ମାଉଜର, ଦୁଇଟି ସିଙ୍ଗଲ ସର୍ଟ ପିସ୍ତଲ ସହ ଦୁଇଟି ଜୀବନ୍ତ ଗୁଳି , ଗୋଟିଏ ମ୍ୟାଗଜିନ ସହ ଜୀବନ୍ତ ଗୁଳି ଓ ଚାରିଟି ମୋବାଇଲ ଫୋନ ଜବତ କରିଛି। ଆଜି ଅଭିଯୁକ୍ତ ମାନଙ୍କୁ ଦଫା ୩୧୦(୨)ବିଏନ୍ଏସ୍/୨୫/୨୭ ଆର୍ମସ୍ ଆକ୍ଟ ୧୯୫୯ରେ କୋର୍ଟ ଚାଲାଣ କରାଯିବା ନେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରେସମିଟ୍‌ରେ କହିଛନ୍ତି।

# ନର୍ସିଂହୋମ ନେଲା ମା' ସହିତ ନବଜାତର ଜୀବନ

**ସାନଖେମୁଣ୍ଡି ,(ଡିକେ ନ୍ୟୁଜ):** ଡାକ୍ତର ନଥିବା ନର୍ସିଂହୋମ ନେଲା ମାଆ ଓ ଶିଶୁର ଜୀବନ। ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକରେ। ସାନଖେମୁଣ୍ଡି ବ୍ଲକ ଡେଙ୍ଗାଓସ୍ତା ମୁଖ୍ୟ ରାସ୍ତାକଡ଼ରେ ଥିବା ଏକ ଘରୋଇ ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଜଣେ ପ୍ରସୂତି ଏବଂ ତାଙ୍କ ନବଜାତ ଶିଶୁପୁତ୍ରଙ୍କ ଜୀବନ ଚାଲିଯାଇଛି। ଉକ୍ତ ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଡାକ୍ତର ନଥାଇ କିପରି ଅସ୍ତ୍ରୋପଚାର କରୁଥିଲେ ଏବେ ପ୍ରଶ୍ନ ସୃଷ୍ଟି କରିଛି। ମୃତକଜଣଙ୍କ ହେଲେ ସାନଖେମୁଣ୍ଡି ବ୍ଲକ କରାଖଣ୍ଡି ଗ୍ରାମର ରୋଜି ନାୟକ। ସୂଚନାନୁଯାୟୀ, ଡେଙ୍ଗାଓସ୍ତା ଗ୍ରାମ ନିକଟସ୍ଥ ସିଙ୍ଗପୁର ଗ୍ରାମର ରୋଜି ପ୍ରାୟ ବର୍ଷକ ପୂର୍ବେ କରାଖଣ୍ଡି ଗ୍ରାମର ବାବୁ ନାୟକଙ୍କୁ ବିବାହ କରିଥିଲେ। ବାବୁ ଗୁଜୁରାଟର ଏକ ଘରୋଇ କମ୍ପାନୀରେ କାମ କରନ୍ତି। ରୋଜି ଗର୍ଭବତୀ ହେବାପରେ ସିଙ୍ଗପୁର ଗ୍ରାମର ବାପଘରେ ରହୁଥିଲେ। ରବିବାର ମଧାହ୍ନରେ ପେଟରେ ଯନ୍ତ୍ରଣା ହେବାରୁ ବାପଘର ଲୋକେ ତାଙ୍କୁ ଉକ୍ତ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ସେତେବେଳେ ଉକ୍ତ ନର୍ସିଂହୋମରେ କୌଣସି ଡାକ୍ତର ଉପସ୍ଥିତ ନଥିଲେ। ଉକ୍ତ ନର୍ସିଂହୋମର କର୍ମଚାରୀ ସେଠାରେ ରୋଜିଙ୍କ ଆଲଟ୍ରାସାଉଣ୍ଡ କରିଥିଲେ। ପରେ ତାଙ୍କୁ ଅଧିକ ପ୍ରସବ ବେଦନା ହେବାରୁ ଉପସ୍ଥିତ ନର୍ସିଂହୋମ କର୍ମଚାରୀମାନେ ରୋଜିଙ୍କ ପ୍ରସବ କରାଇବା ପାଇଁ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ପ୍ରସବ କରାଇବା ପାଇଁ ରାଜି ହୋଇଥିଲେ। ହେଲେ ସେମାନେ ଜାଣିନଥିଲେ ଯେ ଉକ୍ତ ନର୍ସିଂହୋମରେ ଡାକ୍ତର ନାହାନ୍ତି ବୋଲି। ଉକ୍ତ ନର୍ସିଂହୋମର କର୍ମଚାରୀ ସେଠାରେ ରୋଜିଙ୍କ ପ୍ରସବ କରାଇଥିଲେ। ନର୍ସିଂହୋମର କର୍ମଚାରୀଙ୍କ ଖମାଖିଆଲି ପାଇଁ ଭଲ ଥିବା ଶିଶୁ, ଶେଷରେ ମୃତ ହୋଇ ଜନ୍ମ ହୋଇଥିଲା ଓ ରୋଜିଙ୍କ ଅବସ୍ଥା ଗୁରୁତର ହୋଇଯାଇଥିଲା। ତଥାପି ନର୍ସିଂହୋମର କର୍ମଚାରୀମାନେ ରୋଜିଙ୍କୁ ସରକାରୀ ହସ୍ପିଟାଲକୁ ନ ଛାଡି କେଉଁ ଏକ ଡାକ୍ତରକୁ ଡାକି ରୋଜିଙ୍କ ଚିକିତ୍ସା କରାଇଥିଲେ। ଶିଶୁପୁତ୍ର ଜନ୍ମ ହେବାପରେ ରାତି ପ୍ରାୟ ୧୦ଟାରେ ରୋଜିଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲେ ମଧ ନର୍ସିଂହୋମ କର୍ତ୍ତୃପକ୍ଷ ରୋଜିଙ୍କ ପରିବାରଲୋକଙ୍କୁ ନ ଜଣାଇ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଦର୍ଶାଇ ୧୦୨ ଆମ୍ବୁଲାନ୍ସ ଡ଼କାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କୁ କରାଖଣ୍ଡି ଗ୍ରାମକୁ ନିଆଯାଇ ସୋମବାର ଗାଁ ଶ୍ମଶାନ ରେ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡିଛି। ଘଟଣା ପରଠାରୁ ଉକ୍ତ ନର୍ସିଂହୋମ ବନ୍ଦ ଥିବା ଦେଖିବାକୁ ମିଳୁଛି। ବାବୁଙ୍କ ମା' ତାଙ୍କୁ ଫୋନ୍ କରି ସ୍ତ୍ରୀ ଏବଂ ପୁଅର ମୃତ୍ୟୁ ଖବର ଦେଇଥିଲେ। ଖବରପାଇ ରୋଜିଙ୍କ ସ୍ୱାମୀ ବାବୁ ବିଦେଶୀରୁ ଗାଁ ରେ ପହଞ୍ଚି ପୁରା ଭାଙ୍ଗି ପଡ଼ିଥିଲେ। ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟଧିକାରୀ ଡ଼ା.ଭବାନୀ ଶଙ୍କର ମିଶ୍ରଙ୍କୁ ଯୋଗାଯୋଗ କରିବାରେ ଘଟଣାର ତଦନ୍ତ ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍ ବୁଲୁନାଥ ସାହୁଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଥିବା କହିଛନ୍ତି।

# କଳ୍ପନା ବାହାରେ...ବିଶ୍ୱ ରେକର୍ଡ କଲେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା



**ମୁମ୍ବାଇ, ୧୪/୫ (ହି.ସ):** ୨୦୨୪ରେ ଆଇସିସି ଟେଷ୍ଟ ଟିମରେ ନିଜ ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଥିବା ଜାଡେଜା ନିଜର ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କଚ ପ୍ରଭାବିତ କରିପାରିଛନ୍ତି। ଭାରତୀୟ ଟିମର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଐତିହାସିକ ରେକର୍ଡ କରିଛନ୍ତି। କ୍ରିକେଟ ଇତିହାସରେ ସେ ନୂଆ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। କେହି କେବେ କଳ୍ପନା କରି ନଥିବା ରେକର୍ଡ ଜାଡେଜା ହାସଲ କରିପାରିଛନ୍ତି। ସେ ବିଶ୍ୱର ଏକମାତ୍ର କ୍ରିକେଟର ଯିଏ ଦୀର୍ଘ ସମୟ ଧରି ଆଇସିସି ଟେଷ୍ଟ ଅଲରାଉଣ୍ଡରର ୧ନଂ ସ୍ଥାନରେ ରହିବାକୁ ସକ୍ଷମ ହୋଇଛନ୍ତି। ଦୀର୍ଘ ୧୧୫୧ ଦିନ ହେଲା ଜାଡେଜାଙ୍କୁ କେହି ବି ଟେଷ୍ଟ ଅଲରାଉଣ୍ଡର ରାଙ୍କିଙ୍ଗର ୧ନଂ ସ୍ଥାନରୁ ହଟାଇବାକୁ ସକ୍ଷମ ହୋଇ ନାହାନ୍ତି। ଏପରି ବିରଳ କୀର୍ତ୍ତିମାନ ପୂର୍ବରୁ ବିଶ୍ୱର କୌଣସି କ୍ରିକେଟର କେବେ ହେଲେ ହାସଲ କରି ନଥିଲେୟ ଷ୍ଟାର ସ୍ପିନର ଓ ଭାରତୀୟ ଟିମର ଭରସାଯୋଗ୍ୟ ନିମ୍ନକ୍ରମ ବ୍ୟାଟର ଚଳିତ ସପ୍ତାହରେ ମଧ ଆଇସିସି ପକ୍ଷରୁ ଜାରି ଟେଷ୍ଟ ଅଲରାଉଣ୍ଡର ରାଙ୍କିଙ୍ଗର ୧ନଂ ସ୍ଥାନରେ ଅତୁଟ ରହିଛନ୍ତି। ଦୀର୍ଘ ୧୧୫୧ ଦିନ ଧରି ୧ନଂ ସ୍ଥାନରେ ରହିବା ଟେଷ୍ଟ କ୍ରିକେଟରେ ଜାଡେଜାଙ୍କ ଦବଦବା ଓ ସ୍ଥିରତାକୁ ପ୍ରଦର୍ଶିତ କରିଛି। ବ୍ୟାଟିଂ ପାଇଁ ଆଦୌ ଉପଯୁକ୍ତ ନଥିବା ପିଚରେ ଗୁରୁତ୍ୱପୂର୍ଣ୍ଣ ଅର୍ଦ୍ଧ ଶତକ ହାସଲ କରିବା ଠାରୁ ଟର୍ଣ୍ଣିଂ ଟ୍ରାକରେ ୫ ୱିକେଟ ଦଖଲ କରିବା ୩୬ ବର୍ଷୀୟ ଜାଡେଜାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଖାସ ଏହି କାରଣ ପାଇଁ ସେ ଭାରତୀୟ ଟେଷ୍ଟ ଟିମର ମେରୁଦଣ୍ଡ ହୋଇ ରହିଛନ୍ତି। ୨୦୨୪ରେ ଆଇସିସି ଟେଷ୍ଟ ଟିମରେ ନିଜ ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଥିବା ଜାଡେଜା ନିଜର ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କଚ ପ୍ରଭାବିତ କରିପାରିଛନ୍ତି। ଗତବର୍ଷ ଜାଡେଜା ୨୯.୨୭ ହାରରେ ୫୨୭ ରନ କରିବା ସହ ୨୪.୨୯ ବୋଲିଂ ହାରରେ ୪୮ଟି ୱିକେଟ ନେଇଥିଲେୟ ଦୀର୍ଘ ସମୟ ଧରି ଆଇସିସି ଟେଷ୍ଟ ଅଲରାଉଣ୍ଡର ତାଲିକାରେ ରହିଥିବା କିମ୍ବଦନ୍ତୀ କ୍ରିକେଟର ଜ୍ୟାକ କାଲିସ, କପିଲ ଦେବ ଓ ଇମ୍ରାନ ଖାନଙ୍କ ଭଳି ଖେଳାଳିଙ୍କୁ ଜାଡେଜା ପଛରେ ପକାଇ ଦେଇଛନ୍ତି। ଜାଡେଜାଙ୍କ ପୂର୍ବରୁ ୱେଷ୍ଟଇଣ୍ଡିଜର ପୂର୍ବତନ ଅଲରାଉଣ୍ଡର ଜେସନ ହୋଲ୍ଡର ଆଇସିସି ଟେଷ୍ଟ ଅଲରାଉଣ୍ଡର ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିଲେ। କିନ୍ତୁ ୨୦୨୨ ମସିହା ମାର୍ଚ୍ଚ ମାସରେ ଜାଡେଜା ତାଙ୍କୁ ପଛରେ ପକାଇ ୧ନଂ ସ୍ଥାନ ଦଖଲ କରିଥିଲେ। ସେବେଠାରୁ ଲଗାତାର ୧୧୫୧ ଦିନ ହେଲା ଜେଡେଜା ସେହି ୧ନଂ ସ୍ଥାନରେ ରହିଛନ୍ତି। ଏବେ ତାଙ୍କ ପଏଣ୍ଟ ୪୦୦ ରହିଛି। ତାଙ୍କ ପଛକୁ ବାଂଲାଦେଶର ମେହିଦୀ ହାସନ ମିରାଜ ରହିଛନ୍ତି। ସେ ଧୀରେଧୀରେ ଜାଡେଜାଙ୍କ ନିକଟବର୍ତ୍ତୀ ହେଉଥିଲେ ହେଁ ତାଙ୍କ ପଏଣ୍ଟ ସଂଖ୍ୟା ୩୨୭ ରହିଛି। ମିରାଜ ନିକଟରେ ଜିମ୍ବାୱେ ବିପକ୍ଷ ଟେଷ୍ଟ ସିରିଜରେ ୧୧୬ ରନ କରିବା ସହ ୧୫ଟି ୱିକେଟ ନେଇଥିଲେ। ତେଣୁ ଆଇସିସି ଅଲରାଉଣ୍ଡର ତାଲିକାର ଦ୍ୱିତୀୟ ସ୍ଥାନକୁ ସେ ଉଠିଛନ୍ତି। ୩୨୭ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପଏଣ୍ଟ ହେଲେ ଜାଡେଜାଙ୍କ ଠାରୁ ଏହା ୨୭ କମ।

# ଏମଆଇ, ଆରସିବି, ଜିଟି ସହ ୬ଟି ଦଳକୁ ଲାଗିଲା ଝଟକା



**ନୂଆଦିଲ୍ଲୀ, ୧୪/୫ (ହି.ସ):** ଇଣ୍ଡିଆନ୍ ପ୍ରିମିୟର ଲିଗ୍ ସିଜିନ୍ ୧୮ ପୁଣି ଥରେ ଆରମ୍ଭ ହେବାକୁ ଯାଉଛି, ଏହା ମେ ୧୭ରେ ଆରସିବି ବନାମ କେକେଆରରୁ ଆରମ୍ଭ ହେବୟ ଫାଇନାଲ ମ୍ୟାଚ୍ ଜୁନ୍ ୩ ତାରିଖରେ ଖେଳାଯିବ। କିନ୍ତୁ ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ଏକ ଝଟକା ଦେଇଛି। ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ସାମିଲ ଥିବା ଖେଳାଳିମାନଙ୍କୁ ମେ ୨୬ ସୁଦ୍ଧା ଫେରିବାକୁ କହିଛି, ଏହା ପ୍ଲେଅଫ୍ ଦୌଡ଼ରେ ଥିବା ମୁମ୍ବାଇ ଇଣ୍ଡିଆନ୍ସ, ଆରସିବି, ଗୁଜରାଟ ଟାଇଟାନ୍ସ, ପଞ୍ଜାବ କିଙ୍ଗ୍ସ ସମେତ ୬ଟି ଦଳକୁ କ୍ଷତି ପହଞ୍ଚାଇବ। ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଶେଷ ମ୍ୟାଚ୍ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ। ଟାଇଟଲ ମ୍ୟାଚ୍ ୧୧ ରୁ ୧୫ ଜୁନ୍ ପର୍ଯ୍ୟନ୍ତ ଲର୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। କ୍ରିକେଟ ଦକ୍ଷିଣ ଆଫ୍ରିକା ଦଳରେ ସାମିଲ ଥିବା ଖେଳାଳି ମାନଙ୍କୁ ମେ ୨୬ ସୁଦ୍ଧା ଫେରିବାକୁ ନିର୍ଦ୍ଦେଶ ଦେଇଛି। ଏହା ଏଥିପାଇଁ ଯେ ଖେଳାଳିମାନେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲର ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ସମୟ ପାଇବେ। ପ୍ରକାଶଥାଉକି, ଆଇପିଏଲ ୨୦୨୫ରେ ମୋଟ ୨୦ ଜଣ ଦକ୍ଷିଣ ଆଫ୍ରିକୀୟ ଖେଳାଳି ବିଭିନ୍ନ ଦଳ ସହିତ ଜଡିତ ଅଛନ୍ତିୟ କିନ୍ତୁ ଏମାନଙ୍କ ମଧ୍ୟରୁ ୮ ଜଣ ଖେଳାଳି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ୍ ସ୍କ୍ୱାଡ୍ର ଅଂଶୟ ଏମାନଙ୍କ ମଧ୍ୟରୁ ୨ ଜଣ ଖେଳାଳି ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଅଛନ୍ତି। କର୍ବିନ ବୋଶ (ମୁମ୍ବାଇ ଇଣ୍ଡିଆନ୍ସ), ରିଆନ ରିକେଲଟନ (ମୁମ୍ବାଇ ଇଣ୍ଡିଆନ୍ସ), ୱାଇଆନ ମୁଲଡର (ସନରାଇଜର୍ସ ହାଇଦ୍ରାବାଦ), ମାର୍କୋ ଜାନସେନ (ପଞ୍ଜାବ କିଙ୍ଗସ), ଏଡେନ ମାର୍କରାମ (ଲକ୍ଷ୍ନୌ ସୁପରଜିଆଣ୍ଟସ), ଲୁଙ୍ଗି ଏନଗିଡି (ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର), କାଗିସୋ ରାବାଡା (ଗୁଜରାଟ ଟାଇଟାନ୍ସ) ଏବଂ ଟ୍ରିଷ୍ଟାନ ଷ୍ଟବସ (ଦିଲ୍ଲୀ କ୍ୟାପିଟାଲ୍ସ)ଙ୍କୁ ଡବ୍ଲୁଟିସି ଫାଇନାଲ ଦଳରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ କେବଳ ସନରାଇଜର୍ସ ହାଇଦ୍ରାବାଦ ବର୍ତ୍ତମାନ ପ୍ଲେଅଫ୍ ଦୌଡ଼ରୁ ବାହାର ହୋଇଛି।

# ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା: ମହିଳା ହକି, ଓମ୍ଲାରଙ୍କୁ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୧୪/୫ (ଡିକେ ନ୍ୟୁଜ୍):** ବିହାରରେ ଚାଲିଥିବା ସପ୍ତମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ମଙ୍ଗଳବାର ଓଡ଼ିଶାକୁ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ମିଳିଛି। ମହିଳା ହକି ଦଳ ଏବଂ ସଟ୍ପୁଟର୍ ଓମ୍ଲାର ନନ୍ଦ ସ୍ୱର୍ଣ୍ଣ ଭେଟି ଦେଇଥିଲା ବେଳେ କାଂସ୍ୟଟି ଜିତିଛନ୍ତି ଲଙ୍ଗ୍ ଜମ୍ପର୍ ପାର୍ବତୀ ହାଁସ୍‌ଦାୟ ମହିଳା ହକି ଫାଇନାଲରେ ଓଡ଼ିଶା ୩-୧ (୧-୧) ସୁଟ୍‌ଆଉଟରେ ଝାଡ଼ଖଣ୍ଡକୁ ହରାଇ ବିଜେତା ହୋଇଥିଲା। କଡ଼ାସଂଘର୍ଷ ପୂର୍ଣ୍ଣ ଏହି ଫାଇନାଲ୍ର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟରେ ଶେଷ ହୋଇଥିଲାୟ ତୃତୀୟ କ୍ୱାର୍ଟର ଶେଷ ହେବାକୁ କିଛି ସମୟ ଥିଲା ବେଳେ ଝାଡ଼ଖଣ୍ଡକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ସଙ୍ଗୀତା କୁମାରୀ (୪୨ ମିନିଟ୍) ଗୋଲ୍ରେ ପରିଣତ କରି ଦଳକୁ ଅଗ୍ରଣୀ ଦେଇଥିଲେ। ତେବେ ୫୧ତମ ମିନିଟ୍ରେ ଓଡ଼ିଶାର ରୋଜ୍ ମେରି ଖାକ୍ସୋଙ୍କ ଫିଲ୍ଡ ଗୋଲରେ ସ୍ଥିତି ୧-୧ ହୋଇଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ଅମୀମାଂସିତ ରହିବାରୁ ଫଳାଫଳ ଲାଗି ସୁଟ୍‌ଆଉଟର ସହଯୋଗ ନିଆଯାଇଥିଲା। ଏଥିରେ ଓଡ଼ିଶା ୩-୧ରେ ଜିତି ବିଜୟ ବାନା ଉଡ଼ାଇଥିଲା। ସୁଟ୍‌ଆଉଟରେ ଓଡ଼ିଶାର ଅଧିନାୟିକା ଦ୍ରୁପତି ନାଏକ ୨ ଥର, ଡଲି ଭୋଇ ସଫଳ ହୋଇଥିଲା ବେଳେ ଗୋଲି ପବିତ୍ରା ହୋଡ଼ାମ ୩ଟି ସଟ୍ ରୋକି ଦଳକୁ ବିଜୟ ଦେବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଅନ୍ୟପକ୍ଷରେ ଓଡ଼ିଶା ପୁରୁଷ ଦଳ କାଂସ୍ୟ ମୁକାବିଲାରେ ପଞ୍ଜାବଠୁ ୩-୪ ଗୋଲରେ ହାରି ପଦକ ହାତଛଡ଼ା କରିଛି। ବାଳକ ସଟ୍ପୁଟ୍ରେ ଓମ୍ଲାର ନନ୍ଦ ୨୦.୮୯ ମିଟର ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ଜିତିଥିଲେୟ ତାଙ୍କ ପଛକୁ ଉତ୍ତରପ୍ରଦେଶର ଅଖଣ୍ଡ ପ୍ରତାପ ସିଂହ (୧୯.୪୬ ମିଟର) ରେପ୍ୟ ଏବଂ ହରିୟାଣାର ନିଶ୍ଚୟ (୧୯.୪୩ ମିଟର) କାଂସ୍ୟ ପାଇଥିଲେ। ଲଙ୍ଗ୍ ଜମ୍ପ୍ରେ ପାର୍ବତୀ ୫.୪୩ ମିଟର ଡେଇଁ କାଂସ୍ୟ ପଦକ ଜିତିଥିଲେୟ ତାମିଲନାଡୁର ସାଧନା ରବି (୫.୭୦ ମିଟର) ସ୍ୱର୍ଣ୍ଣ ଏବଂ କେରଳର ଅନନ୍ୟା ଏସ୍ (୫.୪୪ ମିଟର) ରେପ୍ୟ ପାଇଥିଲେ। ଏଥିସହ ଏହିପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୧୧ (୫ ସ୍ୱର୍ଣ୍ଣ, ୫ ରେପ୍ୟ ଓ ୧ କାଂସ୍ୟ)ରେ ପହଞ୍ଚିଛି।

# ଝାରସୁଗଡା ଆନ୍ତଃ କ୍ଲବ/ସ୍କୁଲ ବାଳକ ହକି ଜୁନିୟର ପ୍ରତିଯୋଗିତାରେ ଗୋଲଡେନ କ୍ଲବ ଚମ୍ପିଆନ



**ଝାରସୁଗୁଡ଼ା, ୧୪/୫(ଡିକେ ନ୍ୟୁଜ୍):** ହକି ଆସୋସିଏସନ ଝାରସୁଗୁଡା ଜିଲ୍ଲା ଆନୁକୁଲ୍ୟରେ ହକି ଷ୍ଟାଡିୟମ ଏଚ.କଟାପାଲି ଠାରେ ଗତ ରବିବାର ଠାରୁ ଅପରାହ୍ନରେ ଆରମ୍ଭ ହୋଇ ଥିବା ଆନ୍ତଃ କ୍ଲବ ୫-ଏ ସାଇଡ ହକି ଜୁନିୟର ବାଳକ ପ୍ରତିଯୋଗିତାର ଆଜି ୪ର୍ଥ ଦିବସରେ ୨ୟ ସେମିଫାଇନାଲ ଏକଲବ୍ୟ ସ୍କୁଲ କିରିମିରା ଓ ପୋଗ୍ରେଶିଭ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ୪-୦ ଗୋଲରେ ପୋଗ୍ରେଶିଭ କ୍ଲବ ବିଜୟଲାଭ କରି ଫାଇନାଲକୁ ଉନ୍ନିତ ହୋଇ ଥିଲା। ଆଜିର ବିଜୟୀ ଦଳ ପୋଗ୍ରେଶିଭ କ୍ଲବ ଓ କାଲିର ମ୍ୟାଚର ବିଜୟୀ ଦଳ ଗୋଲଡନ କ୍ଲବ ରେଲବାଇ କଲୋନୀ ଓ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ଥିଲା । ଏହି ଖେଳଟି ଅତ୍ୟନ୍ତ ପ୍ରତିଦ୍ୱନ୍ଦିତା ମୁଳକ ହୋଇ ଥିଲା ଗୋଲଡନ କ୍ଲବ ଶେଷରେ ୬-୨ ଗୋଲରେ ବିଜୟୀ ହୋଇ ୨୦୨୫ ମସିହାର ୫-ଏ ସାଇଡ ହକି ଜୁନିୟର ବାଳକ ଚମ୍ପିଆନ ହୋଇ ଥିଲା। ଆଜି ଶେଷ ଦିନରେ ମୁଖ୍ୟ ଅତିଥି ଭାବରେ ଭାବରେ ଝାରସୁଗୁଡା ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ମଲ୍ଲିକ ଖେଳାଳି ମାନଙ୍କ ସହିତ ପରିଚିତ ହୋଇ ଥିଲେ। ମୁଖ୍ୟ ଅତିଥି ଶ୍ରୀ ମଲ୍ଲିକ ଚମ୍ପିଆନ ଗୋଲଡେନ କ୍ଲବକୁ ଟ୍ରଫି ସହ ୮ ହଜାର ଟଙ୍କା ପ୍ରଦାନ କରି ଥିଲେ। ରନର୍ସଅପ୍ ଦଳକୁ ଟ୍ରଫିସହ ୫ହଜାର ଟଙ୍କା ଝାରସୁଗୁଡା ଜିଲ୍ଲା କ୍ରୀଡା ଅଧିକାରୀ ତୁଷାରକାନ୍ତି ମିଶ୍ର ପ୍ରଦାନ କରି ଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ୧୯ ବର୍ଷ ବୟସରୁ କମ୍ ବର୍ଗର ବାଳକ ହକି ଖେଳାଳି ପୋଗ୍ରେଶିଭ କ୍ଲବର ଜୟଦୀପ କେରକେଟା ସର୍ବ ଶ୍ରେଷ୍ଠ ଖେଳାଳି ହୋଇ ଥିବା ବେଳେ ଅଗ୍ରଭାଗର ଖେଳାଳି ଅଧିକ ଗୋଲ ଦେଇ ଥିବାରୁ ନିମନ କୁଜୁରକୁ ଆସୋସିଏସନ ତରଫରୁ ହକି ଷ୍ଟିକ ପ୍ରଦାନ କରାଯାଇଥିଲା। ଅନ୍ୟ ଅତିଥି ଭାବରେ ଜ୍ୟୋତି ଲାଟ, ବିଜୟ ବେହେରା, କ୍ଲେମେନଟ ରୋନାଲଟ, ବାସୁଦେବ ସେଠି,କୁମୁଦ ରଜଂନ ଉପସ୍ଥିତ ଥିଲେ। ଆନ୍ତଃ କ୍ଲବ ୫-ଏ ସାଇଡ ହକି ଜୁନିୟର ବାଳକ ନକ୍ ଆଉଟ ପ୍ରତିଯୋଗିତା କ୍ଲବ ସ୍ତରରେ ଓଡିଶାର ପ୍ରଥମ ଜିଲ୍ଲା ଭାବରେ ସଫଳତା ସହିତ ଅନୁଷ୍ଠିତ ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଝାରସୁଗୁଡା ଜିଲ୍ଲା ଓଡିଶାରେ ଆନ୍ତଃ ରାଜ୍ୟ ସବ-ଜୁନିୟର ବାଳିକା ୫-ଏ ସାଇଡ ହକି ପ୍ରତିଯୋଗିତା ଗତ ମାସରେ ହକି ଆସୋସିଏସନ ଝାରସୁଗୁଡା ଦ୍ୱାରା ହକି ଷ୍ଟାଡିୟମରେ ଅନୁଷ୍ଠିତ ହୋଇ ଥିଲା। ଏହା ଦ୍ୱାରା ଜିଲ୍ଲାରେ ଅଧିକ ଖେଳାଳି ସୃଷ୍ଟି ହେବେ ବୋଲି ଓଡିଶା ହକି ଆସୋସିଏସନ ଉପ-ସଭାପତି ଜୀବନ ମହାନ୍ତି ପ୍ରକାଶ କରିଛନ୍ତି।ଏହି ଖେଳକୁ ଶକୁନ ନାୟକ, ପ୍ରଫୁଲ୍ଲ କୁଲୁ,ସୁଜିତ ଲାକ୍ରା,ସଙ୍ଗିତା ରୋଜ କୁଲୁ, ଗାୟତ୍ରୀ କିଶାନ ଓ ଜିତେନ୍ଦ୍ର ମହନ୍ତ ପରିଚାଳନା କରି ଥିଲେ।

# ବିରାଟ କୋହଲିଙ୍କ ଫିଟନେସ୍ ରହସ୍ୟ



**ମୁମ୍ବାଇ, ୧୪/୫(ହି.ସ):** ବିରାଟ କୋହଲି ବିଶ୍ୱର ଅଗ୍ରଣୀ କ୍ରିକେଟର ତଥା ଫିଟନେସ୍ ଆଇକନ ଭାବେ ପରିଚିତୟ ତାଙ୍କ ଫିଟନେସ୍ ରହସ୍ୟ କେବଳ ଶାରୀରିକ କସରତ ନୁହେଁ, ବରଂ ଏକ ଅନୁଶାସିତ ଜୀବନଶୈଳୀ, ସନ୍ତୁଳିତ ଖାଦ୍ୟ, ନିୟମିତ ନିଦ୍ରା, ମାନସିକ ସ୍ଥିରତା ଏବଂ ପରିବାର ସହ ସମୟ କାଟିବାର ସମନ୍ୱୟ ଅଟେ। ବିରାଟ କୋହଲିଙ୍କ କ୍ରିକେଟ କୃତିତ୍ୱକୁ ଅନୁକରଣ କରିବା କଷ୍ଟକର ହୋଇପାରେ, କାରଣ ସେ ଖେଳର ଦୀର୍ଘ ଫର୍ମାଟରୁ ଅବସର ନେଇଛନ୍ତି। କିନ୍ତୁ ସେ ଯୁବ ପିଢ଼ି ମଧ୍ୟରେ ଫିଟନେସକୁ ଆକର୍ଷଣୀୟ ଓ ସହଜ କରି ଦେଖାଇଛନ୍ତି। ମିଠା ପ୍ରିୟ ଏକ ଶିଶୁ ଭାବେ, ଯିଏ ହୋଟେଲ ରୁମର ମିନି ବାରରେ ଥିବା ୪୦ ଟଫିର ଦୁଇ ପ୍ୟାକେଟକୁ ଏକ ସପ୍ତାହରେ ଶେଷ କରିପାରୁଥିଲେ ଏବଂ ଚିକେନ ଫ୍ରାଇଡ ରାଇସ ଖାଇ ତୃପ୍ତ ହେଉଥିଲେ, ସେ ଏକ ଅନୁଶାସିତ ଜୀବନଶୈଳୀକୁ ଅଙ୍ଗୀକାର କରିଥିଲେ। ତେବେ କୋହଲିଙ୍କର ଏହି ଅନୁଶାସନମୂଳକ ନିୟମ ଗୁଡ଼ିକ କ'ଣ, ଯାହା ସମସ୍ତଙ୍କ ପାଇଁ କାର୍ଯ୍ୟକାରୀ ହୋଇପାରେ? କୋହଲିଙ୍କ ପାଇଁ ଖାଦ୍ୟ ହେଉଛି ଶରୀରକୁ କାର୍ଯ୍ୟକ୍ଷମ ରଖିବାର ଇନ୍ଧନ, ନା ଯେ ଏହା କେବଳ ସ୍ୱାଦ ପାଇଁ। ତେଣୁ ଆପଣ ଯଦି ବିରାଟଙ୍କ ଭଳି ସ୍ୱାସ୍ଥ୍ୟ ଚାହୁଁଛନ୍ତି ସେ ମିଠା କିମ୍ବା କ୍ଷୀରଜାତ ଖାଦ୍ୟ ଖାଆନ୍ତି ନାହିଁ, ପ୍ରାୟତଃ ସିଝା ଏବଂ ଗ୍ରିଲ୍ଡ ଖାଦ୍ୟ ଖାଆନ୍ତି, ଯେଉଁଥିରେ ଅଳ୍ପ ମସଲା ପ୍ରୋଟିନ ଯୁକ୍ତ ପର୍ଯ୍ୟାପ୍ତ ଖାଦ୍ୟ ଖାଆନ୍ତୁ। ଏହା ସହିତ ନିୟମିତ ରେଜିଷ୍ଟାନ୍ସ ଟ୍ରେନିଂ କରନ୍ତୁ। ପ୍ରାଣୀଜ ପ୍ରୋଟିନରେ ସମ୍ପୂର୍ଣ୍ଣ ଆମିନୋ ଏସିଡ୍ ଥାଏ, କିନ୍ତୁ ବିଭିନ୍ନ ପ୍ଲାଣ୍ଟ-ବେସ୍ଡ ପ୍ରୋଟିନ ମିଶାଇ ସେହି ସ୍ତର ହାସଲ କରାଯାଇପାରେ। ଡାଲି, ବାଦାମ, ବିହନ, ଶସ୍ୟ ଏବଂ ତଟକା ପନିପରିବା ସାମିଲ କରନ୍ତୁ। ଏକଦା ସେ କହିଥିଲେ ଯେ ସେ ଛଅ ମାସ ପର୍ଯ୍ୟନ୍ତ ଦିନକୁ ତିନିଥର ସମାନ ଖାଦ୍ୟ ଖାଇପାରନ୍ତିୟ ଏହା କ୍ୟାଲୋରୀ ସନ୍ତୁଳନ ରକ୍ଷା କରେ, ଓଜନ କମାଇବାରେ ସାହାଯ୍ୟ କରେ ଏବଂ ପଚନକ୍ରିୟା ସଜାଡ଼ିବାରେ ସହାୟକ ହୁଏୟ ଯଦିଓ ଏକାଗ୍ରତା ଆନ୍ତ ବ୍ୟାକ୍ଟେରିଆକୁ କରିପାରେ, କୋହଲିଙ୍କ ମତଲବ ଥିଲା ଯେ ସେ ତିନୋଟି ଖାଦ୍ୟରେ ସନ୍ତୁଳିତ ଫର୍ମୁଲା ରଖନ୍ତି, ପ୍ରତ୍ୟେକ ଖାଦ୍ୟରେ ଭିନ୍ନ ପୋଷଣ, ଖଣିଜ ଏବଂ ଭିଟାମିନ ରହେ ଯାହା ପୋଷଣ ଅଭାବକୁ ରୋକେୟ ଏହି କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ପ୍ୟାଟର୍ନ ଲାଭଦାୟକ। କୋହଲି ଶକ୍ତି ତାଲିମକୁ (ହାଇ-ଇଣ୍ଟେନସିଟି ଇଣ୍ଟରଭାଲ ଟ୍ରେନିଂ) ସହ ମିଶାଇଥାନ୍ତି, ଯେଉଁଥିରେ ସଂକ୍ଷିପ୍ତ ତୀବ୍ର ବ୍ୟାୟାମ ଏବଂ ଅଳ୍ପ ବିଶ୍ରାମ ଅବଧି ଥାଏ, ଯାହା ହାର୍ଟ ରେଟ୍ ହାରକୁ ଉଚ୍ଚ ରଖେ ଏବଂ ମେଟାବୋଲିଜମକୁ ସକ୍ରିୟ ରଖେ। ବର୍ପି, ବଡ଼ି ଓଜନ ସ୍କ୍ୱାଟ, ପୁସ୍-ଅପ୍, ପ୍ଲାଙ୍କ ଏବଂ ଇଣ୍ଟରଭାଲ ସହ ଦୌଡ଼ିବା ଏହାର ଉଦାହରଣୟ ଏହା କମ୍ ସମୟରେ ଅଧିକ କ୍ୟାଲୋରୀ ଜାଳିବାରେ ସାହାଯ୍ୟ କରେ ଏବଂ ମାଂସପେଶୀ ବଜାୟ ରଖି ଚର୍ବି ହ୍ରାସ କରେୟ ସେ ଚଞ୍ଚଳତା ଡ୍ରିଲ୍-ଜମ୍ପିଂ, ହପିଂ, ଲାଡର ବ୍ୟାୟାମ-କରନ୍ତି, ଯାହା ସନ୍ତୁଳନ, ସହନଶୀଳତା, ସମନ୍ୱୟ ଏବଂ ଜ୍ଞାନାତ୍ମକ କାର୍ଯ୍ୟକୁ ଉନ୍ନତ କରେ। ତା'ପରେ ସେ କାର୍ଡିଓ ବା ଏରୋବିକ୍ ବ୍ୟାୟାମ କରନ୍ତି, ଯାହା ହୃଦୟ ହାର ବଢ଼ାଇ ଅକ୍ସିଜେନ ଗ୍ରହଣକୁ ବଢ଼ାଇଥାଏ। ଏହା ମଜାଦାର ହେବା ପାଇଁ ସେ ପ୍ରାକୃତିକ ପଥରେ ହାଇକିଂ କରୁଥିବା ଦେଖାଯାଏ। ଏଥିସହିତ ସେ ରିକଭରୀ ରୁଟିନ ପ୍ରତି ମଧ ଯତ୍ନଶୀଳ, ଯେଉଁଥିରେ ଥଣ୍ଡା ଝରଣା ଏବଂ ଉଚ୍ଚ-କ୍ରୁଏ ବା ଆଲକାଲାଇନ ପାଣି ସାମିଲ, ଯାହା ଆଣ୍ଟିଅକ୍ସିଡାଣ୍ଟ ଯୋଗାଇ ହାଡ଼ର ସ୍ୱାସ୍ଥ୍ୟ ବଢ଼ାଇଥାଏ। କୋହଲି ଶୀଘ୍ର ଏବଂ ପୂର୍ଣ୍ଣ ଆଠ ଘଣ୍ଟା ଶୋଇଥାନ୍ତି, ଯାହାଦ୍ୱାରା ତାଙ୍କର ଶରୀର ଓ ମନକୁ ଆବଶ୍ୟକ ଆରାମ ମିଳିଥାଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ପ୍ରତି ରାତିରେ ପରାମର୍ଶିତ ଘଣ୍ଟାରୁ କମ୍ ନିଦ୍ରା ପାଇଁ ଏକ ସପ୍ତାହ ପରେ, ଜଣେ ବ୍ୟକ୍ତିର ରକ୍ତ ଶର୍କରା ସ୍ତର ଏତେ ବୃଦ୍ଧି ପାଇଥାଏ ଯେ ସେମାନଙ୍କୁ ପ୍ରି-ଡାୟାବେଟିକ୍ ଶ୍ରେଣୀରେ ରଖାଯାଇପାରେ। ଆଉ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୧୭-୧୯ ଘଣ୍ଟାରୁ ଅଧିକ ସମୟ ଜାଗ୍ରତ ରହିବା ପରେ, ଜଣେ ବ୍ୟକ୍ତିର ସ୍ମରଣଶକ୍ତି ହ୍ରାସ ପାଇଥାଏ। କୋହଲି ସର୍ବଦା ସୀମା ନିର୍ଦ୍ଧାରଣ କରିଛନ୍ତି ଏବଂ ଏହା ହୁଏତ ତାଙ୍କୁ ୩୬ ବର୍ଷ ବୟସରେ ଅବସର ନେବାର କାରଣୟ ସେ ଜଣେ ସକ୍ରିୟ ପିତା, ପରିବାର ସହ ବାହାରକୁ ଯିବା ପାଇଁ ସମୟ ଦିଅନ୍ତି ଏବଂ ନିଜ ପାଇଁ ସମୟ ଦେବାକୁ ଆପୋଷ ବୁଝାମଣା କରନ୍ତି ନାହିଁ।

# ଗୋଲଡେନ୍ ବଏ ନୀରଜ ଚୋପ୍ରାଙ୍କୁ ଭାରତୀୟ ସେନାରେ ମିଳିଲା ବଡ଼ ପଦବୀ



**ନୂଆଦିଲ୍ଲୀ,୧୪/୫ (ହି.ସ):** ଭାରତର ଗୌରବ ଏବଂ ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରାଙ୍କୁ ଭାରତୀୟ ସେନାର ଟେରିଟୋରିଆଲ ଆର୍ମୀରେ 'ଲେଫ୍ଟିନେଣ୍ଟ କର୍ଣ୍ଣେଲ' ପଦବୀରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ତାଙ୍କୁ ତାଙ୍କର କ୍ରୀଡ଼ା କ୍ଷେତ୍ରରେ ଅସାଧାରଣ ପ୍ରଦର୍ଶନ ଏବଂ ଦେଶ ପାଇଁ ଗୌରବ ଆଣିଥିବା ଯୋଗଦାନ ପାଇଁ ପ୍ରଦାନ କରାଯାଇଛି। ଏହି ପଦବୀ ସହିତ ନୀରଜ ଜାଭେଲିନ୍ ଥ୍ରୋ'ରେ ବିଶ୍ୱକୁ ଜିତିବା ସହ ସେନାରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ ଗ୍ରହଣ କରିବେ। ୨୬ ବର୍ଷୀୟ ନୀରଜ ଚୋପ୍ରା, ଯିଏ ହରିୟାଣାର ପାନିପତ ନିକଟସ୍ଥ ଖାଣ୍ଡା ଗାଁରୁ ଆସିଛନ୍ତି, ୨୦୨୧ ମସିହାରେ ଟୋକିଓ ଅଲିମ୍ପିକରେ ୮୭.୫୮ ମିଟର ଜାଭେଲିନ୍ ଥ୍ରୋ'ରେ ଭାରତ ପାଇଁ ପ୍ରଥମ ଆଥଲେଟିକ୍ସ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ୨୦୨୪ ପ୍ୟାରିସ ଅଲିମ୍ପିକରେ ସେ ୮୯.୪୫ ମିଟର ଫିଙ୍ଗି ରୌପ୍ୟ ପଦକ ହାସଲ କରି ଭାରତର ଗୌରବ ବୃଦ୍ଧି କରିଥିଲେ। ସେ ଭାରତର ଏକମାତ୍ର ଆଥଲିଟ ଯିଏ ଦୁଇଟି ଭିନ୍ନ ଅଲିମ୍ପିକ୍ ପଦକ (ସ୍ୱର୍ଣ୍ଣ ଓ ରୌପ୍ୟ) ଜିତିଛନ୍ତି। ନୀରଜ ବର୍ତ୍ତମାନ ଭାରତୀୟ ସେନାରେ ସୁବେଦାର ମେଜର ଭାବେ କାର୍ଯ୍ୟ କରୁଛନ୍ତି। ଏହି ନୂଆ ପଦବୀ ତାଙ୍କୁ ସେନାରେ ଏକ ଉଚ୍ଚ ସ୍ଥାନ ପ୍ରଦାନ କରିଛି, ଯାହା ତାଙ୍କର ଦେଶପ୍ରେମ ଓ ସେବା ପ୍ରତି ନିଷ୍ଠାକୁ ସୂଚାଇଛି।

# କାନ୍ସରେ ମହଙ୍ଗା ଡ୍ରେସ୍ ପିନ୍ଧି ଓହ୍ଲାଇଲେ ଉର୍ବଶୀ, ଦାମ୍ ଜାଣିଲେ ହେବେ ଆଶ୍ଚର୍ଯ୍ୟ

**ମୁମ୍ବାଇ, ୧୪/୫ (ହି.ସ):** ବଲିଉଡ ଅଭିନେତ୍ରୀ ଉର୍ବଶୀ ରଉତେଲା ସ୍ୱତନ୍ତ୍ର ଫ୍ୟାଶନ ସେନ୍ସ ପାଇଁ ଜଣାଶୁଣା। ଏଥର କାନ୍ସ ଫିଲ୍ମ ଫେଷ୍ଟିଭାଲ ୨୦୨୫ର ରେଡ କାର୍ପେଟରେ ସେ ତାଙ୍କର ପ୍ରଥମ ଲୁକ ସହିତ ହଇଚଇ ସୃଷ୍ଟି କରିଛନ୍ତି। କାନ୍ସର ପ୍ରଥମ ଦିନରେ, ଉର୍ବଶୀ ଏକ ସୁନ୍ଦର ଏବଂ ମହଙ୍ଗା ଗାଉନ ପିନ୍ଧି ରେଡ କାର୍ପେଟରେ ଚାଲିଥିଲେୟ ଏହି ଗାଉନର ମୂଲ୍ୟ ଜାଣି ଆପଣ ଆଶ୍ଚର୍ଯ୍ୟ ହୋଇଯିବେୟ କାନ୍ସରେ ଉର୍ବଶୀ ପିନ୍ଧିଥିବା କଷ୍ଟମ-ମେଡ ଗାଉନ ପ୍ରସିଦ୍ଧ ଡିଜାଇନର୍ ମାଇକେଲ ସିଙ୍କୋଙ୍କ ଦ୍ୱାରା ଡିଜାଇନ କରାଯାଇଥିଲା ଏହାର ମୂଲ୍ୟ ପ୍ରାୟ ୪.୮ ମିଲିୟନ ଡଲାର ଅର୍ଥା ପ୍ରାୟ ୪୦ କୋଟି ଟଙ୍କା। ଏହି ଗାଉନର ବିଶେଷତ୍ୱ କେବଳ ଏହାର ମୂଲ୍ୟ ନୁହେଁ ବରଂ ଏହାର ଚମତ୍କାର ଡିଜାଇନ ମଧ୍ୟ ଉର୍ବଶୀଙ୍କ ଏହି ଗାଉନ ମେକ୍ସିକାନ କଳା ଦ୍ୱାରା ଅନୁପ୍ରାଣିତ। ଏହାକୁ ତିଆରି କରିବାରେ ହଜାର ହଜାର ଘଣ୍ଟା ଲାଗିଥିଲା ଏବଂ ଏଥିରେ ସ୍ଫଟିକ, ମୂଲ୍ୟବାନ ହୀରା ଏବଂ ବିଭିନ୍ନ ପ୍ରକାରର କପଡ଼ା ବ୍ୟବହାର କରାଯାଇଥିଲାୟ ଏହି ଗାଉନର ଡିଜାଇନ ମେକ୍ସିକାନ ଏବଂ ଆଜଟେକ କଳାକୁ ପ୍ରତିଫଳିତ କରେ। ମାଇକେଲ ସିଙ୍କୋଙ୍କୁ ପୂର୍ବରୁ ଶ୍ରେଷ୍ଠ ଡିଜାଇନର୍ମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ ଏବଂ ତାଙ୍କ ନାମ ଏହି ଗାଉନର ସୌନ୍ଦର୍ଯ୍ୟକୁ ଆହୁରି ବୃଦ୍ଧି କରିଛି। ଏହି ଗାଉନ କାନ୍ସ ଭଳି ଏକ ବଡ଼ କାର୍ଯ୍ୟକ୍ରମ ପାଇଁ ଏକ ଉପଯୁକ୍ତ ପସନ୍ଦ ଥିଲା, ଯାହା ଉର୍ବଶୀଙ୍କୁ ରେଡ କାର୍ପେଟରେ ଭିନ୍ନ ଏବଂ ସ୍ୱତନ୍ତ୍ର କରିଥିଲା।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik